BAGEESHA

# ବାଗୀଶ

ମଇ - ଜୁନ ୨୦୨୩



# ବାଗୀଶ

## BAGEESHA

ସମାଲୋଚନାଧର୍ମୀ ପତ୍ରିକା


ପ୍ରଥମ ବର୍ଷ, ତୃତୀୟ ସଂଖ୍ୟା
ମଇ - ଜୁନ୍ ୨୦୨୩

Volume No. 01
Issue No. 03
May - June 2023



ଯୋଗାଯୋଗ
ବି. କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍, ମହିଳା
ମହାବିଦ୍ୟାଳୟ ଲେନ୍, ନୟାଗଡ଼ - ୭୫୨୦୬୯

E-mail :
bageesha.magazine@gmail.com
Phone No. 9337166172




॥ ଓମ୍ ଗଣନାଥାୟ ନମଃ ॥

---


ପ୍ରତିଷ୍ଠାତା - ସଂପାଦକ
**ବିକେଶ ସାହୁ**

---

Founder & Editor
**Bikesh Sahu**

Edited and Published
By
**Sri Bikesh Sahu**
At - Bhuslad, Po - Dedhagaon,
P.S - Sindhekela
Dist - Balangir - 767035

ବାଗୀଶ

BAGEESHA

ସମାଲୋଚନାଧର୍ମୀ ପତ୍ରିକା

## ଉପଦେଷ୍ଟା ମଣ୍ଡଳୀ



ଡ. ବିଜୟଲକ୍ଷ୍ମୀ ଦାଶ

ସହଯୋଗୀ ପ୍ରଫେସର, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ



ଡ. ରବୀନ୍ଦ୍ର କୁମାର ଦାସ

ସହଯୋଗୀ ପ୍ରଫେସର,ବିଶ୍ୱଭାରତୀ, ଶାନ୍ତିନିକେତନ

## ଆମ କଥା

- 'ବାଗୀଶ' ଏକ ଦ୍ୱି-ମାସିକ ଗବେଷଣା ଓ ଆଲୋଚନାଧର୍ମୀ ପତ୍ରିକା।
- 'ବାଗୀଶ'ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ଆଲୋଚନା ପ୍ରକାଶିତ ହୋଇଥାଏ।
- 'ବାଗୀଶ' ଯୁବପୀଢ଼ିଙ୍କୁ ଗବେଷଣାମନସ୍କ କରିବା ନିମନ୍ତେ ପ୍ରୟାସ କରିବା ସହ ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି।
- 'ବାଗୀଶ' ନିମ୍ନ ନିର୍ଦ୍ଦେଶିତ ବିଭାଗଗୁଡ଼ିକରେ ସମୃଦ୍ଧ :

**ପ୍ରବନ୍ଧ ଓ ଆଲୋଚନା ବିଭାଗ** : ଏହି ବିଭାଗ ନିମନ୍ତେ ଆପଣ ଯେକୌଣସି ମୌଳିକ ପ୍ରବନ୍ଧ ଓ ଆଲୋଚନା ଦେଇପାରିବେ ।

**ନୂଆ ବହି** : ଏହି ବିଭାଗ ପାଇଁ ସଦ୍ୟ ପ୍ରକାଶିତ ପୁସ୍ତକ ଖଣ୍ଡିଏ ଲେଖକ କିମ୍ବା ପ୍ରକାଶକ ଆମ ଠିକଣାରେ ପଠେଇବାକୁ ହେବ। ପ୍ରାପ୍ତ ପୁସ୍ତକର ଏକ କ୍ଷୁଦ୍ର ସୂଚନାତ୍ମକ ବିବରଣୀ ସହ ଏହାକୁ ପତ୍ରିକାରେ ଉପସ୍ଥାପନ କରାଯିବ। ଏହି ବିଭାଗ ନିମନ୍ତେ ପ୍ରତି ବହି ପାଇଁ ପତ୍ରିକାର ଗୋଟିଏ ଫର୍ଦ୍ଦ ଆମେ ସଂରକ୍ଷିତ ରଖିଛୁ।

**'ବାଗୀଶ' ବରେଣ୍ୟ** : ପ୍ରତି ସଂଖ୍ୟାରେ ସଂପାଦନା ମଣ୍ଡଳୀଙ୍କ ଦ୍ୱାରା ଜଣେ ବରିଷ୍ଠ ସମାଲୋଚକଙ୍କ ସହ ସାକ୍ଷାତକାର ପ୍ରକାଶିତ ହୁଏ।

**ଦ୍ରଷ୍ଟବ୍ୟ** : ଲେଖାଟି ଓଡ଼ିଆ ୟୁନିକୋଡ଼ରେ ଡ଼ିଟିପି ହୋଇଥିବା ଆବଶ୍ୟକ। ଲେଖା ସହ ଲେଖକଙ୍କ ସଂକ୍ଷିପ୍ତ ପରିଚୟ, ଏକ ପାସପୋର୍ଟ ଫୋଟୋ (ଅନ୍ୟ ବିଭାଗ ପାଇଁ ଯେକୌଣସି ଫୋଟୋ ହେଲେ ଚଳିବ) ଓ ଯୋଗାଯୋଗ ରହିବା ଆବଶ୍ୟକ।

ଲେଖା ଦେବା ପାଇଁ ଇ-ମେଲ : bageesha.magazine@gmail.com। ବହି ପଠେଇବା ପାଇଁ ଠିକଣା :ବିକେଶ ସାହୁ, ସଂପାଦକ 'ବାଗୀଶ', ବି. କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍, ମହିଳା ମହାବିଦ୍ୟାଳୟ ଲେନ୍, ନୟାଗଡ଼ - ୭୫୨୦୬୯ ।

# ବାଗୀଶ

BAGEESHA

ସମାଲୋଚନାଧର୍ମୀ ପତ୍ରିକା

**କାର୍ଯ୍ୟନିର୍ବାହୀ ସଂପାଦକ**
ରିତମ୍ ମିଶ୍ର

**ସଂପାଦନା ଓ କ୍ଷେତ୍ରୀୟ ସଂଯୋଜନା**

**କନକ ବର୍ଦ୍ଧନ ସାହୁ**
ଗବେଷକ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

**ତୃପ୍ତିମୟୀ ଭୋଇ**
ଗବେଷିକା, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା

**ସଙ୍ଘମିତ୍ରା ଦାସ**
ଗବେଷିକା, ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା

**ସୁବାସ ଚନ୍ଦ୍ର ଭୋଇ**
ଗବେଷକ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, କଲିକତା

**ପ୍ରଭାସ ଚନ୍ଦ୍ର ଟୋଲଟିଆ**
ଗବେଷକ, କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ଭବାନିପାଟଣା


## ଆପଣଙ୍କ ଚିଠି

'ବାଗୀଶ' ଏକ ନୂଆ ସମ୍ଭାବନା । ବିଗତ ଦୁଇଟି ସଂଖ୍ୟା ମୁଁ ପଢିଲି । ପତ୍ରିକାର କଳେବର କ୍ଷୁଦ୍ର ହେଲେ ମଧ୍ୟ ଏହା ଅତି ଯତ୍ନର ସହ ଖୁବ୍ ଆକର୍ଷଣୀୟ । ଏହି ସଂଖ୍ୟାରେ ସ୍ଥାନିତ ସବୁ ଆଲୋଚନା ମୋତେ ଖୁବ୍ ଭଲ ଲାଗିଥିଲା। ଆଲୋଚକମାନଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା । ବିଶେଷ କରି ଏହି ସଂଖ୍ୟାରେ ସ୍ଥାନିତ କଇଳାସ ସାର୍ ଙ୍କ ସାକ୍ଷାତକାର ଖୁବ୍ ହୃଦୟସ୍ପର୍ଶୀ ।

ଆଗାମୀ ଦିନମାନଙ୍କରେ ଏହା ଆହୁରି ସମୃଦ୍ଧ ହେବ ଏହି ବିଶ୍ୱାସ ମୋର ଅଛି । ସଂପାଦକଙ୍କୁ ବହୁତ ଶୁଭେଚ୍ଛା ।

**--- ଅନୁରାଗ ବେହେରା, ସୁଧୀ ପାଠକ**

ପ୍ରଥମେ ସଂପାଦକଙ୍କୁ ମୋର ଶୁଭେଚ୍ଛା । ଜୀବନର ବ୍ୟସ୍ତତା ଭିତରେ ସାହିତ୍ୟ ପାଇଁ ସମୟ କାଢି ଆମ ପାଇଁ ନୂତନ ସମ୍ଭାବନା ସୃଷ୍ଟି କରିଥିବାରୁ ବାଗୀଶ ପରିବାରକୁ ମୋର ନମନ । ପତ୍ରିକାର ପରିପାଟି ଖୁବ୍ ଆକର୍ଷଣୀୟ ଥିଲା । ଆଲୋଚନା ବିଭାଗଟି ମଧ୍ୟ ପରିପୁଷ୍ଟ । ପ୍ରଣମ୍ୟ କଇଳାସ ସାର୍ ଙ୍କ ସାକ୍ଷାତକାର ଖୁବ ସୁନ୍ଦର ହୋଇଛି। ଅନେକ ଗୁଡିଏ ମୌଳିକ ଚିନ୍ତନ ସହ ପରିଚିତ ହେବାର ସୁଯୋଗ ମିଳିଲା ।

ଉତ୍ତୋରୋତ୍ତର ଉନ୍ନତି କାମନା ସହ ପୁଣିଥରେ ଧନ୍ୟବାଦ ଜଣାଉଛି ।

--- ପ୍ରଦ୍ୟୁମ୍ନ ସାହୁ, ଗବେଷକ

ନିଜର ସୁଚିନ୍ତିତ ମତାମତ ଆମକୁ ନିମ୍ନ ଠିକଣାରେ ପଠେଇପାରିବେ ।


ମତାମତ ଦେବା ପାଇଁ ଇ-ମେଲ : bageesha.magazine@gmail.com। ବହି ପଠେଇବା ପାଇଁ ଠିକଣା :ବିକେଶ ସାହୁ, ସଂପାଦକ 'ବାଗୀଶ', ବି. କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍, ମହିଳା ମହାବିଦ୍ୟାଳୟ ଲେନ୍, ନୟାଗଡ଼ - ୭୫୨୦୬୯ ।

# ସମ୍ପାଦକୀୟ

ବନ୍ଧୁଗଣ ! ସମୟ ଗତିଶୀଳ । ସମୟର ସୁଅରେ କେତେ ନୂଆ ଆଜି ପୁରୁଣା, କେତେ ପୁରୁଣା ଆଜି ନୂଆ ।  କାଲି ଯାହା ଥିଲା ଆଜି ତାହା ନାହିଁ, ହୁଏତ କାଲିକି ପୁଣି ଥିବ ଅଥବା ନ ଥିବ । ସବୁଥର ପରି କିଛି 'ପୁରୁଣା'କୁ ଗାଦିଚ୍ୟୁତ କରି କିଛି 'ନୂଆ' ଆସନ ଅଳଙ୍କୃତ କରି ସାରିଥିବେ । ଅବଶ୍ୟ ଏ ତ ସମୟର ଆବଶ୍ୟକତା।  ଆଉ ଆବଶ୍ୟକତା ହିଁ ପରିବର୍ତ୍ତନର ନବୀନ ଗାଙ୍ଗୋତ୍ରୀ । ଯହିଁ ସବୁକିଛି ମିଳିତ ହୁଏ । କହିବା ବାହୁଲ୍ୟ ଯେ ସ୍ଥାନ-କାଳ-ପାତ୍ର ମଧ୍ୟରୁ କାଳର ସ୍ଥିତି ହିଁ ସର୍ବଦା ନିର୍ଦ୍ଧାରଣ କରେ ସ୍ଥାନ ଓ ପାତ୍ରର  ଭାଗ୍ୟ । ତେଣୁ ସବୁ କ୍ଷେତ୍ରରେ କାଳର ଗୁରୁତ୍ୱକୁ ଅନୁଭବ କରାଗଲେ ହିଁ ଏକ ଜାତୀୟ ସାହିତ୍ୟର ମୂଲ୍ୟାୟନ ସମ୍ଭବ । ତେଣୁ ଯେକୌଣସି ସହିତ୍ୟ ସୃଷ୍ଟି ପଛରେ ରହିଛି ସମୟ, ସମାଜ ଆଉ ସମାଜ ଭିତରର ବିବିଧ ସମସ୍ୟା, ସଂଘର୍ଷ ଆଉ ଆହ୍ୱାନ। ଯାହାର କଥା କହେ ସାହିତ୍ୟ, ଯାହାର ସମାଧାନ ଖୋଜେ ସାହିତ୍ୟ । ଆଉ ଯେଉଁ ସାହିତ୍ୟ ଏ ସମୟ, ସମାଜ, ତତ୍କାଳୀନ ପରିସ୍ଥିତିସବୁଠୁ ଉପରକୁ ଉଠି ନିଜକୁ ସାର୍ବଭୌମ କରିପାରେ ସେ ହୁଏ କାଳଜୟୀ ସାହିତ୍ୟ ।  ଜାତୀୟ ସାହିତ୍ୟ । ଯାହା ଦ୍ୱାରା ଗୋଟିଏ ଜାତିର ମୂଲ୍ୟାୟନ ହୁଏ ସମ୍ଭବ। ସମାଜ, ସଂସ୍କୃତି ଆଉ ପରମ୍ପରା ଦେଇ ଇତିହାସ ହୁଏ ସ୍ୱର୍ଣ୍ଣିମ । ତେଣୁ ଆସନ୍ତୁ ସମବେତ ହେବା; ସାହିତ୍ୟକୁ ଚିହ୍ନିବା, ଚିହ୍ନେଇବା ସହ ସମ୍ମିଳିତ ସ୍ୱରରେ ସାହିତ୍ୟର ଜୟଗୀତି ଗାଇବା ।

ଏ ପ୍ରସଙ୍ଗ ଆସିଲା ବେଳକୁ ଆଉ ଗୋଟେ କଥା ମୋର ମନେ ପଡୁଛି । ସେଦିନ କୌଣସି ଏକ ଭୋଜନାଳୟରେ ମଧ୍ୟାହ୍ନ ଭୋଜନ ଗ୍ରହଣ କରିବା ସମୟରେ ହଠାତ୍ ଦେଖାହେଲେ ଓଡ଼ିଆ ସାହିତ୍ୟର ଜଣେ ପ୍ରଣମ୍ୟବ୍ୟକ୍ତିତ୍ୱ । ମୁଁ ଶୀଘ୍ର ଶୀଘ୍ର ମୋର ଭୋଜନ ଶେଷ କରି ତାଙ୍କ ଦର୍ଶନ ପାଇଁ ଲାଳାୟିତ ହୋଇ ଖାଇବା ଅଧାରୁ ଉଠି ଯିବାକୁ ଉଦ୍ୟତ ହେଲି । ଏ ସମୟରେ ମୋର ପାଖରେ ବସିଥିବା ଜଣେ ପରିଚିତ (ବନ୍ଧୁ) କହିଲେ, ସେ କ'ଣ ତୁମ ଓଡ଼ିଆ ବିଭାଗର ଲେଖକ । ମୁଁ ତାଙ୍କୁ କିଛି ନକହି ସେଇଠୁ ପଳେଇ ଆସିଥିଲି । କିନ୍ତୁ ସେଦିନର ଏ କଥା ପଦକ ମୋ ଭିତରେ କାହିଁକି କେଜାଣି ବସାବାନ୍ଧି ରହିଗଲା। ଯାହା ହୁଏତ କୌଣସି ସୁଯୋଗର ଅପେକ୍ଷାରେ । ତେବେ ଏହା କେବଳ ସେହି ବ୍ୟକ୍ତିଙ୍କର ସମସ୍ୟା ନୁହେଁ । ଏ ସମସ୍ୟା ଆମ ସମସ୍ତଙ୍କର । ଆଜି ବି ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ ଓଡ଼ିଶାର ବରପୁତ୍ରମାନଙ୍କୁ ନିର୍ଦ୍ଦିଷ୍ଟ ବିଭାଗ, ଶ୍ରେଣୀ ଆଉ ବିଷୟ ଭିତରେ ସୀମିତ କରିଦେଉଛନ୍ତି। ଜଣେ ଓଡ଼ିଆ ହୋଇ ଓଡ଼ିଶାମାଟିର ସୁଯୋଗ୍ୟ ଦାୟାଦମାନଙ୍କ ପ୍ରତି ଏତାଦୃଶ ମନୋଭାବ ଆମ ମାଟି ଓ ଜାତି ପାଇଁ କେତେ ଶୁଭଙ୍କର ଏ ବିଚାର ଆପଣମାନଙ୍କ ଉପରେ ନ୍ୟସ୍ତ କଲି ।

ଶେଷରେ ଆମର ଅନୁରୋଧ ରକ୍ଷା କରି ବିଶିଷ୍ଟ ସାରସ୍ୱତସାଧକ ତଥା ଆଲୋଚକ ଡ. ଗୌରାଙ୍ଗ ଚରଣ ଦାଶ ମହୋଦୟ 'ବରେଣ୍ୟ ବାଗୀଶ'ର ସାକ୍ଷାତକାର ନିମନ୍ତେ ସଦୟ ଅନୁମତି ଦେଇ କୃତାର୍ଥ କରିଥିବାରୁ ତାଙ୍କୁ ବିଶେଷ କୃତଜ୍ଞତା ଜଣାଉଛି । ଏହି ସଂଖ୍ୟାକୁ ସମୃଦ୍ଧ କରିଥିବା ସମସ୍ତ ବରେଣ୍ୟଙ୍କୁ ଅଭିନନ୍ଦନ ଜଣାଇ ଶୁଭେଚ୍ଛାର ସହ 'ବାଗୀଶ'ର ତୃତୀୟ ସଂଖ୍ୟା ଆପଣଙ୍କ ହାତରେ ନିବେଦନ କଲି।

ସଂପାଦକ



ବିକେଶ ସାହୁ
ସଂପାଦକ, ବାଗୀଶ

BAGEESHA

# ବାଗୀଶ

ପ୍ରଥମ ବର୍ଷ, ସଂଖ୍ୟା - ୦୩ । ମଇ - ଜୁନ୍ ୨୦୨୩




ପ୍ରଚ୍ଛଦ : ବିକେଶ ସାହୁ



'ବାଗୀଶ ବରେଣ୍ୟ'ର ଚଳିତ ସଂଖ୍ୟାର ପଢନ୍ତୁ ବିଶିଷ୍ଟ ସମାଲୋଚକ ଓ ସଂପାଦକ **ଡ. ଗୌରାଙ୍ଗ ଚରଣ ଦାଶଙ୍କ** ସହ ସ୍ୱତନ୍ତ୍ର ସାକ୍ଷାତକାର

୩୪

# ଏଇ ସଂଖ୍ୟାରେ

## ପ୍ରବନ୍ଧ ଓ ଆଲୋଚନା

୦୭ ॥ ୧୯୭୦ ମସିହା ପରବର୍ତ୍ତୀ କବିତା: ସ୍ୱର ଓ ସ୍ୱାକ୍ଷର
............ **ସ୍ମୃତିରଞ୍ଜନ ସେଠୀ**

୧୩ ॥ 'କେତେ ଲୋକ କେତେ ଦୁଃଖ': ରଙ୍ଗ ରୂପ ଗଢ଼ଣ ଓ ଉଡ଼ାଣ
............ **ହୃଷିକେଶ ମହାରଣା**

୨୦ ॥ ନାଟ୍ୟକାର ବିଜୟ ଶତପଥୀଙ୍କ 'କର୍ଣ୍ଣ': ଏକ ଦୃଷ୍ଟିପାତ
............ **ଲିକୁ ବେହେରା**

୨୪ ॥ ନାରାୟଣ ସାହୁଙ୍କ ନାଟକରେ ସମାଜପ୍ରତିବଦ୍ଧତାର ସ୍ୱର
............ **ମିନି ଗଡ଼ତିଆ**

## ଧୀଷଣା

୨୮ ॥ ଅମର ସିଂଙ୍କ ଉଦ୍‌ବୋଧନ : ରାଧାନାଥୀୟ ଜାତୀୟତାବୋଧ ଓ ସ୍ୱଦେଶପ୍ରୀତିର ଅନନ୍ୟ ଭାସ୍ୱର
............ **ବିକେଶ ସାହୁ**

## ନିନାଦ

୩୨ ॥ **କବିତାରେ ନୂଆ କଥା କହୁଥିବା ଉଦୟମାନ କବି : ଧର୍ମରାଜ ମହାମଲ୍ଲିକ**

## ବାଗୀଶ ବରେଣ୍ୟ

୩୪ ॥ ଡ. ଗୌରାଙ୍ଗ ଚରଣ ଦାଶଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର

୩୭ ॥ **ବହିକଥା : 'ପାହୁନଥିବା ରାତି'**

ALOCHANA
ଆଲୋଚନା
ପ୍ରଥମ ବର୍ଷ, ସଂଖ୍ୟା - ୦୩ । ମଇ - ଜୁନ୍ ୨୦୨୩
Volume No. 01 I Issue No. 03 I May - June 2023

# ୧୯୭୦ ମସିହା ପରବର୍ତ୍ତୀ କବିତା: ସ୍ୱର ଓ ସ୍ୱାକ୍ଷର

■ ସ୍ମୃତିରଞ୍ଜନ ସେଠୀ



ଅଧ୍ୟାପକ, ଓଡ଼ିଆ ବିଭାଗ,
ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ,
ଛତିଆ, ଯାଜପୁର

୧୯୭୦ ମସିହା ପରବର୍ତ୍ତୀ ସମୟର ପ୍ରଥମ ପର୍ଯ୍ୟାୟରେ ଭାରତୀୟ ସାହିତ୍ୟକୁ ଦୁଇଟି ଘଟଣା ସବୁଠୁ ଅଧିକ ପ୍ରଭାବିତ କରିଛି। ପ୍ରଥମଟି ହେଲା ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ଦ୍ୱିତୀୟଟି ହେଲା ଭାରତର ସ୍ୱାଧୀନତା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମଗ୍ର ବିଶ୍ୱର ଦିଗ ବଦଳାଇ ଦେଲା। ପରମାଣୁର ପ୍ରୟୋଗ ମାନବ ଓ ମାନବିକତା ମଧ୍ୟରେ ଏକ ବିଚ୍ଛିନ୍ନ ସୀମାରେଖା ତିଆରି କରିଦେଲା। ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟାଭୟତା ମନରେ ସୃଷ୍ଟିକଲା ଏକାକୀତ୍ୱ, ନୈରାଶ୍ୟବୋଧ, ମୃତ୍ୟୁଚେତନା, ବିଷାଦବୋଧ ପରି ଯାବତୀୟ ନକରାତ୍ମକ ଉଦ୍ଦୀପନା। ଜନବସତିରେ ହଠାତ୍ ଆକ୍ରମଣ ଭୟ, ଶାସକ ତରଫରୁ ବାରମ୍ବାର ସତର୍କତା, ହଜାର ହଜାର ମୃତ୍ୟୁର ଖବର, ଆକାଶରେ ଅକସ୍ମାକ ଯୁଦ୍ଧ ବିମାନ ଯିବାର ଶବ୍ଦ, ରାତରେ ଆଲୋକ ନ ଜାଳିବାର ନିର୍ଦ୍ଦେଶ ଆଦି ମଣିଷର ଚେତନାରେ ଗଭୀର ରେଖାପାତ କଲା। ଆସନ୍ନ ମୃତ୍ୟୁର ଭୟରେ ମଣିଷର ବର୍ତ୍ତମାନ ଜୀବନ ପ୍ରତି ମୋହ ତୁଟିଗଲା। ଗୋଟିଏ ଭୟାକୁଳ ପରିବେଶ ଭିତରେ ସେ ତା'ର ଜୀବନ ଅତିବାହିତ କଲା। ଅହରହ ଶହଶହ ମୃତ୍ୟୁର ଖବର ଭିତରୁ କୋଉଠିନା କୋଉଠି ନିଜକୁ ବି ଖୋଜି ପାଉଥିଲା ସେ। 'ମୃତ୍ୟୁ' ଠାରୁ 'ମୃତ୍ୟୁ ଆସୁଛି' କଥାଟି ଅଧିକ କଷ୍ଟ ଦିଏ ମଣିଷକୁ। ଏହି ଆଶଙ୍କାରେ ଆଉଟି ପାଉଟି ହୋଇ ସଦାବେଳେ ଭାବିହେଲା ମଣିଷ। ପ୍ରତି ମୁହୂର୍ତ୍ତରେ ସେ ଭାବିଲା ତା' ଚାରିପଟେ ଖାଲି ବିଧ୍ୱଂସର ଷଡ଼ଯନ୍ତ୍ର ଚାଲିଛି। ଗୋଟିଏ ପାଦ ପକେଇଲା ବେଳେ ଦ୍ୱିତୀୟ ପାଦର ଅନିଶ୍ଚିତତାକୁ ଅନୁମାନ କରିପାରୁଥିଲା ସେ। ସତେଯେମିତି ସେ ଦେଖିପାରୁଥିଲା ଜୀବନ ସରିଯିବାର ସମ୍ଭାବନାକୁ। ଅନେକ ଗହଳି ଭିତରେ ବି ସେ ବାରିପାରୁଥିଲା ନିଜର ଏକଲାପଣକୁ। "ଜୀବନରେ କିଛି ନାହିଁ ଏହି

ସ୍ୱର କ୍ରମଶଃ ପ୍ରଖର ହେଲା। କବିତା ତାର ନିଜସ୍ୱ ବୃତ୍ତ ରଚନାକରି ପାଠକଠାରୁ ଦୂରେଇବାରେ ଲାଗିଲା।"(୧) ଏ ଧରଣର ମାନସିକତା ସେ ସମୟ ଖଣ୍ଡରେ ସାରା ବିଶ୍ୱକୁ ଆଚ୍ଛନ୍ନ କରିଥିଲା, ଯାହାର ରୂପ ସାହିତ୍ୟରେ ମଧ୍ୟ ପ୍ରତିଫଳିତ ହେଲା। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭାରତର ସହଭାଗୀତା ହେତୁ ଭାରତରେ ମଧ୍ୟ ଏହାର ପ୍ରଭାବ ପଡ଼ିଥିଲା। ଭାରତୀୟ ସାହିତ୍ୟ ତଥା ଓଡ଼ିଆ ସାହିତ୍ୟରେ ସର୍ବପରି ଓଡ଼ିଆ କବିତାରେ ଏହାର ପ୍ରଭାବ ସ୍ପଷ୍ଟ ଅନୁଭୂତ ହେଲା।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଭାରତ ଇତିହାସରେ ଆଉ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଗଲା। ଭାରତର ବ୍ରିଟିଶ୍ ବିରୋଧରେ ସ୍ୱାଧୀନତା ସଂଗ୍ରାମ ଓ ସ୍ୱାଧୀନତା ପ୍ରାପ୍ତି ଭାରତର ଜନସାଧାରଣଙ୍କ ପାଇଁ ଏକ ନବ ସଞ୍ଚାରଣ ଥିଲା। ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ ଅନେକ କବିତା ରଚନା ହେଲା। ଦେଶ ବନ୍ଦନା, ଦେଶ ପ୍ରେମବୋଧର ସଙ୍ଗୀତ ସାହିତ୍ୟରେ ସୃଷ୍ଟିହେଲା। ଭାରତର ସ୍ୱପ୍ନ ଓ ସଫଳତା ସାହିତ୍ୟରେ ରୂପ ପାଇଲା। ଭାରତର ସ୍ୱାଧୀନତା ପରେ ଭାରତୀୟ ଜନତା ଭାବୁକ ହୋଇଗଲେ, ସ୍ୱପ୍ନ ଦେଖିବା ଆରମ୍ଭ କଲେ, ନିରାଶାକୁ ଆଡ଼େଇ ଆଶା ବାନ୍ଧିଲେ। "ଆମେ ଚଳେଇବୁ ଦେଶ ଆମରି, ଆମରି ନାଆରେ ଆମେ ନାଉରୀ" ପ୍ରସଙ୍ଗକୁ ପାଥେୟ କରି ସେମାନେ ସ୍ୱପ୍ନ ରାଜ୍ୟରେ ବୁଡ଼ିରହି ରାମରାଜ୍ୟର ଲକ୍ଷ୍ୟ ରଖିଲେ। ମାତ୍ର ଲକ୍ଷ୍ୟ ବିଫଳ ହେଲା। ଦେଶର ସ୍ୱଶାସନ ପ୍ରତିଷ୍ଠା ପରେ ଧୀରେଧୀରେ ଜନସାଧାରଣଙ୍କୁ ଅନୁଭବ ହେଲା ସେମାନେ 'ସ୍ୱାଧୀନତା'ର ଶବ୍ଦଟିକୁ ପାଇଛନ୍ତି ସତ, ହେଲେ ସ୍ୱାଧୀନତା ପାଇନାହାନ୍ତି। ଘିଅ ମହୁରେ ଭାସିବାର ସ୍ୱପ୍ନ ଲୁହଲହୁରେ ପରିଣତ ହୋଇଗଲା। ସେମାନେ ଅନୁଭବ କଲେ ଯେ କେବଳ ଶାସକର ପରିବର୍ତ୍ତନ ହୋଇଛି, ହେଲେ ଶାସନର ନୁହେଁ। ସ୍ୱାଧୀନତାର ସ୍ୱପ୍ନ ଭାଙ୍ଗିଯିବାରୁ କବିତାର ନୂଆ ଦିଗଟିଏ ଉନ୍ମୋଚିତ ହେଲା। ସ୍ୱାଧୀନତାର ସ୍ୱପ୍ନଭଙ୍ଗ ପ୍ରସଙ୍ଗ କବିତାରେ ରୂପ ପାଇଲା। ଭାରତୀୟଙ୍କ କ୍ଷୋଭ କବିତାରେ ସ୍ପଷ୍ଟ ଦିଶିଲା। ତାଙ୍କୁ ଲାଗିଲା ସ୍ୱଦେଶୀ ଶାସକ ଅଛନ୍ତି ସତ ହେଲେ ପ୍ରଣୟନ ହେଉଛି ବିଦେଶୀ ନୀତି। ବ୍ରିଟିଶ୍ ଭାରତକୁ ଶୋଷଣ କରି ନିଜ ଦେଶକୁ ବୋହିନେଉଥିଲେ ହେଲେ ଭାରତୀୟ ଶାସକ ନିଜ ଦେଶ ଭାରତକୁ ଶୋଷଣ କରି ନିଜ ଘରକୁ ବହି ନେଇଯାଉଛନ୍ତି। ଭାରତରେ ଇଂରେଜ ଶାସନର ପୂନଃଚ୍ଛେଦ ପଡ଼ିଲା ସତ, ହେଲେ ପୁଞ୍ଜିବାଦୀ ଶାସନର ବାଟ ଫିଟିଗଲା। ଶାସନର ମଙ୍ଗଧରମାନେ ଦେଶ କଥା ଛାଡ଼ି ନିଜ ମଙ୍ଗଳ ମନାସିଲେ। ଭକୁଆ ହୋଇଗଲେ ଜନତା। କେଇଦିନ ପରେ ସେଇ ଉତ୍ସବର ଖୁସି ଆଉ ରହିଲା ନାହିଁ। "ପରାଧୀନତାର ଗ୍ଲାନି ହଟିଯିବାପରେ ଆମ ଦେଶର ରାଜନେତା ଓ ଶାସନକର୍ତ୍ତାମାନେ କିପରି ଦେଶରେ ଆକାଂକ୍ଷିତ ସୁଖଶାନ୍ତି ଆଣିପାରିନାହାନ୍ତି, ତାହାକୁ ଉପଜୀବ୍ୟ କରି ବହୁ ଓଡ଼ିଆ କବି ସ୍ୱାଧୀନ ଭାରତୀୟ ନାଗରିକର ସ୍ୱପ୍ନ ଭଙ୍ଗଜନୀତ ହତାଶାକୁ ବ୍ୟକ୍ତ କରିଛନ୍ତି।"(୨) ଏସବୁ ପ୍ରସଙ୍ଗ କବିତାରେ ରୂପ ପାଇଲା।

ଭାରତ ସ୍ୱାଧୀନତାରେ ଅନ୍ୟ ଏକ ବଡ଼ ଘଟଣାଟି ହେଲା ଭାରତ ବିଭାଜନ। ଭାରତ-ପାକିସ୍ଥାନ ମଧ୍ୟରେ ସୀମାବିବାଦ, ଧର୍ମଜନୀତ ହିଂସା ଆଦି ଭାରତର କୋଣ ଅନୁକୋଣରେ ଖେଳିଗଲା। ହିନ୍ଦୁ-ମୁସଲମାନମାନଙ୍କ ମଧ୍ୟରେ ବିଭିନ୍ନ ସ୍ଥାନରେ ଦଙ୍ଗା ଆରମ୍ଭ ହୋଇଗଲା। ସାହିତ୍ୟରେ ମଧ୍ୟ ଏହାର ଯଥେଷ୍ଟ ପ୍ରଭାବ ରହିଲା। ଧର୍ମକୁ ଶ୍ରେଷ୍ଠ କରି କିଛି କବିତା ରଚନା ହେଲାବେଳେ କିଛି କବିତା ଧର୍ମ ନିରପକ୍ଷ ବା ସେକୁଲାରିଜିମକୁ ନେଇ ଲେଖାଗଲା। କିଛି କବିତାରେ ସ୍ୱଧର୍ମ ରକ୍ଷାର ଆହ୍ୱାନ ମିଳିଲା ବେଳେ କିଛି କବିତାରେ ଧର୍ମନିରପେକ୍ଷର ଶାନ୍ତିକୁ ସ୍ଥାପନ ପାଇଁ ପ୍ରେରଣା ମିଳିଲା। ଏହି ବିଭାଜନ ପ୍ରସଙ୍ଗ ସହ ଯୋଡ଼ହେଲା ବଙ୍ଗଳା ଦେଶର ମୁକ୍ତି ଆନ୍ଦୋଳନ। ପାକିସ୍ଥାନଠାରୁ ସ୍ୱତନ୍ତ୍ର ହେବା ପାଇଁ ବଙ୍ଗଳା ଦେଶରେ ଜୋରଦାର୍ ସଂଗ୍ରାମ ଆରମ୍ଭ ହେଲା। ଏହାର ସିଧାସଳଖ ପ୍ରଭାବ ପଡ଼ିଲା ଓଡ଼ିଶା ଉପରେ। ଅନେକ ବଙ୍ଗୀୟ ଅଧିବାସୀ ଭାରତରେ ଶରଣାର୍ଥୀ ଭାବେ ରହିଲେ। ସେଥିମଧ୍ୟରୁ ଅନେକାଂଶ ଓଡ଼ିଶାରେ ମଧ୍ୟ ବସତି ସ୍ଥାପନ କଲେ। ଏହାର ପ୍ରଭାବ ଉଭୟ ଓଡ଼ିଆ ଭାଷା ଓ ସାହିତ୍ୟ ଉପରେ ପଡ଼ିଲା। ପୁନଶଃ ପାକିସ୍ଥାନ ସହ କାରଗିଲ୍ ସମେତ ଛୋଟବଡ଼ ଯୁଦ୍ଧ ମଧ୍ୟ ସାହିତ୍ୟ ଉପରେ ପ୍ରଭାବ ପକାଇଛି। ଚୀନ୍ ସହ ଯୁଦ୍ଧ ମଧ୍ୟ ଏଥିରୁ ବାଦ୍ ପଡ଼ିନି। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭାରତ ପରୋକ୍ଷରେ ଅଂଶଗ୍ରହଣ କରିଥିଲା। ମାତ୍ର ଏହି ଯୁଦ୍ଧ ସବୁରେ ଭାରତର ପ୍ରତ୍ୟକ୍ଷ ଅଂଶଗ୍ରହଣ ହେତୁ ଏହାର ପ୍ରଭାବ ବିସ୍ତାର ଅଧିକ ଥିଲା। ଏହି ଯୁଦ୍ଧ ଜନିତ ତଥା ଯୁଦ୍ଧ ପ୍ରଭାବିତ କୃତିସବୁ ମଧ୍ୟ ଓଡ଼ିଆ କବିତାରେ ଦେଖିବାକୁ ମିଳିଲା।

ବିଭିନ୍ନ ସ୍ଥାନରେ ଆତଙ୍କବାଦର ଆକ୍ରମଣ, ସନ୍ତ୍ରାସବାଦର ଷଡ଼ଯନ୍ତ୍ର ଆଦି ଭାରତ ନାନାଦି ପରିସ୍ଥିତି

ଦେଇ ଗତି କରିଛି। ଭୟାକୁଳ ପରିସ୍ଥିତି ସୃଷ୍ଟି ହୋଇଛି, ପୁଣି ଅନ୍ତଃଯୁଦ୍ଧ ହୋଇ ସମାଧାନ ହୋଇଛି। ନକ୍ସଲଙ୍କ ନୀତିରେ ସମସ୍ତେ ଡରିଛନ୍ତି, ନକ୍ସଲ ଦମନରେ ଦମ୍ଭ ଆସିଛି। ପୁଣି ଭାରତରରେ ଶୋଷକ-ଶୋଷିତ, ପୁଞ୍ଜିବାଦୀ-ସର୍ବହରା ମଧ୍ୟରେ ସ୍ୱାଧୀନତା ପରେ ବି ବିବାଦ ଜାରି ରହିଛି। କେଉଁଠି ସରକାରଙ୍କୁ ସୁବିଧା ପହଞ୍ଚପାରୁନାହିଁ ତ କେଉଁଠି ସୁବିଧାସବୁକୁ ସୁବିଧାବାଦୀମାନେ ଖାଇ ଯାଉଛନ୍ତି। ରାଜନୀତିରୁ ରଣନୀତି ଯାଏ ସବୁଠି ବଳିପଡୁଛନ୍ତି ଜନତା। ଏହି ସବୁର ନିଛକ ଚିତ୍ର ଦେଖିବାକୁ ମିଳେ ଓଡ଼ିଆ ସାହିତ୍ୟ ତଥା ଓଡ଼ିଆ କାବ୍ୟ କବିତାରେ। ଭାରତର ଅନ୍ତରାଷ୍ଟ୍ରୀୟ ବିଶୃଖଳା ଯୋଗୁଁ ୧୯୭୫ ମସିହା ଜୁନ୍ ୨୫ ତାରିଖରୁ ୧୯୭୭ ମସିହା ମାର୍ଚ୍ଚ ୨୧ ତାରିଖ ଯାଏଁ ତତ୍ କାଳୀନ ପ୍ରଧାନ ମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ପ୍ରସ୍ତାବରେ ରାଷ୍ଟ୍ରପତି ଫକୀରୁଦ୍ଦିନ୍ ଅଲ୍ଲୀ ଅହମ୍ମଦ ଜାତୀୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ। ପାଖାପାଖି ଦୁଇବର୍ଷ ଯାଏଁ ଭାରତରେ ରାଷ୍ଟ୍ରପତି ଶାସନ ଜାରି ହୋଇଥିଲା। ଏହାର ପ୍ରଭାବ ପଡ଼ିଥିଲା ସମଗ୍ର ଭାରତ ଉପରେ। ପ୍ରଭାବ ମଧ୍ୟ ପଡ଼ିଥିଲା ଓଡ଼ିଆ କବିତାରେ।

ଭାରତର ସ୍ୱାଧୀନତା ପରେ ଭାରତରେ ଅର୍ଥନୀତିକ ସଂଙ୍କଟ ଦେଖାଗଲା, ନୂଆ ଶାସନରେ ହଠାତ୍ ଏତେବଡ଼ ସମସ୍ୟାକୁ ଟାଳିବା ସମସ୍ତଙ୍କ ପକ୍ଷରେ ସମ୍ଭବ ନଥିଲା। ଏପଟେ ଦେଶର ଅର୍ଥନୀତିକ ମାନଦଣ୍ଡ ଧୀରେଧୀରେ ଭୁଷୁଡିବାରେ ଲାଗିଲା। ଦେଶର ନିଜସ୍ୱ ପାଣ୍ଠି ନଥିଲା କି ଜନସାଧାରଣଙ୍କ ପାଖରେ ବିପୁଳ ଅର୍ଥ ନଥିଲା। ପୁରପଲ୍ଲୀଠୁ ରାଜଧାନୀ ଯାଏଁ ଏଭଳି ସ୍ଥିତିକୁ ସଜାଡିବା ଏତେ ସହଜ ନଥିଲା। ଅର୍ଥର ଆୟ ଓ ବ୍ୟୟର ନିର୍ଦ୍ଦିଷ୍ଟ ତରିକା ମଧ୍ୟ ମିଳିନଥିଲା। ଏତେବଡ଼ ଜନବହୁଳ ଦେଶରେ ଅର୍ଥନୀତିର ମାନଦଣ୍ଡକୁ ସ୍ଥିର ଓ ଉନ୍ନତ ରଖିବାକୁ 'ପଞ୍ଚବାର୍ଷିକ ଯୋଜନା' କାର୍ଯ୍ୟକାରୀ କରାଗଲା। ଅର୍ଥନୈତିକ ସଙ୍କଟ ଓ ପଞ୍ଚବାର୍ଷିକ ଯୋଜନାର ଫଳପ୍ରଦ ଭୂମିକା ଭାରତରେ ଦେଖାଗଲା। ଏହି ଦୁଇଟିର ଚିତ୍ର ସାହିତ୍ୟ ତଥା କବିତାରେ ଦେଖିବାକୁ ମିଳିଲା।

ଭାରତରେ ଧୀରେଧୀରେ ବିଜ୍ଞାନର ଅଗ୍ରଗତି ଫଳରେ ବୈଜ୍ଞାନିକ ଚିନ୍ତାଧାରାର ବିକାଶ ଘଟିଲା। ଜନସାଧାରଣଙ୍କ ଭିତରେ ବିଜ୍ଞାନର ଚେତନା ଜାଗ୍ରତ ହେଲା। ନୂଆ କିଛି ଆବିଷ୍କାର ଆଉ ଉଦ୍ଭାବନର ମାନସିକତା ବଢ଼ିଲା। ଶିକ୍ଷା କ୍ଷେତ୍ରରେ ମଧ୍ୟ ବିଜ୍ଞାନର ବିଷୟ ପଢ଼ାଗଲା। ବିଜ୍ଞାନ ମାଧ୍ୟମରେ ସାଧାରଣ ଜନତା ଅନେକ ଜଣାଅଜଣା କଥା ଜାଣିବାକୁ ପାଇଲେ। ଲୋକେ ଧୀରେଧୀରେ ମ୍ୟାଜିକ୍ ଅପେକ୍ଷା ଲଜିକ୍‌କୁ ଗ୍ରହଣ କଲେ, ଆସ୍ଥା ଅପେକ୍ଷା ପ୍ରମାଣକୁ ଖୋଜିଲେ। ସବୁକଥାକୁ ଯୁକ୍ତିସଙ୍ଗତରେ ଗ୍ରହଣ କରାଗଲା। ଏଣୁ ଅଧିକାଂଶ ଲୋକଙ୍କ ମନରେ ନିରୀଶ୍ୱରବାଦର ଚିନ୍ତାଧାରା ଜାତ ହେଲା। ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ନିରୀଶ୍ୱରବାଦ ଦେଖାଯାଇଥିଲା। ମାତ୍ର ଏବେର ନିରୀଶ୍ୱରବାଦ ଓ ସେବେର ନିରୀଶ୍ୱରବାଦ ମଧ୍ୟରେ ଏକ ପାର୍ଥକ୍ୟ ବାରିହେଲା। ପୂର୍ବରୁ ଈଶ୍ୱରଙ୍କ ପ୍ରତି କ୍ଷୋଭରୁ ଏହି ନିରୀଶ୍ୱରବାଦ ସୃଷ୍ଟି ହୋଇଥିଲା। ଈଶ୍ୱର ମୃତ, ଏଣୁ ଈଶ୍ୱର କରୁଥିବା କାମ ନିଜେ କରିବାକୁ ଏକ ପ୍ରକାର ଆହ୍ୱାନ ଦିଆଯାଉଥିଲା, ଭାଗ୍ୟ ଉପରେ ନିର୍ଭର ନ ହୋଇ କର୍ମ କରିବାକୁ ନିରୀଶ୍ୱରବାଦର ଚିନ୍ତା ଧାରା ଖେଳିଯାଇଥିଲା। ମାତ୍ର ସ୍ୱାଧୀନତା ପରେ ଈଶ୍ୱର ଥିବାର ପ୍ରମାଣ ଅଭାବରୁ ଈଶ୍ୱର ନାହାଁନ୍ତି ବୋଲି କୁହାଗଲା। ଅଲୌକିକର ରହସ୍ୟକୁ ଖୋଜି ବିଜ୍ଞାନ ଲୌକିକରେ ପରିଣତ କରିଦେଲା। ଲୋକଙ୍କ ମଧ୍ୟରେ ହେତୁର ଉଦୟ ହେଲା। ହେତୁବାଦର ଚିନ୍ତାଧାରା ଭାରତରେ ଦେଖାଗଲା। ହେତୁବାଦକୁ ନେଇ ଭାରତରେ ଅନେକ ସାହିତ୍ୟ ରଚନା କରାଗଲା। ଓଡ଼ିଆ କବିତାସବୁରେ ମଧ୍ୟ ଏହାର ସମାନ ପ୍ରଭାବ ରହିଲା।

ଭାରତ ସ୍ୱାଧୀନ ହେବା ପରେ ଶିଳ୍ପ ବିକାଶର ପଥ ପରିଷ୍କାର ଦିଶିଲା। ଯନ୍ତ୍ରର ଆବଶ୍ୟକତ ବଢ଼ିଲା। ମଣିଷ ଧୀରେଧୀରେ ଯନ୍ତ୍ର ଅଧିନସ୍ଥ ହେବାକୁ ଆରମ୍ଭ କଲା। ଯେଉଁ କାମ ପାଇଁ ଅଧିକ ଶ୍ରମ ଓ ଅଧିକ ଦିନ ଲାଗୁଥିଲା, ସେଇକାମ ଯନ୍ତ୍ର ଦ୍ୱାରା ଅଳ୍ପ ଶ୍ରମରେ ଖୁବ୍‌କମ୍ ସମୟରେ ହୋଇଗଲା। ଏପରିକି ଅସମ୍ଭବ ଲାଗୁଥିବା କିଛି କାମ ମଧ୍ୟ ଯନ୍ତ୍ର ଦ୍ୱାରା ସମ୍ଭବ ହେଲା। କାମ ସବୁ କମ୍ ସମୟରେ ହୋଇଯାଉଥିବାରୁ ମଣିଷ ଅଧିକରୁ ଅଧିକ କାମ ହାତକୁ ନେଲା। ଯନ୍ତ୍ର ସହ ମିଶି ଯନ୍ତ୍ରରେ ପରିଣତ ହୋଇଗଲା ସେ। ଯନ୍ତ୍ର ପରି ଆବେଗକୁ କ୍ଷୟ କରିବାକୁ ବସିଲା ମଣିଷ। କାର୍ଯ୍ୟବ୍ୟସ୍ତତାର ଦ୍ୱାହି ଦେଇ ନିଜକୁ ବ୍ୟସ୍ତ କରିଦେଲା ସେ। ପୂର୍ବରୁ ନିଜେ କାମ କରି ମଣିଷ ପାଖରେ ସମୟ ବଞ୍ଚୁଥିବା ବେଳେ ଯନ୍ତ୍ରଦ୍ୱାରା କାମ କରାଇ ବି ତା'ପାଖରେ ସମୟର ଅଭାବ ରହିଲା। ସମୟର ଅଭାବ ଲାଗି ସମ୍ପର୍କ କମ୍ ଯୋଡିଲା। ଧୀରେଧୀରେ ଗୋଷ୍ଠୀ କୈନ୍ଦ୍ରୀକତାରୁ ଦୂରେଇ ମଣିଷ ବ୍ୟକ୍ତି କୈନ୍ଦ୍ରୀକତା ଆଡ଼କୁ ମୁହାଁଇଲା। ମଣିଷ ଧୀରେଧୀରେ ଏକଲା ରହିବାକୁ ପସନ୍ଦ କଲା। ସମ୍ପର୍କର ଗହଳି ଭିତରୁ ସେ ଯଥା ସମ୍ଭବ ନିଜକୁ ଦୂରେଇ

ରଖିଲା। ଯନ୍ତ୍ରପରି ସବୁ ଜିନିଷକୁ ସେ କମ୍‌ରେ ଖୁବ୍ ସଂକ୍ଷିପ୍ତରେ ଶେଷ କରିବାକୁ ଚାହିଁଲା। ଆଧୁନିକ ମଣିଷ ଅଳ୍ପରେ କହିଲା, ଅଳ୍ପରେ ଶୁଣିଲା, ଅଳ୍ପ ବି ମିଶିଲା। ସାହିତ୍ୟ ବି ଦୀର୍ଘତାକୁ ଛାଡ଼ି ସ୍ୱଳ୍ପତାକୁ ଓହ୍ଲାଇ ଆସିଲା। ସାହିତ୍ୟରେ ଅନେକ ଅପେକ୍ଷା ଏକକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଗଲା। ବହୁଳତାକୁ ତ୍ୟାଗ କରି ସଂକ୍ଷିପ୍ତତାକୁ ଗ୍ରହଣ କରାଗଲା। ନାଟକ, ଗଳ୍ପ, ଉପନ୍ୟାସରେ ଚରିତ୍ରର ଘନଘଟା ରହିଲା ନାହିଁ। କବିତା କ୍ରମଶଃ ସାରଗର୍ଭକ ହେବାକୁ ଲାଗିଲା। ଛନ୍ଦଯୁକ୍ତରୁ ଛନ୍ଦମୁକ୍ତ ଶୈଳୀ ଆଡ଼କୁ ଗଡ଼ିଗଲା କବିତାର ଧାରା। କମ୍ ପରିସୀମା ଭିତରେ ଅନେକ କିଛି କହିଦେବାର କଳା ଧୀରେଧୀରେ ବିକଶିତ ହେଲା। କବିତାରେ ଆରମ୍ଭ ହେଲା ପରୀକ୍ଷା ନିରୀକ୍ଷା। "ସ୍ୱାଧୀନତା ପରବର୍ତ୍ତୀ ତେତିଶ ବର୍ଷର କାବ୍ୟଧାରାରେ ଯେଉଁସବୁ ଆନ୍ତର୍ଜାତିକ ଦର୍ଶନର ପ୍ରୟୋଗାତ୍ମକ ବିନ୍ୟାସରେ କବିତାର ଆତ୍ମା ବିନ୍ୟାସ ହୋଇଛି, ସେସବୁକୁ ପରୀକ୍ଷାଧର୍ମୀ କବିତା ଭାବରେ ଗ୍ରହଣ କରାଯାଉଅଛି। ମିଥ୍, ପ୍ରତୀକ, ବିମ୍ବ ମାଧ୍ୟମରେ ସଂଗୋପିତ ଭାବବୋଧର ଉନ୍ମୋଚନ ସହ ବ୍ୟକ୍ତିର ନୂତନ ବିମର୍ଶକୁ ନେଇ ଏସବୁ କବିତା ଭାବକଳ୍ପ ନିର୍ମିତ।"(୩) ଏଥିସହ ପ୍ରତୀକ ଓ ଚିତ୍ରକଳ୍ପର ପ୍ରୟୋଗ ଆରମ୍ଭ ହେଲା। କବିତାକୁ ବୁଝାଇବାର ଦୃଷ୍ଟିଭଙ୍ଗୀ ବଦଳିଗଲା, ପୁରାଣ ନୂଆ ରୂପରେ ରୂପାୟନ କରାଗଲା ପୁରାଣକଳ୍ପ ମିଥ୍ ଭାବରେ। କବିତାର କ୍ଷୁଦ୍ର ପରିସର ଭିତରେ ମିନି କବିତା, ନାନୋ କବିତା, ଲଘୁ କବିତା, ହାଇକୁ ଭଳି ପଦ୍ୟସାହିତ୍ୟ ସ୍ଥାନିତ ହେଲା। ସର୍ବୋପରି କହିବାକୁ ଗଲେ କବିତାର ମୋଡ଼ ବଦଳିଗଲା ବିଂଶ ଶତାବ୍ଦୀର ମଧ୍ୟଭାଗରୁ।

ଶିଳ୍ପ ବିକାଶ ସହ ଧୀରେଧୀରେ ସହରୀ ସଭ୍ୟତା ବିକାଶଲାଭ କଲା। ମହଲା ମହଲା ଅଟ୍ଟାଳିକା ଗଢ଼ା ହେଲା। ସହରରେ ସବୁ ସୁବିଧା ହାତପାହାନ୍ତରେ ମିଳିଯାଉଥିବାରୁ ସମସ୍ତେ ସହରାଭିମୂଖୀ ହେବାରେ ଲାଗିଲେ। ଗାଁର ପରିବେଶରୁ ସମସ୍ତେ ମୁହଁ ଫେରାଇବା ଆରମ୍ଭ କଲେ ଅପରପକ୍ଷେ ସହରର ପ୍ରଭାବରେ ଗାଁ ବି ସହର ସହର ଲାଗିବା ଆରମ୍ଭ କଲା। ଗ୍ରାମିଣ ଜୀବନ ଧୀରେଧୀରେ ଅବକ୍ଷୟ ହେବା ଆରମ୍ଭ କଲା। ଗ୍ରାମ୍ୟଜୀବନର ପରିଚର୍ଯ୍ୟା, ପରମ୍ପରା, ସଂସ୍କୃତି, ଖାଦ୍ୟପେୟ ଆଦି ବଦଳିବା ଆରମ୍ଭ କଲା। ଏହି ପ୍ରସଙ୍ଗରେ ଦୁଇପ୍ରକାର କବିତା ରଚନା ଆରମ୍ଭ ହେଲା। ପ୍ରଥମଟି ହେଲା ଗ୍ରାମ୍ୟ ଜୀବନ ଅବକ୍ଷୟ ଜନୀତ ପ୍ରସଙ୍ଗ ଓ ଅନ୍ୟଟି ହେଲା ପରିବର୍ତ୍ତନଶୀଳ ଗ୍ରାମର ନୂତନତାଜନୀତ ପ୍ରସଙ୍ଗ। କେତେକ କବିତାରେ ଗାଁର ସୌନ୍ଦର୍ଯ୍ୟ ନଷ୍ଟ ହେବାରୁ କ୍ଷୋଭ ପ୍ରକାଶ ହେଉଥିବା ବେଳେ କେତେକ କବିତା ଗ୍ରାମବିକାଶକୁ ଗ୍ରହଣ କରି ରଚନା କରାଗଲା।

ସହରୀକରଣର ବ୍ୟାପକ ପ୍ରଭାବ ପରିବେଶ ଉପରେ ପଡ଼ିଲା। ସହରକୁ ସ୍ୱଚ୍ଛ କରିବା ପାଇଁ ସହରର ଆବର୍ଜନା ଦୂରର ସୁନ୍ଦର ପରିବେଶରେ ଫୋପାଡ଼ିବା ଆରମ୍ଭ ହେଲା। ଗାଡ଼ି ମଟରର ବ୍ୟବହାର ବଢ଼ିଲା। ଶିଳ୍ପର ଆବର୍ଜନା ନଦୀ ଓ ଖୋଲାଜାଗାମାନଙ୍କରେ ପଡ଼ିଲା। ପରିବେଶର ସନ୍ତୁଳନ ବିଗିଡ଼ିଗଲା। ଏହାକୁ ନେଇ ଅନେକ ସାହିତ୍ୟ ରଚନା ହେଲା, ଅନେକ କାବ୍ୟ କବିତାରେ ପରିବେଶ ଜନିତ ଚିନ୍ତା ପ୍ରକଟ ହେଲା।

ଯନ୍ତ୍ରପାତିର ବହୁଳ ପ୍ରୟୋଗ କାରଣରୁ ଲୋକ କମ୍ ନିଯୁକ୍ତି ପାଇଲେ। ଭାରତରେ ଜନସଂଖ୍ୟା ମଧ୍ୟ ଦୃଢ଼ଗତିରେ ବଢ଼ିବାରେ ଲାଗିଲା। ଏମିତି ପରିସ୍ଥିତିରେ ଧୀରେଧୀରେ ଯୁବାଗୋଷ୍ଠୀ ନିଯୁକ୍ତି ପାଇଁ ଘୁରିବୁଲିଲେ। ଭାରତରେ ବେକାରୀ ସମସ୍ୟା ଦେଖାଗଲା। ନୂଆ ନିଯୁକ୍ତି ନ ମିଳିବା ସହ ଛଟେଇ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଲା। ଅର୍ଥ ଅଭାବରୁ ଦାରିଦ୍ର ଅବସ୍ଥା ଦେଖାଗଲା। ଅର୍ଥପାଇଁ ଅନେକ ଅନୈତିକ କାର୍ଯ୍ୟ ମଧ୍ୟ ଦେଖାଗଲା। ହତ୍ୟା, ଲୁଣ୍ଠନ, ଚୋରି, ଡକାଇତି ଆଦି ଅନେକ ଅପରାଧ ମଧ୍ୟ ବଢ଼ିବାରେ ଲାଗିଲା। ଏହା ଗୋଟିଏ ସମସ୍ୟାରୁ ତିଆରି ହୋଇ ଆଉ ଗୋଟିଏ ସମସ୍ୟା ରୂପେ ଛିଡ଼ାହେଲା। ଅର୍ଥ ଅଭାବରୁ ଲୋକମାନଙ୍କର ତୃଣମୂଳ ସ୍ତରର ଚାହିଦା ମଧ୍ୟ ପୂରଣ ହେଲା ନାହିଁ। ବେକାରୀ, ବେରୋଜଗାରୀ, ଦାରିଦ୍ର, ଗରିବୀ, ଅନାହାର ଆଦି ନାନା ଅଭାବଜନିତ ପ୍ରସଙ୍ଗ ସାହିତ୍ୟରେ ଦେଖାଗଲା। ଓଡ଼ିଆ କାବ୍ୟକବିତାରେ ଏହି ସ୍ୱର ସବୁ ତିବ୍ର ହେଲା।

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ସହ ଭାରତରେ ଡିଜିଟାଇଜେସନ୍‌ର ପଥ ପରିଷ୍କାର ଦିଶିଲା। ବହୁଳ ଇଣ୍ଟରନେଟ୍‌ର ବ୍ୟବହାର ବିଭିନ୍ନ କାର୍ଯ୍ୟରେ କମ୍ପ୍ୟୁଟରିକରଣ କରାଯିବାରୁ ବହୁ କ୍ଷେତ୍ରରେ ଡିଜିଟାଲ୍ ସେବା ଆରମ୍ଭ ହେଲା। ଅନେକ ବ୍ୟବସ୍ଥା ଅନ୍‌ଲାଇନ୍ ମାଧ୍ୟମରେ କରାଗଲା। ସ୍ମାର୍ଟଫୋନ୍‌ର ଚାହିଦା ବଢ଼ିବାରୁ ଡିଜିଟାଲ୍ ସେବା ଲୋକଙ୍କ ହାତ ପାହାନ୍ତାରେ ସବୁ ସୁବିଧା ପାଇଲେ। ଘରେ ବସିବସି ବହୁତ କାମ ହୋଇଗଲା ଡିଜିଟାଲ୍ ମାଧ୍ୟମରେ। ଭାରତରେ ମନିଟାଇଜେସନ୍ ହେବାପରେ ଲୋକମାନେ ଡିଜିଟାଲ୍ ଆଡ଼କୁ ଅଧିକ

ମୁହାଁଇଲେ। ଅନ୍‌ଲାଇନ୍ ପେମେଣ୍ଟ, ଅନ୍‌ଲାଇନ୍ ମାର୍କେଟିଂ, ଅନ୍‌ଲାଇନ୍ ଟଙ୍କା କାରାବାର ଆଦି ହେବା ଆରମ୍ଭ ହେଲା। ଇଣ୍ଟରନେଟ୍ ମାଧ୍ୟମରେ ଅନେକ ପତ୍ରପତ୍ରିକା ମଧ୍ୟ ଇ-ଫାଇଲ୍ ଆକାରରେ ପ୍ରକାଶ ପାଇଲା।

ଏକବିଂଶ ଶତାବ୍ଦୀର ସବୁଠୁ ବଡ଼ ଘଟଣା ହେଲା କରୋନା ମହାମାରୀ। ବିଶ୍ୱରେ ପଚାଶ ଲକ୍ଷରୁ ବି ଅଧିକ ଲୋକ ମୃତ୍ୟୁବରଣ କରିଥିଲେ ଏହି ମହାମାରୀରେ। ଏକ ଅଜଣା ଅଦୃଶ୍ୟ ଭୟାଭୟତା ସମଗ୍ର ଚତୁର୍ପାର୍ଶ୍ୱକୁ ଘେରିଗଲା। ଲୋକ ପରସ୍ପର ମଧ୍ୟରେ ମିଶିବାକୁ ଭୟ କଲେ, ସମସ୍ତେ ନିଜ ନିଜ ଘରେ ବନ୍ଦୀ ହୋଇଗଲେ। ସବୁବେଳେ ଚାରିପଟେ ବାରମ୍ବାର ମୃତ୍ୟୁର ଖବରରେ ବିବ୍ରତ ହୋଇଗଲେ ସମସ୍ତେ। ସକାଳେ ଦେଖା ହୋଇଥିବା ମଣିଷ ସନ୍ଧ୍ୟାବେଳକୁ ନଥିଲା। ସମସ୍ତଙ୍କୁ ଲାଗୁଥିଲା ଯେମିତି ସମସ୍ତେ ଘରେ ବସି କେବଳ ମୃତ୍ୟୁକୁ ହିଁ ଅପେକ୍ଷା କରିଛନ୍ତି। "ସଂପ୍ରତିକ କବିତାରେ ଏଭଳି ବହୁ ବିଶିଷ୍ଟ କବିଙ୍କର ରଚନାରେ ମୃତ୍ୟୁ ସଚେତନତାର ସଂକେତ ବିଦ୍ୟମାନ। ଏହା ବ୍ୟତିତ ସମସାମୟିକ କାଳରେ ଓଡ଼ିଆ କବିତା କ୍ଷେତ୍ରରେ ସ୍ପନ୍ଦନ ସୃଷ୍ଟି କରୁଥିବା ବହୁ ତରୁଣ କବି ଆପଣାର ସୃଷ୍ଟିରେ ମୃତ୍ୟୁମୁଖର ମାନବାତ୍ମାର ପ୍ରତିଛବି ଅଙ୍କନ କରିଛନ୍ତି। ଜୀବନ-ମୃତ୍ୟୁର ଆଲେଖ୍ୟରେ କାବ୍ୟଜଗତ ହୋଇଛି ପରିପୁଷ୍ଟ। ତେବେ ମୃତ୍ୟୁ ପ୍ରତି ସଚେତନତା ଜୀବନ-ପ୍ରୀତିର ବିଶ୍ୱସ୍ତ ଅଭିବ୍ୟକ୍ତି। ଜୀବନପ୍ରତି ପ୍ରଗାଢ଼ ମମତା ହିଁ କବିଙ୍କୁ ମୃତ୍ୟୁ ସଚେତନ କରେ।"(୪) ଏପଟେ ସମସ୍ତେ ଗୃହବନ୍ଦୀ ହେବାରୁ କାମ ସବୁ ବନ୍ଦ ହୋଇଗଲା। ପ୍ରତି ପରିବାରଠୁ ଆରମ୍ଭ କରି ପ୍ରତି ଦେଶରେ ଅର୍ଥନୈତିକ ସଂଙ୍କଟ ଦେଖାଦେଲା। ବିଭିନ୍ନ ବିକଳ୍ପର ଆଶ୍ରୟ ନିଆଯାଇ କାମ ଚାଲିବା ଆରମ୍ଭ ହେଲା। ମାତ୍ର ଏତିକି ଯଥେଷ୍ଟ ନଥିଲା। ଏହି ସମୟରେ ଅନ୍‌ଲାଇନ୍ ବ୍ୟବସ୍ଥା ଓ ଡିଜିଟାଲ୍ ସେବାର ଗୁରୁତ୍ୱ ବଢ଼ିଲା। ଡିଜିଟାଇଜେସନ୍ ବହୁଳ ହେବା ପଛରେ ମଧ୍ୟ କରୋନାର ଭୂମିକା ଢ଼େର ବେଶି। କରୋନା ସମଗ୍ର ବିଶ୍ୱର ମୋଡ଼ ପରିବର୍ତ୍ତନ କରିଦେଲା। ସାହିତ୍ୟ ମଧ୍ୟ ବଦଳିଗଲା। କବିତାରେ କରୋନାର ସ୍ପଷ୍ଟ ଅନୁଭବ ହେଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଯେତିକି ମଣିଷ ବ୍ୟକ୍ତିନିଷ୍ଠ ହୋଇନଥିଲା, ତା'ଠୁ ଅଧିକ ବ୍ୟକ୍ତିନିଷ୍ଠ ହୋଇଗଲା କରୋନାରେ। ଏହା ସାହିତ୍ୟରେ ରୂପ ପାଇଲା।

୧୯୭୦ ମସିହା ପରବର୍ତ୍ତୀ ସମୟରେ ମନସ୍ତତ୍ତ୍ୱର ପ୍ରଭାବ ସାହିତ୍ୟ ଉପରେ ପଡ଼ିଲା। ସିଗମଣ୍ଡ ଫ୍ରୟେଡ୍‌ଙ୍କ ଏହି ତତ୍ତ୍ୱ ବହୁଳ ଲୋକ ପ୍ରୀୟତା ହାସଲ କଲା। ନିଜକୁ ବୁଝିବା, ନିଜସହ ସମୟ କାଟିବାର ଜିଜ୍ଞାସା ଭିତରୁ ମନସ୍ତତ୍ତ୍ୱ ସୃଷ୍ଟିହେଲା। ଦ୍ୱିତୀୟ ବିଶ୍ୱଯୁଦ୍ଧଠାରୁ ଆରମ୍ଭ କରି କରୋନା ମହାମାରୀ ଯାଏଁ ସବୁର ପ୍ରଭାବରେ ପ୍ରଭାବିତ ମଣିଷ 'ଗୋଷ୍ଠୀ'କୁ ଛାଡ଼ି 'ବ୍ୟକ୍ତି' ଉପରେ ଗୁରୁତ୍ୱ ଦେଲା। ବ୍ୟକ୍ତିକୈନ୍ଦ୍ରିକ ହେବାପରେ ନିଜକୁ ଚିହ୍ନିବାର ପର୍ବ ଆରମ୍ଭ ହେଲା। ମନସ୍ତତ୍ତ୍ୱର ଗଭୀରତାକୁ ମଣିଷ ପ୍ରବେଶ କଲା। ଫ୍ରୟେଡ଼ ତତ୍ତ୍ୱକୁ ନେଇ ସାହିତ୍ୟ ରଚନା ଆରମ୍ଭ ହେଲା। ମନସ୍ତତ୍ତ୍ୱକୁ ଏକ ନୂତନ ଉପାଦାନ ଭାବେ ଗ୍ରହଣ କଲେ ଲେଖକଗଣ। ଓଡ଼ିଆ ସାହିତ୍ୟରେ ମଧ୍ୟ ବିଭିନ୍ନତ ମନସ୍ତତ୍ତ୍ୱଭିତ୍ତିକ ସାହିତ୍ୟ ଦେଖିବାକୁ ମିଳିଲା।

ଏହିଭଳି ବିଭିନ୍ନ ଘଟଣା ଉତ୍ତର ଆଧୁନିକ ସାହିତ୍ୟକୁ ପ୍ରଭାବିତ କଲା। "ଆଧୁନିକତାର ବିସ୍ତୃତି ଓ ବ୍ୟାପ୍ତିକୁ ନେଇ ଆତ୍ମନୀରକ୍ଷାତ୍ମକ ଦୃଷ୍ଟିଭଙ୍ଗୀ ମୁଖ୍ୟତଃ ଉତ୍ତର ଆଧୁନିକତା କଳାରେ ଅନୁଭୂତ ହୋଇଥାଏ।"(୫) ୧୯୭୦ ମସିହାଠାରୁ ଏପର୍ଯ୍ୟନ୍ତ ଓଡିଆ ସାହିତ୍ୟରେ ଅନେକ କାବ୍ୟ କବିତା ରଚନା କରାଯାଇଛି। ଅନେକ ପ୍ରତିଷ୍ଠିତ ଓ ଲୋକପ୍ରିୟ କବି ଏହି ସମୟଖଣ୍ଡରେ ଥିଲେ ଓ ଅଛନ୍ତି। ନୂତନ ଯୁବପିଢ଼ୀ ମଧ୍ୟ ଏହି କ୍ରମରେ ସାମିଲ୍ ହେଉଛନ୍ତି। ଏହି ସମୟର ଲେଖକ ମାନଙ୍କ ମଧ୍ୟରୁ ଗୁରୁପ୍ରସାଦ ମହାନ୍ତି, ବେଣୁଧର ରାଉତ, ଭାନୁଜୀ ରାଓ, ବିଦ୍ୟୁତପ୍ରଭା ଦେବୀ, ଚିନ୍ତାମଣି ବେହେରା, ଜୟନ୍ତ ମହାପାତ୍ର, ଦୁର୍ଗାମାଧବ ମିଶ୍ର, ନନ୍ଦିନୀ ଶତପଥୀ, ରବି ସିଂ, ରମାକାନ୍ତ ରଥ, ବ୍ରହ୍ମୋତ୍ରୀ ମହାନ୍ତି, ଜଗନ୍ନାଥ ପ୍ରସାଦ ଦାସ, ସୀତାକାନ୍ତ ମହାପାତ୍ର, ଅକ୍ଷୟ ମହାନ୍ତି, ସୌରୀନ୍ଦ୍ର ବାରିକ୍, ହରିହର ମିଶ୍ର, ସୌଭାଗ୍ୟ କୁମାର, ମିଶ୍ର, ପ୍ରସନ୍ନ କୁମାର ମିଶ୍ର, ଶୈଳଜ ରବି, ପ୍ରମୋନ କୁମାର ମହାନ୍ତି, ରାଜେନ୍ଦ୍ର କିଶୋର ପଂଡା, ଫନୀ ମହାନ୍ତି, ପ୍ରତିଭା ଶତପଥୀ, ହରପ୍ରସାଦ ଦାସ, ସଦାଶିବ ଦାଶ, ଦେବଦାସ ଛୋଟରାୟ, ନୀଳାଦ୍ରି ଭୂଷଣ ହରିଚନ୍ଦନ, ପ୍ରସନ୍ନ କୁମାର ପାଟଶାଣୀ, ଅମରେଶ ପଟ୍ଟନାୟକ, ସୌଭାଗ୍ୟବନ୍ତ ମହାରଣା, ହରପ୍ରସାଦ ପରିଚ୍ଛା ପଟ୍ଟନାୟକ, ଦାଶ ବେନହୁର୍, ଗିରିଜା କୁମାର ବଳୀୟାର ସିଂହ, ହୃଷୀକେଶ ମଲ୍ଲିକ, ଶତ୍ରୁଘ୍ନ ପାଣ୍ଡବ, ରଞ୍ଜିତା ନାୟକ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ସୂର୍ଯ୍ୟ ମିଶ୍ର, ଜୟନ୍ତୀ ରଥ, ବିରଜା ବଳ, ବାସୁଦେବ ସୁନାନୀ, ସୁନୀଲ୍ କୁମାର ପୁଷ୍ଟି, ରକ୍ଷକ ନାୟକ, ତୁହିନାଂଶୁ ରଥ, କେଦାର ମିଶ୍ର, ସରୋଜ ବଳ,

ଗାୟତ୍ରୀ ବାଳା ପଣ୍ଡା, ନରେନ୍ଦ୍ର ଭୋଇ, ଜ୍ଞାନୀ ଦେବାଶିଷ ମିଶ୍ର, ସୂର୍ଯ୍ୟସାତ ତ୍ରିପାଠୀ, ନୀଖିଳେଶ ମିଶ୍ର, ଦିପୁନ ପୁହାଣ, ଆଶିଷ ମିଶ୍ର, ସୁମିତ ପଣ୍ଡା ଆଦି ପ୍ରମୁଖ।

**ପ୍ରାନ୍ତଟିକା :**


୧. ଶତପଥି, ପ୍ରତିଭା, ଉତ୍ତର-ଆଧୁନିକ ଓଡିଆ କବିତା, କଟକ, ଗ୍ରନ୍ଥମନ୍ଦିର, ତୃତୀୟ ସଂସ୍କରଣ, ୨୦୧୪, ପୃଷ୍ଠା-୨୫।

୨. ମହାପାତ୍ର, ବ୍ରଜୁବାହନ, ଆଧୁନିକତାର ଉତ୍ତରଣ ଓଡିଆ କବିତା ଓ କବିଦୃଷ୍ଟି, କଟକ, ବିଜୟିନୀ ପବ୍ଲିକେଶନ୍ସ, ପ୍ରଥମ ପ୍ରକାଶନ, ୨୦୧୯, ପୃଷ୍ଠା-୧୨।


୩. ସ୍ୱାଇଁ, ଦିଲୀପ କୁମାର, କାରାଗାରରୁ କୁଆଁତାରା, କଟକ, ବିଜୟିନୀ ପବ୍ଲିକେଶନ୍ସ, ପ୍ରଥମ ପ୍ରକାଶ, ୨୦୧୧, ପୃଷ୍ଠା-୧୯।

୪. ମହାପାତ୍ର, ବ୍ରଜୁବାହନ, ଆଧୁନିକ ଓଡ଼ିଆ କବିତାର ଭାବଭୂମି, କଟକ, ବିଜୟିନୀ ପବ୍ଲିକେଶନ୍ସ, ପ୍ରଥମ ପ୍ରକାଶ, ୨୦୧୦, ପୃଷ୍ଠା-୧୪୧।

୫. ପଟ୍ଟନାୟକ, ଦେବୀପ୍ରସନ୍ନ, ପ୍ରଧାନ, କୃଷ୍ଣଚନ୍ଦ୍ର (ସଂ), ଉତ୍ତର ଆଧୁନିକତା ଏକ ପରିଚିତି, କଟକ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ପ୍ରଥମ ପ୍ରକାଶ, ୨୦୦୮, ପୃଷ୍ଠା-ଘ।


●

ନୂଆ ବହି




## ନିଷାଦର ନୈଶାଭିସାର

(ଗଳ୍ପ ସଂକଳନ )

ଗାଳ୍ପିକ : ହୃଷୀକେଶ ମହାରଣା

ପ୍ରକାଶକ : ବର୍ଷା ପବ୍ଲିକେଶନ

ପ୍ରଥମ ପ୍ରକାଶ : ୨୦୨୨

ପୃଷ୍ଠା - ୯୪, ମୂଲ୍ୟ - ୧୫୦ ଟଙ୍କା

A L O C H A N A
ଆ ଲୋ ଚ ନା

ପ୍ରଥମ ବର୍ଷ, ସଂଖ୍ୟା - ୦୩ । ମଇ - ଜୁନ୍ ୨୦୨୩
Volume No. 01 I Issue No. 03 I May - June 2023

# 'କେତେ ଲୋକ କେତେ ଦୁଃଖ': ରଙ୍ଗ ରୂପ ଗଢ଼ଣ ଓ ଉଡ଼ାଣ

■ ହୃଷିକେଶ ମହାରଣା



ଅଧ୍ୟାପକ, ଓଡ଼ିଆ ବିଭାଗ,
ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ,
ସାଲେପୁର

ସୁଖ ଓ ଦୁଃଖ- ଏ ଦୁହିଁଙ୍କର ସମ୍ପର୍କ ଅତ୍ୟନ୍ତ ନିବିଡ଼। ସାମାଜିକ, ରାଜନୀତିକ, ଆର୍ଥିକ ସ୍ଥିତି ଭିନ୍ନ ହୋଇପାରେ, ସୁଖ ଦୁଃଖର ସ୍ୱରୂପ ପୃଥକ୍ ହୋଇପାରେ କିନ୍ତୁ ଏ ଦୁହିଁଙ୍କର ଅବସ୍ଥିତିକୁ ଅସ୍ୱୀକାର କରିବାର ସାମର୍ଥ୍ୟ ବୋଧହୁଏ ଏ ଯାଏଁ ପୃଥିବୀର କୌଣସି ମଣିଷ ଭାଗ୍ୟରେ ଘଟିନାହିଁ। ପ୍ରତ୍ୟେକ ମଣିଷର ଜୀବନଶୈଳୀ ଦୃଷ୍ଟିଭଙ୍ଗୀ ଓ ମନସ୍ତତ୍ତ୍ୱ ଭିନ୍ନ; ତେଣୁ ସମସ୍ତଙ୍କର ଦୁଃଖ ମଧ୍ୟ ଭିନ୍ନ ହେବା ସ୍ୱାଭାବିକ। ମଣିଷ ତା'ର ଜୀବନକାଳ ମଧ୍ୟରେ ଦୁଃଖ ଏବଂ ସୁଖ ଦୁଇଟିଯାକ ଭୋଗିବାକୁ ବାଧ୍ୟ। ଗୋଟିଏ ଗାଡ଼ିର ଦୁଇଟି ଚକଭଳି ଜୀବନ ଯାନର ବାହକ ହେଉଛନ୍ତି ଦୁଃଖ ଓ ସୁଖ। ସୁଖ ଭୁଲି ହେଇଯାଏ, ଦୁଃଖ ମନେରହେ। ଦୁଃଖ ଲୁଚେଇ ଛଳନାର ହସ ହସୁଥିବ ଲୋକଙ୍କ ସଂଖ୍ୟା ବି କମ୍ ନୁହେଁ ଏଠି। ସେଇସବୁ ଲୋକମାନଙ୍କ ଜୀବନର କଥା, ସୁଖ ଦୁଃଖ ସହ ସଂଘର୍ଷର କାହାଣୀକୁ ନେଇ ରବିନାରାୟଣ ଦାସ ଲେଖିଛନ୍ତି 'କେତେ ଲୋକ କେତେ ଦୁଃଖ'। ନାମକରଣ ଦୃଷ୍ଟିରୁ ଏ ବହିରେ କେବଳେ ଯେ ଦୁଃଖୀ ଲୋକଙ୍କ କଥା କୁହାଯାଇଛି ତାହା ନୁହେଁ, ଦୁଃଖକୁ ବେଖାତିର୍ କରି, ପରିସ୍ଥିତିର ପ୍ରତିକୂଳ ଦିଗରେ ଅଗ୍ରସର ହେବାର ମାନସିକତା ରଖି ଆଗକୁ ବଢୁଥିବା କିଛି ଲୋକଙ୍କର ଜୀବନ ଜଞ୍ଜାଳ ଓ ସହନଶୀଳତାର କଥା ରହିଛି ଏଥିରେ। ଗୋଟିଏ ନିର୍ଦ୍ଦିଷ୍ଟ ଘଟଣାରେ ଜଣେ ଦୁଃଖିହେଲେ ସମାନ ଘଟଣାରେ ଅନ୍ୟଜଣେ ସୁଖୀ ହୋଇପାରେ। ଏଣୁ ଦୁଃଖ ହିଁ ସୁଖର ଏକ ପ୍ରଚ୍ଛନ୍ନ ଉପାଦାନ।

ରବିନାରାୟଣ ଦାସଙ୍କ ଗଭୀର ଅନୁଧ୍ୟାନ ଓ ଅନୁଭୂତିକୈନ୍ଦ୍ରିକ ଗଳ୍ପ ସଂକଳନ 'କେତେ ଲୋକ କେତେ ଦୁଃଖ'ରେ ଯେଉଁ ଗଳ୍ପସବୁ ସଂକଳିତ ହୋଇଛି ତାକୁ ଗଳ୍ପ ନକହି ବରଂ ନିମ୍ନ ମଧ୍ୟବିତ୍ତ ପାରିବାରିକ ଜୀବନ

ଓ ପ୍ରେମ-ପ୍ରଣୟଭିତ୍ତିକ ଇତିହାସ କହିବା ଠିକ୍ ହେବ। ରବିନାରାୟଣ ଦାସ ବୃତ୍ତିରେ ଜଣେ ସାମ୍ବାଦିକ। ହୁଏତ ବୃତ୍ତିଗତ ଜୀବନ ଭିତରେ ଗଳ୍ପରେ ବର୍ଣ୍ଣିତ ଚରିତ୍ରମାନଙ୍କୁ ସେ ନିଜେ ସ୍ୱଚକ୍ଷୁରେ ଦେଖିଛନ୍ତି, ସେମାନଙ୍କ ସହ ମିଶିଛନ୍ତି, ସେମାନଙ୍କ ଦୁଃଖକୁ ନିଜ ଭିତରେ ଅନୁଭବ କରିଛନ୍ତି। ସେଇ ଅନୁଭବଜନିତ ଯନ୍ତ୍ରଣା ଓ ବେଦନାକୁ ବାଢ଼ିଦେଇଛନ୍ତି ଗଳ୍ପରେ। 'କେତେ ଲୋକ କେତେ ଦୁଃଖ' ସଂକଳନର ପ୍ରତ୍ୟେକ ଗଳ୍ପରେ ଚରିତ୍ରମାନେ ନିଜେ ନିଜର ଦୁଃଖ ବଖାଣନ୍ତି। ଦୁଃଖକୁ ଏଡ଼େଇଯିବାର ଛଳନା କରନ୍ତି। ଲୁହ ପୋଛି ହସିଦିଅନ୍ତି।

ଗଳ୍ପଗୁଡ଼ିକୁ ବିଷୟବସ୍ତୁ ଦୃଷ୍ଟିରୁ ଅନୁଧ୍ୟାନ କଲେ ବାରି ହୋଇପଡ଼େ ସ୍ଥାନ-କାଳ-ପାତ୍ରର ପ୍ରାମାଣିକତା। ଭୁବନେଶ୍ୱର, କଟକ, ରାଉରକେଲା, ବୟାଳିଶ ମୌଜା, ଗୁଆଳିପୁର, ଅବନ୍ତୀପୁର, ଶ୍ରୀବନ୍ତପୁର, ବଡ଼ ମେଡ଼ିକାଲ, ରେଭେନ୍ସା କଲେଜ, କାଠଯୋଡ଼ି ପୋଲ ଆଦି ସ୍ଥାନର ବର୍ଣ୍ଣନା ଦେଇ ଗାଳ୍ପିକ କାହାଣୀକୁ ସତ୍ୟତାର ପରିବେଷ୍ଟନୀକୁ ଆଣିବାର ପ୍ରୟାସ କରିଛନ୍ତି। ସମୁଦାୟ ପନ୍ଦରଟି କାହାଣୀକୁ ନେଇ ସଂକଳିତ ହୋଇଥିବା ଏହି ପୁସ୍ତକରେ ବିଭିନ୍ନ ବର୍ଗର ଚରିତ୍ର ସଂଶ୍ଳିଷ୍ଟ। ପ୍ରେମ ସଂପର୍କ, ପରକୀୟା ପ୍ରୀତି, ସନ୍ଦେହ, ମେଡ଼ିକାଲ ପରିସରରେ ଦୁଃଖଘେନି ବଞ୍ଚୁଥିବା କିଛି ଲୋକଙ୍କ କଥା ସହ କିଛି ବିରଳ ପ୍ରକୃତିର ଲୋକଙ୍କୁ ଚରିତ୍ର ରୂପେ ସ୍ଥାନ ଦେଇଛନ୍ତି। ମନେହୁଏ ଗାଳ୍ପିକ ସାମ୍ବାଦିକତା ଦୃଷ୍ଟିକୋଣ ଘେନି ସାଧାରଣ ଜୀବନ ଭିତରୁ ଅସାଧାରଣ ଚରିତ୍ରମାନଙ୍କୁ ଅନୁସନ୍ଧାନ କରି ସେଇମାନଙ୍କ ଜୀବନଚରିତକୁ ନେଇ ଗଳ୍ପ ଲେଖିଛନ୍ତି। ଅନୁସନ୍ଧିତ୍ସୁ ମନୋଭାବ ନେଇ ଗାଳ୍ପିକ ଚରିତ୍ର ଭିତରେ ପଶିଛନ୍ତି। ସେମାନଙ୍କ ବ୍ୟକ୍ତିଗତ ଦୁଃଖକୁ ନିଜର ଭାବି ପ୍ରଗଳ୍ଭ ହୋଇ ଟିକିନିଖି ବର୍ଣ୍ଣନାଦେଇ ଗଳ୍ପକୁ ଆକର୍ଷଣୀୟ କରିଛନ୍ତି।

ବନ୍ଧନରୁ ମୁକ୍ତି ଚାହୁଁଥିବା, ନିଜ ଇଚ୍ଛାରେ ବଞ୍ଚୁଥିବା ବେଫିକର୍ ନଗେନ୍ଦ୍ର ଭାଇନା ପୁନଶ୍ଚ ବନ୍ଧନକୁ ଆଦରି ନେଇଛନ୍ତି 'ମାୟା' ଗଳ୍ପରେ। ଜଣେ ମେଧାବୀ ଛାତ୍ର ଭାବରେ ଡାକ୍ତର କିମ୍ବା କଲେକ୍ଟର ହେବାର ସାମର୍ଥ୍ୟ ରଖିଥିଲେ ମଧ୍ୟ ସବୁ ଚାକିରିକୁ ପ୍ରତ୍ୟାଖ୍ୟାନ କରି ଶେଷରେ ଗାଆଁ ସ୍କୁଲରେ ଶିକ୍ଷକତା କରିବାକୁ ନିଷ୍ପତ୍ତି ନେଇଛନ୍ତି ସେ। ପତ୍ନୀ ସୁଜାତାଙ୍କ ଶତ ଅନୁରୋଧ ସତ୍ତ୍ୱେ ଘରଖଣ୍ଡେ ତୋଳିବାକୁ ଅନିଚ୍ଛୁକ ଥିବା ନଗେନ୍ଦ୍ର ଭାଇନା ଅବସର ପରେ ପୁରୁଣା ଘରକୁ ଭାଙ୍ଗି ନୂଆଘର ଗଢ଼ିବାର ନିଷ୍ପତ୍ତି ନେଇଛନ୍ତି। 'ମାୟା'ଗଳ୍ପରେ ଜଣେ ବିରଳ ବ୍ୟକ୍ତି ନଗେନ୍ଦ୍ର ଭାଇନାଙ୍କ ବ୍ୟକ୍ତିତ୍ୱ ଓ ମନସ୍ତତ୍ୱ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। କାହାଣୀର କେନ୍ଦ୍ରରେ ଅଛି ବନ୍ଧନରୁ ମୁକ୍ତି ଚାହୁଁଥିବା, ନିଜ ଇଚ୍ଛାରେ ବଞ୍ଚୁଥିବା ବେଫିକର୍ ନଗେନ୍ଦ୍ର ଭାଇନା ପୁନଶ୍ଚ ବନ୍ଧନକୁ ଆଦରି ନେଇଥିବା ପ୍ରସଙ୍ଗ। ଜଣେ ମେଧାବୀ ଛାତ୍ର ଭାବରେ ଡାକ୍ତର କିମ୍ବା କଲେକ୍ଟର ହେବାର ସାମର୍ଥ୍ୟ ରଖିଥିବା ନଗେନ୍ଦ୍ର ସବୁ ଚାକିରିକୁ ପ୍ରତ୍ୟାଖ୍ୟାନ କରି ଶେଷରେ ଗାଆଁ ସ୍କୁଲରେ ଶିକ୍ଷକତା କରିବାକୁ ନିଷ୍ପତ୍ତି ନେଇଛନ୍ତି। ପତ୍ନୀଙ୍କ ଶତ ଅନୁରୋଧ ସତ୍ତ୍ୱେ ଘରଖଣ୍ଡେ ତୋଳିବାକୁ ଅନିଚ୍ଛୁକ ଥିବା ନଗେନ୍ଦ୍ର ଭାଇନା ଅବସର ପରେ ପତ୍ନୀଙ୍କ ବିୟୋଗରେ ମ୍ରିୟମାଣ ହୋଇପଡିଛନ୍ତି। ଏତେ ବଡ଼ ଦୁନିଆରେ କାହାରି ପାଖରେ ତାଙ୍କ ପାଇଁ ସମୟ ନାହିଁ। ଚାକର ଚକ୍ରଧର ହିଁ ହୋଇଛି ତାଙ୍କର ଏକମାତ୍ର ସହଚର। ପିଲାମାନେ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରି ବଡ଼ ବଡ଼ ସହରରେ ଅବସ୍ଥାପିତ। ନଗେନ୍ଦ୍ର ଭାଇନା ପିଲାମାନଙ୍କ ଉପରେ ବୋଝ ହୋଇ ରହିବାକୁ ପସନ୍ଦ କରିନାହାନ୍ତି। ବିଭିନ୍ନ ସ୍ଥାନ ଭ୍ରମଣ କରି ସମୟ କଟାଇଛନ୍ତି। ସମୟକ୍ରମେ ତାଙ୍କର ମନ ପରିବର୍ତ୍ତନ ହୋଇଛି ଏବଂ ସେ ପୁରୁଣା ଘରକୁ ଭାଙ୍ଗି ନୂଆଘର ଗଢ଼ିବାର ନିଷ୍ପତ୍ତି ନେଇଛନ୍ତି। ଦୁଇ ବଖରା ଘର କରିବାକୁ ଯୋଜନା କରିଥିବା ନଗେନ୍ଦ୍ର ଭାଇନା ପନ୍ଦର ଶହ ବର୍ଗ ଫୁଟ ବିଶିଷ୍ଟ ବିରାଟ ଅଟ୍ଟାଳିକା ଗଢ଼ି ପକାଇଥିଲେ। ପିଲାମାନଙ୍କ ଠାରୁ ଅନାଦର ପାଇବାପରେ ଶେଷ ଜୀବନରେ ତାଙ୍କୁ ସେଇ ଘରକୁ ଲେଉଟି ଆସିବାକୁ ପଡ଼ିଛି।

'ବିସ୍ମରଣ' ଗଳ୍ପରେ ୮୫ବର୍ଷ ବୟସ୍କ ବୃଦ୍ଧ ବ୍ୟକ୍ତି ସୁବୋଧଙ୍କ କଥା କୁହାଯାଇଛି। ପିଲାଦିନେ ତାଙ୍କର ପ୍ରଖର ସ୍ମରଣଶକ୍ତିପାଇଁ ପ୍ରଶଂସିତ ହେଉଥିବା ସୁବୋଧ ପରିଣତ ବୟସରେ ନିଜର ଦୁର୍ବଳ ସ୍ମରଣଶକ୍ତିପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବାର-ଚଉଦ ବରଷ ତଳେ ତାଙ୍କ ପତ୍ନୀ ମରିଯାଇଥିବାରୁ ସୁବୋଧ ବାବୁ ମୃତଦାର ହୋଇ ଅବନ୍ତୀପୁର ଗ୍ରାମରେ ବସବାସ କରନ୍ତି। ପିଲାମାନେ ବିଦେଶରେ ରହୁଥିବାରୁ ସୁବୋଧ ବାବୁ ନିଜର ମନକଥା କାହାଆଗରେ କହି ପାରିନାହାଁନ୍ତି। ଏଇ ଅସହାୟତା ଭିତରେ ତାଙ୍କ ରଚିତ ଗପକୁ ଅନୁବାଦ କରୁଥିବା ଜଣେ ଅବସରପ୍ରାପ୍ତ ଅଧ୍ୟାପକ 'ସଚ୍ଚିକାନ୍ତ'କୁ ଡାକି ନିଜର ମନକଥା ଖୋଲି କହିବାକୁ ଚାହିଁଛନ୍ତି। ପ୍ରଥମେପ୍ରଥମେ ସଂକୋଚ କରୁଥିଲେ ମଧ୍ୟ ପରେ

ସୁବୋଧ ବାବୁ ମୁହଁ ଖୋଲିଛନ୍ତି। ପିଲାଦିନେ ମାମୁଘର ଗାଁର ମାଳତୀ ନାମକ ଜଣେ ଝିଅ ସହ ଥିବା ପ୍ରେମ ସମ୍ପର୍କ, ବିବାହ କରିବାର ନିଷ୍ପତ୍ତି, ଅଜାଙ୍କର ଆପତ୍ତି ଆଦି ଘଟଣାମାନ ଖୋଲି କହିଥିଲେ। ମାଳତୀକୁ ବାହାହେବାର ପ୍ରତିଶ୍ରୁତି ଦେଇ ପ୍ରତିଶ୍ରୁତି ପାଳନ ନ କରିପାରିବାର ଅଭାବବୋଧ କିପରି ତାଙ୍କୁ ଖାଇଗୋଡ଼େଇଛି, ସେକଥା କହି ପଶ୍ଚାତାପ କରିଛନ୍ତି। ମାମୁଘର ଗାଁ ଶ୍ରୀବନ୍ତପୁରକୁ ଯାଇ ନିଜ ପ୍ରେମିକା ମାଳତୀର ଖବର ସଂଗ୍ରହ ନିମନ୍ତେ ସଚ୍ଚିକାନ୍ତକୁ ଅନୁନୟ ହୋଇ କହିଛନ୍ତି। ମାଳତି ଜୀବିତ ନା ମୃତ? ଯଦି ଜୀବିତ ତେବେ ବାପ ଘରେ ଅଛନ୍ତି ନା ଶାଶୁଘରେ? ତାଙ୍କ ଶାଶୁଘର କେଉଁଠି? ଏ ଉତ୍କଣ୍ଠା ଗଳ୍ପକୁ ଅଧିକ ରସଶିକ୍ତ କରିଛି। ଯୋଜନା ଅନୁସାରେ ସଚ୍ଚିକାନ୍ତ ବନ୍ଧୁ ପ୍ରକାଶ ମହାନ୍ତି ଜରିଆରେ ଶ୍ରୀବନ୍ତପୁର ଯାଇ ମାଳତୀଙ୍କୁ ଖୋଜିବା ପୂର୍ବରୁ ସୁବୋଧ ସାମନ୍ତରାୟଙ୍କ ମାମୁଁଘର ଖୋଜି ପାଇଲେ। ସୁବୋଧ ବାବୁଙ୍କ ମାମୁ ପୁଅ ନିତ୍ୟାନନ୍ଦ ଚୌଧୁରୀ ତାଙ୍କୁ ବେଶ୍ ଆତିଥ୍ୟର ସହ ଚର୍ଚ୍ଚା କରିସାରିବା ପରେ ପାରସ୍ପରିକ ଆଲୋଚନା ଆରମ୍ଭ କଲେ। ଏହି ଆଲୋଚନା ଭିତରେ ଜଣାପଡିଛି ଯେ ମାଳତୀ ସୁବୋଧ ବାବୁଙ୍କ କେବଳ ପ୍ରେମିକା ନୁହେଁ ବରଂ ପତ୍ନୀ ମଧ୍ୟ। ସୁବୋଧ ବାବୁ ଓ ମାଳତୀ ଦେବୀଙ୍କ ପ୍ରେମ ପରବର୍ତ୍ତୀ ସମୟରେ ବିବାହର ରୂପ ନେଇଛି। ଏବଂ ସେମାନେ ପତି ପତ୍ନୀ ଭାବରେ ଦୀର୍ଘ ବର୍ଷ ବିତାଇବା ପରେ ମାଳତୀ ଦେବୀଙ୍କ ମୃତ୍ୟୁ ହୋଇଛି। ସୁବୋଧ ବାବୁ ନିଜର ଦୁର୍ବଳ ସ୍ମରଣଶକ୍ତି ଯୋଗୁଁ ସବୁ କଥା ପାଶୋରି ଦେବା ଭିତରେ ତାଙ୍କର ଦୀର୍ଘ ଦିନର ଦାମ୍ପତ୍ୟକୁ ମଧ୍ୟ ମନେ ପକାଇ ନ ପାରିବା କାରଣରୁ ସଚ୍ଚିକାନ୍ତଙ୍କୁ ମାଳତୀଙ୍କୁ ଖୋଜିବାକୁ ଅନୁରୋଧ ଜଣାଇଥିଲେ ବୋଲି ସ୍ପଷ୍ଟ ହୋଇଛି। ପରିଣତ ବୟସର ଏହି ଅସହାୟତା ଗଳ୍ପରେ ହାସ୍ୟରସ ଫୁଟାଉଥିଲେ ମଧ୍ୟ ଏହି ଗଳ୍ପର ଅନ୍ତଃସ୍ୱର ବୟସାଧିକ୍ୟ ଜନିତ ଅସହାୟତାର କାରୁଣ୍ୟରେ ଆର୍ଦ୍ର ହୋଇଉଠିଛି। ଏହି ଗଳ୍ପର ପରବର୍ତ୍ତୀ ପର୍ଯ୍ୟାୟ ଭାବେ 'ଗୋଟିଏ ବୁଢ଼ା ମଡ଼ାର କାହାଣୀ'କୁ ଗ୍ରହଣ କରାଯାଇପାରେ। ଏହି ଗଳ୍ପଟି ବର୍ଣ୍ଣନାଦୃଷ୍ଟିରୁ ଦେବଦାସ ଛୋଟରାୟଙ୍କ 'ଜିନିଷ' ଓ କମଳା ଶତପଥୀଙ୍କ 'ନାମ ଫଳକ' ଗଳ୍ପ ସହ ତୁଳନୀୟ। ଶବ ହିଁ ଏଠାରେ ମୁଖ୍ୟ ଚରିତ୍ର ଓ ବକ୍ତା। ମୃତ୍ୟୁ ପରେ ନିଜ ପ୍ରିୟଜନଙ୍କର କାନ୍ଦଣା ଓ ସହାନୁଭୂତିର ସୁଅ ଭିତରୁ ବାହାରି ଆସି ଆତ୍ମା ତା' ନିଜ ଶରୀରକୁ ପ୍ରଦକ୍ଷିଣ କଲାବେଳେ ଜୀବନକାଳ ଭିତରେ ତୁଟାଇ ପାରିନଥିବା କାମପାଇଁ ଅବସୋସ କରୁଥିଲା। କିନ୍ତୁ ପ୍ରିୟଜନଙ୍କର ଲୁହବୁନ୍ଦାର ସ୍ୱଚ୍ଛତାରେ ସେ ଦେଖିପାରୁଥିଲା ସେମାନଙ୍କ ମନ ଭିତରର ଲୋଭ, ମୋହ, ସ୍ୱାର୍ଥପରତା ଓ ଛଳନାର ପ୍ରତିଫଳନ। ଟଙ୍କା ଓ ସମ୍ପତ୍ତିପାଇଁ ନିଜ ବଂଶଧରଙ୍କ ମଧ୍ୟରେ ଚାଲିଥିବା ମନ୍ତ୍ରଣା ଓ ଷଡ଼ଯନ୍ତ୍ରକୁ ଗୋଟିଗୋଟି କରି ଦେଖି ପାରୁଥିଲା ସେ। ଏମିତିକି ସାହି ମାମାଲତକାର ମଦନ ପଣ୍ଡାର ଛଳନାପୂର୍ଣ୍ଣ ସମ୍ଭାଷଣ, ନିଜ ପିଲାମାନଙ୍କର ଆଚରଣ ଦେଖି ହତବମ୍ବ ହୋଇପଡୁଥିଲା ଆତ୍ମାଟି। ନିଜ ଜୀବନର ନିଷ୍ପତ୍ତିଗୁଡ଼ିକୁ ଠିକ-ଭୁଲର ନିକିତିରେ ପକେଇ ତଉଲୁଥିଲା ସେ। ଜୀବନକାଳରେ କରିଥିବା କାମର ହିସାବ ନିକାଶ କରି ପାପ-ପୂଣ୍ୟର ବିଚାରବୋଧରେ ନିଜର କର୍ମଫଳକୁ କାଠଗଡ଼ାରେ ଛିଡ଼ାକରି ନିଜେ ଓକିଲ ପୁଣି ନିଜେ ବିଚାରକ ହୋଇ ରାୟ ଶୁଣାଉଥିଲା। ପତ୍ନୀ ଓ ପିଲାମାନଙ୍କର କାର୍ଯ୍ୟକଳାପକୁ ଗୋଟିଗୋଟି କରି ଦେଖୁଥିଲା। ବାସ୍ତବତା ଓ ଛଳନାକୁ ବିଚାର କରୁଥିଲା। ଏହି ସବୁ ଦୃଶ୍ୟ ଓ ଆଚରଣରେ ପ୍ରଭାବିତ ହୋଇ କ୍ରମେ ନିଜ ଭିତରୁ ମୋହ ତୁଟାଇ ସାଂସାରିକ ବଳୟରୁ ବିଦାୟ ନେବାକୁ ପ୍ରସ୍ତୁତ ହେଉଥିଲା। ଶବଦାହ ସହ ଏ ଗଳ୍ପର ପରିସମାପ୍ତି ଘଟିଛି।

ବଡ଼ମେଡ଼ିକାଲ ପରିସରରେ ଉଠା ଦୋକାନର ପସରା ମେଲିଥିବା ଅକର୍ମଣ୍ୟ ନାରଣ ନିଜେ ଅସହାୟ ହେଲେ ମଧ୍ୟ 'କାଳିଆ' ପ୍ରତି ସୃଷ୍ଟି ହୋଇଥିବା ସ୍ନେହ ତାକୁ ଏତେ ଆବେଗପ୍ରବଣ କରିଦେଇଛି ଯେ କାଳିଆ ମାଆର ମୃତ୍ୟୁ ଖବରରେ ସେ ବିକଳ ହୋଇଉଠିଛି। ଅଧୈର୍ଯ୍ୟ ହୋଇ ବିଳାପ କରିଛି। 'କେତେ ଲୋକ କେତେ ଦୁଃଖ' ଶୀର୍ଷକ ଏହି ଗଳ୍ପର ପରିଣତି କରୁଣ ରସରେ ରସାପ୍ଲୁତ। ଉଠାଦୋକାନୀ ନାରଣ ଚାଳିଶି ବର୍ଷ ଧରି ବଡ଼ମେଡ଼ିକାଲ ପରିସରରେ ନିଜର ବ୍ୟବସାୟ ଚଳେଇ ଆସିଛି। ମେଡ଼ିକାଲ ବସ୍ତିରେ ତା'ର ଘର। ମେଡ଼ିକାଲର ଆବଶ୍ୟକତା ଅନୁସାରେ ସକାଳ ୮ରୁ ସନ୍ଧ୍ୟା ଯାଏଁ ଦୋକାନ ଖୋଲା ରହେ। ଏହି ବ୍ୟବସାୟ ମାଧ୍ୟମରେ ତା' ପିଲାମାନେ ମଣିଷ ହୋଇ ସହରରେ ଘର ଖଣ୍ଡେ ତୋଳି ପାରିଛନ୍ତି। ହଜାରହଜାର ଲୋକଙ୍କର ଯିବା-ଆସିବା ଭିତରେ ନାରଣ ତା'ର ସାମର୍ଥ୍ୟ ଅନୁଯାୟୀ କିଛି ଅସହାୟ ଲୋକଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରେ। ସମସ୍ତଙ୍କ ଦୁଃଖରେ ଭାଗି ହେବାକୁ ଆଗଭର ହୁଏ। ବାର ତେର ବର୍ଷର ବାଳକ କାଳିଆ ପ୍ରତି ତା'ର ଆନ୍ତରିକତା ସୃଷ୍ଟି ହୋଇଛି। ନିଜ ମା'ର ଚିକିତ୍ସାପାଇଁ ବଡ଼ମେଡ଼ିକାଲ ଆସିଥିବା କାଳିଆ ନିଜର ବାଲ୍ୟ

ଚପଳାମିରେ ନାରଣକୁ ବ୍ୟବସାୟରେ ସାହାଯ୍ୟ କରେ। ଏହି ଅନ୍ତରଙ୍ଗତା ନାରଣକୁ କାଳିଆ ପ୍ରତି ସମ୍ବେଦନଶୀଳ କରିତୋଳିଛି। କାଳିଆ ମାଆର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯିବା ଖବର ଶୁଣି ନାରଣ ଦୌଡ଼ି ଯିବାକୁ ଚାହୁଁଥିଲେ ମଧ୍ୟ ତା'ର ଶାରୀରିକ ଅକ୍ଷମତା ଯୋଗୁଁ ବିଫଳ ହୁଏ। ତା'ର ଏହି ଶାରୀରିକ ଅକ୍ଷମତା ଗଳ୍ପରେ ବିସ୍ମୟ ସୃଷ୍ଟି କରିଛି। ନିଜ ଗୋଡ଼ରେ ସବୁବେଳେ ଟାୱେଲ ଘୋଡ଼େଇ ରଖୁଥିବା ନାରଣ ଜଣେ ଭିନ୍ନକ୍ଷମ ବ୍ୟକ୍ତି ବୋଲି ଗଳ୍ପର ପ୍ରାରମ୍ଭିକ ଭାଗରେ କୁହାଯାଇନାହିଁ। ପରିଣତିରେ ଏହି ଦ୍ୱନ୍ଦ୍ୱର ଉନ୍ମୋଚନ ବେଶ୍ ପାଠକୀୟ ଉତ୍କଣ୍ଠା ଓ ବିସ୍ମୟ ତିଆରେ। ଜଣେ ଭିନ୍ନକ୍ଷମ ବ୍ୟକ୍ତି ନିକଟରେ ଅଜଣା, ଅପରିଚିତ ଲୋକଙ୍କପାଇଁ ସୃଷ୍ଟି ହେଉଥିବା ସମବେଦନା, ସମ୍ବେଦନଶୀଳତା ଓ ପରୋପକାରୀ ମନୋଭାବ ପାଠକକୁ ଏକ ଆଦର୍ଶର ଶିକ୍ଷା ଦିଏ।

ବଡ଼ମେଡ଼ିକାଲ ପରିବେଶର ଆଉ ଏକ ଗଳ୍ପର କାହାଣୀ ନଜରକୁ ଆସେ। ଗଳ୍ପଟିର ଶୀର୍ଷକ ରହିଛି 'ପଥର'। ଏ ଗଳ୍ପଟିରେ ଜଣେ ଈଶ୍ୱରବିଶ୍ୱାସୀ ସରଳ ଅମାୟିକ ଲୋକ ନିରାକାରର କଥା କୁହାଯାଇଛି। ଯିଏ ପଥର ଭିତରେ ଈଶ୍ୱରଙ୍କ ସନ୍ଧାନ କରେ। ଏବଂ ସେଇ ଈଶ୍ୱରଙ୍କ ଆଶ୍ରିତ ହୋଇ ବଞ୍ଚିବାକୁ ଚାହେଁ। କାହାଣୀଟି ସତ୍ୟର ଅତ୍ୟନ୍ତ ନିକଟବର୍ତ୍ତୀ ମନେହୁଏ। ବଡ଼ମେଡ଼ିକାଲର ସଂପ୍ରସାରଣ ନିମନ୍ତେ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ବିସ୍ଥାପିତ ହୋଇଥିବା ଲୋକମାନଙ୍କ ଭିତରୁ ନିରାକାର ଜଣେ। ବଡ଼ମେଡ଼ିକାଲରେ ପିଅନ କାମ କରେ। ଗେଟ୍ ପାଖରେ ଥିବା ଛୋଟିଆ ମଙ୍ଗଳା ମନ୍ଦିର ପ୍ରତି ବାଇଶି ବର୍ଷ ଧରି ତା' ମନଭିତରେ ବିଶ୍ୱାସ ଗଢ଼ିଉଠିଥିଲା। ହଠାତ୍ ମନ୍ଦିରଟି ଭଙ୍ଗାଯିବା ଘଟଣାକୁ ସେ ଗ୍ରହଣ କରିପାରୁନି। ତା' ଭିତରେ ଉଜ୍ଜୀବିତ ଥିବା ବିଶ୍ୱାସବୋଧ ତାକୁ ବିରୋଧ କରିବାକୁ ବାଧ୍ୟ କରୁଛି। ସରକାରୀ ବ୍ୟବସ୍ଥାର ଚାପରେ ସେ ନୀରବିଯିବାକୁ ବାଧ୍ୟ ହେଉଛି। ସେଇଠି ଗଳ୍ପରେ ଉତ୍କଣ୍ଠା ତିଆରି କରିଛନ୍ତି ଗାଳ୍ପିକ। ଭାଙ୍ଗି ଯାଇଥିବା ମନ୍ଦିରରୁ ଦେବୀଙ୍କ ମୂର୍ତ୍ତିକୁ ନେଇ ବସ୍ତିର କିଛିଲୋକ ଜଗତପୁରରେ ସ୍ଥାପନ କରି ପୂଜାର୍ଚ୍ଚନା କରୁଛନ୍ତି ବୋଲି ସେ ନିଜର ବନ୍ଧୁ ସୁଶାନ୍ତ ଠାରୁ ଜାଣିବାକୁ ପାଇଛି। ନିଜକୁ ଯେତେ ସାନ୍ତ୍ୱନା ଦେଲେ ବି କର୍ମକ୍ଷେତ୍ରରେ ତଥା ଦୈନନ୍ଦିନ ଜୀବନରେ ତା' ଭିତରର ଅନ୍ୟମନସ୍କତା ପ୍ରତିଫଳିତ ହୋଇଛି।

'ସରିତା' ନାମ୍ନୀ ଜଣେ ଅବିବାହିତ ମହିଳାଙ୍କ ଜୀବନ କାହାଣୀକୁ ନେଇ 'ମୁକ୍ତିପଥ' ଗଳ୍ପର କଥାବସ୍ତୁ ସମୃଦ୍ଧ। ସରିତାଙ୍କ ପ୍ରେମ, ବିବାହର ରୂପନେବା ପୂର୍ବରୁ ପ୍ରେମିକ ସଂଜୟ ହଠାତ୍ ନିଖୋଜ ହୋଇଯାଇଛନ୍ତି। ସରିତା ଏହାକୁ ପ୍ରତାରଣା ବୋଲି ମନେକରି ସାରାଜୀବନ ଅବିବାହିତ ରହିବାର ନିଷ୍ପତ୍ତି ନିଅନ୍ତି। ଜଣେ ବ୍ୟାଙ୍କ କର୍ମଚାରୀ ଭାବେ କର୍ମମୟ ଜୀବନ ଅତିବାହିତ କରୁଥିବାରୁ ସେ ହୁଏତ ସଂଜୟକୁ ଭୁଲିବାର ପ୍ରୟାସ କରିଛନ୍ତି କିନ୍ତୁ ବେଳକୁବେଳ ଉଦାସୀନତା ତାଙ୍କୁ ଗ୍ରାସ କରିଛି। ସେଇଥିପାଇଁ ସେ ଆଶ୍ରମ ଯାଇ ଧର୍ମୀୟ ଭାବନାରେ ନିଜକୁ ନିୟୋଜିତ କରିବାକୁ ଚେଷ୍ଟା କରୁଥିବାବେଳେ ଯେଉଁ ବାବାଙ୍କୁ ଭେଟିଛନ୍ତି ସେ ହିଁ ନିଜେ ସଂଜୟ, ଏହାଦେଖି ବିସ୍ମିତ ହୋଇଛନ୍ତି।

ବିଶ୍ୱ ମହାମାରୀ କରୋନାକୁ ଆଧାର କରି 'ଭାଇରାଲ୍' ଓ 'ପ୍ରତ୍ୟାବର୍ତ୍ତନ' ନାମକ ଦୁଇଟି କାହାଣୀ ରହିଛି ଏହି ସଂକଳନରେ। 'ଭାଇରାଲ୍'ରେ ରାଜନୀତିକ ଚକ୍ରାନ୍ତ ଭିତରେ ପେଷିହୋଇଯାଉଥିବା ସାଧାରଣ ମଣିଷର କରୁଣ କାହାଣୀ ବର୍ଣ୍ଣିତ। ସରକାରୀ ଓ ବିରୋଧୀ ଦଳର ଟଣାଓଟରା ଭିତରେ ଅସହାୟ ହୋଇପଡ଼ିଛି ଗରିବ ଲୋକଟି। ସ୍ୱାସ୍ଥ୍ୟ ବିଭାଗର ଅବହେଳାଜନିତ ତ୍ରୁଟି କାରଣରୁ 'ସୁଦାମ' ପରି ସାଧାରଣ ଲୋକକୁ ରୋଗୀ କରେଇଦିଆଯାଇଛି। ଲୋକମାନଙ୍କ ପାଖରେ ସେ ଘୃଣାର ପାତ୍ର ହୋଇଛି। ପ୍ରତିବାଦ କରିବାକୁ ଯାଇ ରୋଜଗାରିଆ ପୁଅ ସନାତନ ଭୋଗୁଛି ଜେଲ୍ ଦଣ୍ଡ। ମିଛ କେସ୍ ଲଗାଇ ତାକୁ ଚୋର ସଜେଇ ଦିଆଯାଇଛି। ଗିରଫ ହେବା ଭୟରେ ଫେରାର ହୋଇଯାଇଛନ୍ତି ସନାତନ ଓ ତା'ର ସ୍ତ୍ରୀ। ପାଗଳ ହୋଇଯାଇଛି ସୁଦାମ। ମାତୃ ହୃଦୟର କରୁଣ ବିଳାପ ଭିତରେ ଗଳ୍ପର ପରିସମାପ୍ତି ଘଟୁଛି। ଗୋଟିଏ ହସଖୁସିର ସଂସାର କେମିତି ଶାସନ ବ୍ୟବସ୍ଥାର ଅପାରଗତା ଯୋଗୁଁ ଉଜୁଡ଼ି ଯାଇଛି ତାହା ହିଁ ଏହି ଗଳ୍ପର ମର୍ମ। ସେହିପରି 'ପ୍ରତ୍ୟାବର୍ତ୍ତନ' ଗଳ୍ପରେ କରୋନା କାରଣରୁ ହୋଇଥିବା ଲକଡାଉନ୍ କେମିତି ଜଣେ ସହରମନସ୍କ ଉଚ୍ଚପଦସ୍ଥ କର୍ମଚାରୀ ସିଦ୍ଧାର୍ଥକୁ ଗ୍ରାମ୍ୟ ପରିବେଶ ଭିତରକୁ ଟାଣିଆଣିଛି ଓ ସବୁଦିନପାଇଁ ଗାଆଁ ପ୍ରତି ତା'ଭିତରେ ମମତା ସୃଷ୍ଟି କରାଇଛି ତାହା ହିଁ ଏହି ଗଳ୍ପର କଥାନକ। ଏକଦା ଗାଆଁକୁ ନେଇ ସେ କେତେ ସ୍ୱପ୍ନ ଦେଖୁଥିଲା, ଗାଆଁର ଚିତ୍ର ବଦଳେଇବାର ସଂକଳ୍ପ ନେଇଥିଲା। କ୍ରମଶଃ ଗାଆଁର ରାଜନୀତିକ ବାଦବିବାଦ, ଯୁବପିଢ଼ିଙ୍କର ବିଶୃଙ୍ଖଳିତ ଆଚରଣ, ନିଶାଦ୍ରବ୍ୟର ସୁଲଭତା ଆଦି ବିସଙ୍ଗତିକୁ ଲକ୍ଷ୍ୟକରି ସିଦ୍ଧାର୍ଥର ଗାଆଁ ପ୍ରତି ମୋହ ତୁଟିଯାଇଥିଲା। ଲକଡାଉନ୍ କାରଣରୁ ଗାଆଁକୁ

ଫେରିଥିବା ସିଦ୍ଧାର୍ଥ ଗାଆଁର ପରିବେଶକୁ ପୁଣିଥରେ ଅତି ନିକଟରୁ ଅନୁଭବ କରିବାର ସୁଯୋଗ ପାଇଛି। ସାନଭାଇ ସଞ୍ଜୟଠାରୁ ପାଇଛି ମାତ୍ରାଧିକ ଭଲପାଇବା, ମନେ ପକାଇଛି ତା'ର ପିଲାଦିନକୁ, ସ୍ମୃତି ସବୁ ଭାସିଉଠିଛି ଆଖିସାମ୍ନାରେ। ସିଦ୍ଧାର୍ଥର ମନ ପରିବର୍ତ୍ତନ ହୋଇଛି ଓ ସବୁଦିନପାଇଁ ଗାଆଁରେ ରହିବାକୁ ସେ ମନସ୍ଥ କରିଛି। 'ଭାଇରାଲ୍' ଗଳ୍ପରେ କରୋନା ଗୋଟିଏ ପରିବାରକୁ ଉଜାଡ଼ି ଦେଇଥିବା ବେଳେ 'ପ୍ରତ୍ୟାବର୍ତ୍ତନ' ଗଳ୍ପରେ ସେଇ କରୋନା କିପରି ଆଉଗୋଟିଏ ପରିବାରକୁ ସଜାଡ଼ି ଦେଇଛି ତାହା ଦେଖିବାକୁ ମିଳେ।

'କାଠଚମ୍ପାର ମହକ' ଗଳ୍ପର ନାୟକ ଅବିବାହିତ ଅର୍ଥନୀତି ଅଧ୍ୟାପକ ବୈରାଗୀ ଚରଣ ମହାନ୍ତି। ବାହାଘରର ବୟସ ଅତିକ୍ରମ କରିସାରିଥିବା ସତ୍ତ୍ୱେ ବାହା ହୋଇନଥିବାରୁ ତାଙ୍କୁ ନେଇ ସହକର୍ମୀମାନଙ୍କ ମଧ୍ୟରେ ଚର୍ଚ୍ଚା ହୋଇଛି। ତାଙ୍କ ଚରିତ୍ର ପ୍ରତି ଅନେକେ ଆକ୍ଷେପ କରିଛନ୍ତି, ତାଙ୍କ ବିରୁଦ୍ଧରେ କୁତ୍ସା ରଟନା କରିବାରେ ଲାଗିପଡ଼ିଛନ୍ତି। ପିଅନକୁ ଅସ୍ତ୍ରରୂପେ ବ୍ୟବହାର କରି ବୈରାଗୀ ମହାନ୍ତିଙ୍କ ବ୍ୟକ୍ତିଗତ ଜୀବନ ସମ୍ବନ୍ଧରେ ଜାଣିବାକୁ ପ୍ରବଳ ଉଦ୍ୟମ କରିଛନ୍ତି। ବୈରାଗୀ ସାର୍ ଯେ ଅତୀତରେ ପ୍ରେମ କରି ବିଫଳ ହୋଇ ଶେଷରେ ଅବିବାହିତ ରହିବାର ନିଷ୍ପତ୍ତିରେ ଜୀବନ ବଞ୍ଚୁଛନ୍ତି ସେକଥା ତାଙ୍କ ସହକର୍ମୀମାନେ ଜାଣିବାର କିଛି ଉପାୟ ନଥିଲା। ପିଅନ ନରହରି, ବୈରାଗୀ ମହାନ୍ତିଙ୍କୁ ଆବିଷ୍କାର କରିଥିଲା ପ୍ରିୟଦର୍ଶିନୀ ନାମକ ଜଣେ ଛାତ୍ରୀଙ୍କ ଘର ଆଗରେ ଥିବା କାଠଚମ୍ପା ଗଛମୂଳେ। ସେଇ ପ୍ରିୟଦର୍ଶିନୀ ହିଁ ଥିଲା ସେଇ ମହିଳାଙ୍କ ଝିଅ, ଯାହାକୁ ଏକଦା ବୈରାଗୀ ମହାନ୍ତି ପ୍ରେମ କରି ବାହା ହୋଇପାରିନଥିଲେ। ରବିନାରାୟଣଙ୍କ 'କେତେ ଲୋକ କେତେ ଦୁଃଖ' ଗଳ୍ପ ସଂକଳନରେ ପ୍ରେମ ଅପେକ୍ଷା ପରକୀୟାର ପ୍ରାଧାନ୍ୟ ବେଶି। ବୈବାହିକ ଜୀବନର ଆବେଗବିହୀନ ଜୀବନଚର୍ଯ୍ୟାରୁ ସାମୟିକ ମୁକ୍ତିପାଇଁ ଗଳ୍ପନାୟକ ପୁରୁଣା ସ୍ମୃତିର ଅଧାଲିଭା ବହି ଭିତରୁ ପୃଷ୍ଠାଏ ଖୋଲି ପଢ଼ିବାର ପ୍ରୟାସ କରୁଥାଏ।

'ବୁଦ୍ଧୁ', 'ଅଭିନୟ', 'ନିଜ ପରି କେହି' - ଏ ତିନୋଟିଯାକ ଗଳ୍ପର କାହାଣୀ ପରକୀୟା ସମ୍ପର୍କ ଆଧାରିତ। 'ବୁଦ୍ଧୁ' ଗଳ୍ପରେ ନାୟକ ରାଜେଶ ତା' ସ୍ତ୍ରୀ ସୁପ୍ରଭା ପ୍ରତି ବୀତସ୍ପୃହ ହେଲେ ମଧ୍ୟ ସୁନନ୍ଦା ପ୍ରତି ତା' ମନରେ ରହିଛି ଅହେତୁକ ଆକର୍ଷଣ। ସୁନନ୍ଦାକୁ ନେଇ ସେ ସ୍ୱପ୍ନଦେଖେ। ନିଜକୁ ସାହାରୁଖ୍ ଓ ସୁନନ୍ଦାକୁ କାଜୋଲ୍ ମନେକରି ନିଜ କଳ୍ପନାରେ ଚଳଚ୍ଚିତ୍ର ଗଢୁଥାଏ। କିନ୍ତୁ ବାସ୍ତବ ଜୀବନରେ ସେ ସୁପ୍ରଭାର ସ୍ୱାମୀ ଭାବରେ ନିଜକୁ ଗ୍ରହଣ କରିପାରେନି। ବାହାରେ ରୋମାଣ୍ଟିକ ଗୀତ ଶୁଣୁଥିବା ରାଜେଶ ଘରେ ପହଞ୍ଚିଲାବେଳକୁ ଶୁଣୁଥାଏ ଭିକାରୀ ବଳଙ୍କ ଭଜନ। ଚରିତ୍ରର ଏଇ ପରିବର୍ତ୍ତନୀୟ ସ୍ୱଭାବର କାରଣ ତା'ର ମାନସିକ ସ୍ଥିତି ସଂପର୍କରେ ସୂଚନା ଦିଏ। ସୁନନ୍ଦା ପ୍ରତି ଥିବା ଆବେଗଦ୍ୱାରା ରାଜେଶ ଏତେ ଭାବପ୍ରବଣ ଯେ ସୁପ୍ରଭାର ଉପସ୍ଥିତି ତାକୁ କୌଣସି ଦିଗରୁ ପ୍ରଭାବିତ କରୁନଥିବା ପରି ସେ ଅନୁଭବ କରେ। ଅନ୍ୟପକ୍ଷରେ ସୁପ୍ରଭାକୁ ଅଣରୋମାଣ୍ଟିକ୍ ମନେ ହେଉଥିବା ରାଜେଶ ଯେ ପ୍ରକୃତରେ କେତେ ରୋମାଣ୍ଟିକ ତାହା ଜଣାପଡ଼େ ରାଜେଶ ସହ ସୁନନ୍ଦାର ଭେଟ ହେବା ପରେ। ସୁନନ୍ଦା ମଧ୍ୟ ରାଜେଶ ଭଳି ବିବାହିତ। କିନ୍ତୁ ସ୍ୱାମୀଙ୍କ ସହ ବୈବାହିକ ବିଚ୍ଛେଦ ପରେ ଝିଅକୁ ନେଇ ସୁନନ୍ଦା ରହେ କଟକରେ। ଦୁହିଁଙ୍କର ପରସ୍ପର ସହ ଭେଟହେବା ପରେ ଦୁହେଁ ଆବେଗପ୍ରବଣ ହୋଇପଡ଼ିଛନ୍ତି। କୋଡ଼ିଏ ବର୍ଷ ଧରି ନିଜ ମନଭିତରେ ଲୁଚାଇ ରଖିଥିବା ଗୋପନୀୟ ଚିନ୍ତା-ଚେତନା ତା'ର ହାବଭାବରୁ ବାରିହୋଇପଡ଼ିଛି। ସୁନନ୍ଦା ଶେଷରେ ଗୋଟିଏ ବାକ୍ୟ କହିଦେଇ ଯାଇଛି- "୨୦ ବର୍ଷ ତଳେ ଏତିକି ଭାବିଥାନ୍ତୁ ହେଲେ, ବୁଦ୍ଧୁ!"

'ଅଭିନୟ' ଗଳ୍ପରେ ପରକୀୟା ପ୍ରୀତିର ଆଉ ଏକ ପର୍ଯ୍ୟାୟ ଦେଖିବାକୁ ମିଳେ। ଯେଉଁଠି ଭଡ଼ାଘର ବଦଳାଇବା ପ୍ରସଙ୍ଗକୁ ନେଇ ପତି-ପତ୍ନୀଙ୍କ ମଧ୍ୟରେ ଆଲୋଚନା ହୋଇଛି। ଗଳ୍ପନାୟକ ସିଦ୍ଧାର୍ଥ ଛାତ୍ରଜୀବନରୁ ଭଡ଼ାଘରେ ରହୁଥିବାରୁ ଭଡ଼ାଟିଆର ଦୁଃଖ ଓ ଘରମାଲିକଙ୍କ ତାଗିଦା ସମ୍ପର୍କରେ ବେଶ୍ ସଚେତନ। ଭଲ ଘରଟିଏ ମିଳିଥିବାରୁ ପତ୍ନୀ ସୁଜାତାଙ୍କ ପ୍ରସ୍ତାବକୁ ଗ୍ରହଣ କରିପାରିନାହିଁ। ସୁଜାତା ଘରବଦଳାଇବାର କାରଣ ସମ୍ପର୍କରେ ସିଦ୍ଧାର୍ଥ ପଚାରିବାରୁ ସୁଜାତା ଉତ୍ତର ଦେଇଥିଲା ଯେ ପଡ଼ୋଶୀ ଘରର ସ୍ତ୍ରୀ ଲୋକର ଚାରିତ୍ରିକ ତ୍ରୁଟି ଅଛି ଏଣୁ ତା'ର ଝିଅଦ୍ୱାରା ପ୍ରଭାବିତ ହୋଇ ତାଙ୍କ ପୁଅଟି ହୁଏତ ଖରାପ ହୋଇଯାଇପାରେ -ଏହିଭଳି ଏକ ଅମୂଳକ ଆଶଙ୍କାରେ ସେ ସିଦ୍ଧାର୍ଥକୁ ଘର ବଦଳେଇବାର ପ୍ରସ୍ତାବ ଦେଇଛି। ଏଇସବୁ ଘଟଣା ଭିତରେ ଜଣାପଡ଼ିଛି ଯେ ସିଦ୍ଧାର୍ଥ ପଡ଼ୋଶୀ ଘରେ ରହୁଥିବା ସ୍ତ୍ରୀ ଲୋକଟି ହେଉଛି ତା'ର ପୂର୍ବତନ ପ୍ରେମିକା ଅଦିତି। ଯିଏ ବର୍ତ୍ତମାନ ବିବାହିତ ଓ ଗୋଟିଏ ସନ୍ତାନର ଜନନୀ। ତା'ର ସ୍ୱାମୀ ରାଜେଶ ମିଶ୍ର ମେଡ଼ିସିନ୍ କମ୍ପାନୀରେ ମ୍ୟାନେଜର ହୋଇଥିବାରୁ ତା'ର

ଅଧିକାଂଶ ସମୟ କଟୁଥିଲା ରାଜ୍ୟ ବାହାରେ। ସିଦ୍ଧାର୍ଥର ଅଦିତି ସହ ପରକୀୟା ସମ୍ପର୍କ ଥିବାପରି ସୁଜାତାର ମଧ୍ୟ ରାଜେଶ ସହ ପ୍ରେମ ସମ୍ପର୍କ ରହିଥିବା ଜଣାପଡ଼େ। ସ୍ୱାମୀ-ସ୍ତ୍ରୀ ଉଭୟ ନିଜନିଜର ପ୍ରେମ ସମ୍ପର୍କକୁ ଲୁଚେଇବାକୁ ଯେତେ ଅଭିନୟ କରୁଥିଲେ ମଧ୍ୟ ଧରାପଡ଼ିଯିବାର ଭୟ ତାଙ୍କୁ ଗ୍ରାସ କରିଚାଲିଛି।

'ରୁବି ଓ ରେବ' ଅନ୍ଧବିଶ୍ୱାସ ବିରୋଧୀ ଏକ ସମାଜ ସଂସ୍କାରମୂଳକ ଗଳ୍ପ। 'ରୁବି' ତା'ର ନିଜ ନାମକୁ ନେଇ ଅସନ୍ତୁଷ୍ଟ। ପୁନଶ୍ଚ 'ରୁବି' କୁ ତାର ଜେଜେମା' 'ରେବ' ନାମରେ ସମ୍ବୋଧନ କରୁଥିବାରୁ ରୁବି ତା' ଜେଜେମା' ଉପରେ ଅଧିକ ବିରକ୍ତ ହୁଏ। 'ସନତ'କୁ ସେ ଭଲପାଏ। ଦୁହେଁ ରେଭେନ୍ସା କଲେଜରେ ପଢ଼ନ୍ତି। ରୁବିର ଜେଜେମା' ତାକୁ ରେବ ବୋଲି ଡାକିଲେ ସେ ନିଜକୁ ଫକୀରମୋହନଙ୍କ ରେବତୀ ଗଳ୍ପର ମୁଖ୍ୟ ଚରିତ୍ର ରେବତୀ ସହ ତୁଳନା କରେ। ଶ୍ୟାମବନ୍ଧୁ ପଟ୍ଟନାୟକ, ତାଙ୍କ ପତ୍ନୀ ଓ ବାସୁଭାଇଙ୍କ ମୃତ୍ୟୁ ଘଟଣା ତା'ର ମନେପଡ଼େ। ରୁବି ଘର ଛାଡ଼ି ହଷ୍ଟେଲରେ ରହେ। ସନତ ସହ ତା'ର ସମ୍ପର୍କ କ୍ରମେ ଦୃଢ଼ତର ହୁଏ। ସନତ ବ୍ରାହ୍ମଣ ପରିବାରରେ ଜନ୍ମିତ। ତା'ର ବାପାମାଆ ଅଧ୍ୟାପନା ବୃତ୍ତି ସହ ଜଡ଼ିତ। ତେଣୁ ଜାତିପ୍ରଥାଭିତ୍ତିକ ଭେଦଭାବଠାରୁ ସେମାନେ ଦୂରରେ। ବିବାହକୁ ନେଇ ସେମାନଙ୍କ ମନରେ କଳ୍ପନାର ନଈ ବହୁଥାଏ। ଦୁହେଁ ରେଭେନ୍ସାରେ ପ୍ଲସ୍ ଥ୍ରି ଓ ପିଜି ସାରିବା ପରେ ସନତ୍ ଏମ୍ ଫିଲ୍ ଆଡମିସନ୍ କରିଥିବାବେଳେ ରୁବି ଘରେ ରହୁଥିଲା। ସେମାନଙ୍କ ପ୍ରେମ ସମ୍ପର୍କ ବାବଦରେ ଜେଜେମା ଜାଣିପାରିଥିଲା। ଜାତିପ୍ରଥାକୁ ନେଇ ଜେଜେମା' ରୁବିର ବାପା ଶ୍ୟାମବନ୍ଧୁଙ୍କ ନିକଟରେ ଅଭିଯୋଗ ବାଢ଼ିବସିଲା। ରୁବିର ଜନ୍ମଦିନ ଅବସରରେ କେକ୍ କାଟିବା ଭଳି ଆଧୁନିକ ଚଳଣିକୁ ଜେଜେମା' ପ୍ରବଳ ବିରୋଧ କରିବା ସତ୍ତ୍ୱେ ଜନ୍ମଦିନ ପାଳନକୁ ସ୍ୱୀକୃତି ଦେଇଛନ୍ତି ଶ୍ୟାମବନ୍ଧୁ ଓ କମଳା। ବୁଢ଼ୀର 'ଘୋର ଅନର୍ଥ ହେବ' ଆଶଙ୍କା ସମଗ୍ର ପରିବାରର ମାନସିକତାକୁ ଦୁର୍ବଳ କରିଦେଇଥିବାବେଳେ କଲେଜଛକରେ ଘଟିଯାଇଥିବା ଏକ ଦୁର୍ଘଟଣାକୁ ନେଇ ସମସ୍ତେ ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି। ଗାଳ୍ପିକ ଏଇଠି ଦ୍ୱନ୍ଦ୍ୱର ଦୁର୍ଗତୋଳି ଉତ୍କଣ୍ଠା ସୃଷ୍ଟି କରିଛନ୍ତି। ସନତ୍ ଓ ସ୍ନେହାଶିଷ ଘରକୁ ଫେରିବା ପରେ ଦ୍ୱନ୍ଦ୍ୱ ମୋଚନ ହେଇ ଜଣା ପଡିଛି ଯେ ରୁବିର ଫୋନ୍ କଲ୍ ଯୋଗୁଁ ସେ ଦୁହେଁ ପୁନଶ୍ଚ ଦୋକାନ ଭିତରକୁ ଯାଇଥିବା ସମୟରେ ସେମାନେ ଛିଡ଼ା ହୋଇଥିବା ଜାଗାରେ ହିଁ ଟ୍ରକ୍ ଦୁର୍ଘଟଣା ଘଟିଯାଇଛି। ରୁବିକୁ ସବୁ ଅନିଷ୍ଟର କାରଣ ବୋଲି ଭାବୁଥିବା ଜେଜେମା' ନିଜର ଭୁଲ୍ ବୁଝିପାରି ରୁବିର ପ୍ରଶଂସା କରିବା ଭିତରେ ହିଁ ଗଳ୍ପଟିର ପରିସମାପ୍ତି ଘଟିଛି।

'ଗାନ୍ଧୀ ପରି ଜଣେ' ଗଳ୍ପରେ ଗାନ୍ଧିଜୀଙ୍କ ଆଦର୍ଶ ଓ ଆଭିମୁଖ୍ୟକୁ ପୁଞ୍ଜିକରି ବାଟଚାଲୁଥିବା ମଣିଷ ଓ ଜୀବନଯୁଦ୍ଧରେ ଆଦର୍ଶର ମାର୍ଗ ଧରିଚାଲୁଥିବା ଆଦର୍ଶବାଦୀ ମଣିଷ ଭିତରେ ସେ କୌଣସି ଫରକ୍ ଦେଖିନାହାନ୍ତି। ତାଙ୍କ ଚଷମାରେ ସ୍ୱାଧିନତା ସଂଗ୍ରାମୀର ରଙ୍ଗ ଓ ଜଣେ ଉତ୍ତମ ଗୃହସ୍ଥର ରଙ୍ଗ ଏକାଭଳି ଦିଶିଛି। 'ସୁଧାକର ତ୍ରିପାଠୀ' ଯାହାକୁ ଲେଖକ ତିଆଡ଼ି ସାର୍ ବୋଲି ସମ୍ବୋଧନ କରନ୍ତି ତାଙ୍କ ପରିଚୟ ପ୍ରଦାନରେ ଯେଉଁ ବେଶପୋଷାକ ଓ ରୂପର ବର୍ଣ୍ଣନା କରାଯାଇଛି ପାଠକ ତା' ଭିତରେ ଜଣେ ଗାନ୍ଧୀଙ୍କୁ ଭେଟେ। ଉଭୟ ଆଚରଣ ଓ ଉଚ୍ଚାରଣରେ ଅବିକଳ ଗାନ୍ଧୀପରି ଜୀବନ ବଞ୍ଚିଥିବା ତିଆଡ଼ି ସାର୍ ଶିକ୍ଷକତା ସହିତ ହୋମିଓପ୍ୟାଥିକ ଚିକିତ୍ସା ମାଧ୍ୟମରେ ସମାଜସେବା କାର୍ଯ୍ୟରେ ଲାଗିପଡିଛନ୍ତି। ଏହି ସେବା ମାଧ୍ୟମରେ ସେ ମାଟି ମାଆର ଋଣ ପରିଶୋଧ କରିବାକୁ ଚେଷ୍ଟା କରିଛନ୍ତି। ନିଜର ନିରଳସ ଜୀବନ ଓ ସେବା ମନୋବୃତ୍ତିପାଇଁ ସେ ଖଣ୍ଡମଣ୍ଡଳରେ ଠିକ ଗାନ୍ଧୀଙ୍କ ପରି ଲୋକପ୍ରିୟତା ଅର୍ଜନ କରିପାରିଥିଲେ। ଗାନ୍ଧିଜୀଙ୍କୁ ଦେଖିନଥିବା ଲୋକେ ତାଙ୍କୁ ଗାନ୍ଧୀ ବୋଲି ବିଚାରୁଥିଲେ। ତିଆଡ଼ି ସାର୍ ନିଜେ କେବଳ ଯେ ସେବା ମନୋବୃତ୍ତିରେ କାର୍ଯ୍ୟ କରୁଥିଲେ ତାହା ନୁହେଁ, ନିଜ ପରିବାର ବର୍ଗଙ୍କୁ ମଧ୍ୟ ଏଥିରେ ସାମିଲ କରିବାପାଇଁ ଚେଷ୍ଟା କରିଥିଲେ। ତାଙ୍କ ସାନପୁଅ ଏନ.ଜି.ଓ ସଂସ୍ଥା ମାଧ୍ୟମରେ ଦେଶସେବାରେ ସାମିଲ ହୋଇଛି ବୋଲି ଗର୍ବ ଅନୁଭବ କରୁଥିଲେ। କିନ୍ତୁ ଜଣାପଡ଼ିଛି ତିଆଡ଼ି ସାର୍‌ଙ୍କ ସାନପୁଅ ଏନ.ଜି.ଓ ସଂସ୍ଥା ଚଳାଇବା ନାମରେ ଅର୍ଥ ବାଟମାରଣା କରି ସ୍ୱାର୍ଥ ପୂରଣର ଚେଷ୍ଟା କରିଛି। ଏହି ଘଟଣାକୁ ନେଇ ତିଆଡ଼ି ସାର୍ ଧୀରେଧୀରେ ଭାଙ୍ଗି ପଡୁଥିଲେ। ଲୋକସମାଜରେ ତାଙ୍କର ଉପସ୍ଥିତି କମିଯାଇଥିଲା। ସ୍ୱାଧୀନତା ସଂଗ୍ରାମୀ ଭତ୍ତାପାଇଁ ଜାଲ୍ କାଗଜପତ୍ର ଦାଖଲ ଅଭିଯୋଗରେ ସେ ଏକାବେଳକେ ନିଜର ସମ୍ମାନ ଓ ମର୍ଯ୍ୟାଦା ହରାଇବସିଲେ। ତିଆଡ଼ି ସାର୍ ଙ୍କ ସାନପୁଅ ପରଦା ପଛରେ ରହି ଏପରି ଚଂଚକତା କରିଥିବା ସ୍ପଷ୍ଟ ଜଣା ପଡୁଥିଲେ ହେଁ ଜୀବନସାରା ଆଦର୍ଶବାଦର କଥା କହୁଥିବା ତିଆଡ଼ି ସାର୍ ଏହି ଅପବାଦର ବୋଝକୁ ସହିନପାରି ଶଯ୍ୟାଗତ ହେଲେ ଓ ପାପସଂସାରରୁ ମୁକ୍ତିର ବାଟ ଖୋଜିନେଲେ।

ଏହିଭଳି ସଚ୍ଚରିତ୍ରମାନେ ସମାଜର ପାପପଙ୍କ ଭିତରେ ତିଷ୍ଠି ରହିବା ଅତ୍ୟନ୍ତ କଷ୍ଟକର। ଏମିତି ଆଉଜଣେ ଗାନ୍ଧୀଙ୍କୁ ଆମେ ଭେଟୁ 'ସଂଗ୍ରାମୀର ପେନ୍‌ସନ୍' ଗଳ୍ପରେ। 'ଅବନୀ ମହାରଣା' ନାମକ ଜଣେ ସ୍ୱାଭିମାନୀ, ବିନୟୀ ଏବଂ ଦେଶସେବକ ଶହୀଦ ସ୍ୱାଧୀନତା ସଂଗ୍ରାମୀଙ୍କୁ ନେଇ କାହାଣୀଟି ଗତିଶୀଳ ହୋଇଛି। ଆତ୍ମପ୍ରଶଂସା ଓ ଆତ୍ମପ୍ରଚାରକୁ ପାପ ବୋଲି ମନେକରୁଥିବା ଅବନୀ ମହାରଣା ନିଜ ବିନୟୀ ସ୍ୱଭାବ ଯୋଗୁଁ ଲୋକଙ୍କ ମାନସପଟ୍ଟରୁ ବିଲୁପ୍ତିଆଡ଼କୁ ଗତି କରୁଥିବାବେଳେ ତାଙ୍କୁ ଲୋକଲୋଚନଙ୍କୁ ଆଣିଥିଲେ ଗବେଷକ ପ୍ରଫୁଲ୍ଲ ମିଶ୍ର। ଅବନୀ ମହାରଣାଙ୍କ ନିଖୋଜ ପରିଚୟକୁ ଆବିଷ୍କାର କରି ତାଙ୍କୁ ସ୍ୱାଧୀନତା ସଂଗ୍ରାମୀର ପରିଚୟ ଦେଇ ପ୍ରଫୁଲ୍ଲ ମିଶ୍ର ଏକ ଯୁଗାନ୍ତକାରୀ ଆବିଷ୍କାରକ ଭାବେ ନିଜର ପରିଚୟ ତିଆରି କରିପାରିଥିଲେ। ଅନେକ ବିପ୍ଳବ, ଆନ୍ଦୋଳନ, ସଂଗଠନ ସହ ଜଡ଼ିତ ଥିବା ଅବନୀ ମହାରଣା ଦେଶପାଇଁ କାରାବରଣ କରି ଜେଲ୍‌ରେ ଥିବା ଅବସ୍ଥାରେ ଶହୀଦ ହୋଇଥିଲେ। ତାଙ୍କ ସଂଗ୍ରାମର କାହାଣୀକୁ ଲିପିବଦ୍ଧ କରି ପ୍ରଫୁଲ୍ଲ ମିଶ୍ର 'ଇତିହାସର ଅଜଣା ଯୋଦ୍ଧା: ଅବନୀ ମହାରଣା' ନାମକ ପୁସ୍ତକ ରଚନାକରି ଅବନୀ ମହାରଣାଙ୍କ ସଂଘର୍ଷମୟ ସଂଗ୍ରାମୀ ଜୀବନକୁ ଲୋକଲୋଚନକୁ ଆଣିଥିଲେ। ଏହି କାହାଣୀକୁ ନେଇ ଦୂରଦର୍ଶନରେ ଟେଲିଫିଲ୍ମ ପ୍ରସାରିତ ହୋଇଥିଲା। ସେଇ ଟେଲିଫିଲ୍ମରେ ଅବନୀଙ୍କ ପତ୍ନୀ ଉର୍ମିଳାଦେବୀ ପରିଚୟ, ସମ୍ମାନ ଓ ସରକାରୀ ପେନ୍‌ସନ୍ ଲାଭକଲେ। ତାଙ୍କୁ ଲୋକଲୋଚନକୁ ଆଣିଥିବା ପ୍ରଫୁଲ୍ଲ ମିଶ୍ର ଇତିମଧ୍ୟରେ ଚାକିରୀରୁ ଅବସରନେଇ ଗବେଷଣା କାର୍ଯ୍ୟରେ ଲାଗିପଡିଥିଲେ। ଅବନୀ ମହାରଣାଙ୍କ ଉପରେ ରଚିତ ପୁସ୍ତକଟି ଅନେକ ପୁରସ୍କାର ଲାଭ କରିସାରିଥିଲା। କିନ୍ତୁ ହଠାତ୍ ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି। ୮୦ବର୍ଷ ବୟସ୍କା ଉର୍ମିଳା ଦେବୀ ପ୍ରଫୁଲ୍ଲ ମିଶ୍ରଙ୍କ ପାଖରେ ପହଁଚି ପେନ୍‌ସନ୍ ଟଙ୍କା ବନ୍ଦ କରିଦେବାପାଇଁ ଅନୁରୋଧ କରିଛନ୍ତି। ତାଙ୍କର ଯୁକ୍ତିଥିଲା ଦେଶସେବା କାମରେ ଅବନୀ ଦେଶ ସାରା ଘୁରିବୁଲୁଥିବାବେଳେ ଅକ୍ଳାନ୍ତ ଶ୍ରମ କରି ଦିଅର ଅଖନୀ ପରିବାରକୁ ବଞ୍ଚାଇ ରଖିଥିଲା। ସରକାରୀ ପେନ୍‌ସନ୍ ଓ ଅନ୍ୟାନ୍ୟ ସରକାରୀ ଟଙ୍କା ଗର୍ବରେ ଅନ୍ଧ ହୋଇଯାଇଥିବା ପିଲାମାନେ ଅମଣିଷ ହେବାରେ ହୋଇପଡ଼ିଛନ୍ତି। ଜୀବନ ସଂଗ୍ରାମର ପ୍ରକୃତ ସଂଗ୍ରାମୀ ଅପ୍ରତିଦ୍ୱନ୍ଦୀ ଯୋଦ୍ଧା ଅଖନୀ ମହାରଣା ପରିସ୍ଥିତିକ୍ରମେ ଅବହେଳିତ ହୋଇ ପଡ଼ିଛନ୍ତି। ନିଜେ ଉର୍ମିଳା ଦେବୀ ମଧ୍ୟ ପିଲାମାନଙ୍କ ହାତରେ କ୍ରୀଡ଼ନକ ସାଜିଛନ୍ତି। ଟଙ୍କାର ଲୋଭ ତାଙ୍କ ପିଲାମାନଙ୍କୁ ଗ୍ରାସ କରୁଥିବାର ଜଣାଇ ଉର୍ମିଳା ଦେବୀ ଦିଅର ଅଖନୀ ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ସ୍ୱାଧୀନତା ସଂଗ୍ରାମ ଅପେକ୍ଷା ଜୀବନ ସଂଗ୍ରାମର ଗୁରୁତ୍ୱ ଦର୍ଶାଇ ଉର୍ମିଳା ଦେବୀ ପ୍ରଫୁଲ୍ଲ ମିଶ୍ରଙ୍କ ଆଗରେ ଅଭିଯୋଗ ବାଢ଼ିଥିଲେ। ଅଖନୀ ମହାରଣାଙ୍କ ପରି ପ୍ରକୃତ ସଂଗ୍ରାମୀ ସରକାରଙ୍କ ପ୍ରଦତ୍ତ ପେନ୍‌ସନ୍ ପାଇବାକୁ ଯୋଗ୍ୟ କି ନା ଏମିତି ଏକ ଅସମାହିତ ପ୍ରଶ୍ନର ଉପସ୍ଥାପନ ସହିତ ଏହି ଗଳ୍ପର ପରିସମାପ୍ତି ଘଟିଛି।

ଗଳ୍ପଗୁଡ଼ିକ ଉଭୟ କଳା ଓ ଭାବ ଦୃଷ୍ଟିରୁ ବେଶ୍ ଉଚ୍ଚକୋଟୀର। କାହାଣୀ ପରିବେଷଣରେ ବୈଚିତ୍ର୍ୟ ଓ ଭାଷା ପ୍ରୟୋଗରେ ସାବଲୀଳତା ଯୋଗୁଁ ଉତ୍କୃଷ୍ଟ ମନେହୁଏ। ଚରିତ୍ରମାନେ ଭିନ୍ନଭିନ୍ନ ସ୍ଥାନ ଓ ସ୍ତରରୁ ସଂଗୃହୀତ। ଗଳ୍ପ ପରିବେଷଣରେ ପାରିପାର୍ଶ୍ୱିକ ପରିବେଶ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଶୈଳୀ ଆକର୍ଷଣୀୟ। ଚରିତ୍ରମାନଙ୍କ ମଧ୍ୟରେ ମଝିରେମଝିରେ କଥୋପକଥନ ରହିଛି। ପ୍ରାରମ୍ଭରୁ ପରିଣତି ଯାଏଁ ଉତ୍କଣ୍ଠା ବଜାୟ ରହିଛି। ଗଳ୍ପଦ୍ୱନ୍ଦ୍ୱ ପାଠକକୁ ପରିଣତି ପର୍ଯ୍ୟନ୍ତ ଭସେଇନେବାକୁ ସମର୍ଥ ହୋଇଛି। ଗୋଟିଏ ସାର୍ଥକ ଗଳ୍ପ ସଂକଳନ ଭାବେ ପୁସ୍ତକଟି ଯେତିକି ମର୍ଯ୍ୟାଦା ପାଇଛି ତାହା ଗାଳ୍ପିକଙ୍କ ଦକ୍ଷତାକୁ ପ୍ରମାଣିତ କରିବାରେ ସକ୍ଷମ।

●

A L O C H A N A
ଆ ଲୋ ଚ ନା

ପ୍ରଥମ ବର୍ଷ, ସଂଖ୍ୟା - ୦୩ । ମଇ - ଜୁନ୍ ୨୦୨୩
Volume No. 01 । Issue No. 03 । May - June 2023

# ନାଟ୍ୟକାର ବିଜୟ ଶତପଥୀଙ୍କ 'କର୍ଣ୍ଣ': ଏକ ଦୃଷ୍ଟିପାତ

■ ଲିକୁ ବେହେରା



ଗବେଷକ, ସ୍ନାତକୋତ୍ତର ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ଉତ୍ତର ସତୁରୀ କାଳର ଜଣେ ଅଗ୍ରଗଣ୍ୟ ନାଟ୍ୟକାର ଭାବରେ ବିଜୟ କୁମାର ଶତପଥୀ ଓଡ଼ିଆ ନାଟ୍ୟ ଜଗତରେ ସୁପରିଚିତ। ୧୯୭୦ ପରବର୍ତ୍ତୀ କାଳରେ ଓଡ଼ିଆ ନାଟକର ଉଭୟ ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ ଯେଉଁ ପରିବର୍ତ୍ତିତ ଧାରା ପରିଲକ୍ଷିତ ହୋଇଥିଲା, ତାହାକୁ ନାଟ୍ୟକାର ନିଜ ନାଟକରେ ରଞ୍ଜିତ କରି ଦର୍ଶକ ଓ ପାଠକ ମହଲରେ ଲୋକପ୍ରିୟ ହୋଇଥିଲେ। ନାଟ୍ୟକାର ଶତପଥୀଙ୍କ ରଚିତ ନାଟକ ମଧ୍ୟରେ ରହିଛି'ଫସିଲର ନିଦ୍ରାଭଙ୍ଗ', ବିବର୍ଣ୍ଣ ସହର', କ୍ଷୁଧିତ ସରୀସୃପ','କଂସର ଆତ୍ମା','ବିଷାଦ ବୃତ୍ତର କାହାଣୀ, ଏଇଯେ ସୂର୍ଯ୍ୟ ଉଏଁ'(ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ),'କର୍ଣ୍ଣ', ଶୋଣିତ ସ୍ୱାକ୍ଷର', ପ୍ରଳୟ ପରେ', 'କାରାଗାରର କାହାଣୀ,'କୋକୁଆ' ପ୍ରଭୃତି ଅନ୍ୟତମ। ବିଜୟ ଶତପଥୀଙ୍କ ନାଟ୍ୟ ରଚନାର ବୈଶିଷ୍ଟ୍ୟକୁ ଲକ୍ଷ୍ୟ କଲେ ଦେଖିବାକୁ ମିଳେ ନାଟକରେ ମିଥ୍ ଓ ଲୋକ ଉପାଦାନର ପ୍ରୟୋଗ, ଲୋକନାଟ୍ୟ ଶୈଳୀରେ କାହାଣୀର ଉପସ୍ଥାପନା, ସମାଜ ପ୍ରତି ଅଙ୍ଗୀକାର ସ୍ୱର, ଏକାଧିକ ସମନ୍ୱିତ ଶୈଳୀର ପ୍ରୟୋଗ, କଳୁଷିତ ରାଜନୈତିକ ବିଧି ବ୍ୟବସ୍ଥା ପ୍ରତି ବ୍ୟଙ୍ଗ ବିଦ୍ରୁପ, ନାଟକରେ ଗୀତିମୟତା ପ୍ରୟୋଗ ଉପରେ ଗୁରୁତ୍ୱ, ସଙ୍ଗୀତର ସାହାର୍ଯ୍ୟ ନେଇ ନାଟ୍ୟ ବକ୍ତବ୍ୟକୁ ସହଜ ସରଳ ରୀତିରେ ଉପସ୍ଥାପନ, ସର୍ବୋପରି ନାଟକରେ ଗୋଟିଏ କାହାଣୀ ସଂଯୋଜନା କରି କାହାଣୀର ଏକମୁଖିନତା ଉପରେ ଗୁରୁତ୍ୱ ଦିଅନ୍ତି। ଯାହା ଫଳରେ ଦର୍ଶକଟି ଛନ୍ଦି ନ ହୋଇ ନାଟ୍ୟ ବକ୍ତବ୍ୟକୁ ସହଜରେ ବୁଝିପାରିବ।

ଆଲୋଚ୍ୟ 'କର୍ଣ୍ଣ' ନାଟକଟି ମୁକ୍ତଧାରା ଶୈଳୀରେ ରଚିତ ଏକ ମିଥ୍ ଧର୍ମୀ ନାଟକ। ଏହି ନାଟକ ଲେଖିବା ପଛରେ ରହିଛି ନାଟ୍ୟକାରଙ୍କ ଆଖି ଆଗରେ ଘଟିଥିବା

ଏକ ବାସ୍ତବ ଘଟଣା। ଯାହାକି ନାଟ୍ୟକାରଙ୍କୁ 'କର୍ଣ୍ଣ' ନାଟକ ଲେଖିବା ପାଇଁ ପ୍ରେରଣା ଯୋଗାଇଥିଲା। ଯାହାଫଳରେ ପୁରାଣର ଚରିତ୍ର କର୍ଣ୍ଣ ଓ ଅନ୍ୟ କେତେକ ପୌରାଣିକ ଚରିତ୍ରଙ୍କୁ ନେଇ, ସେମାନଙ୍କୁ ଆଧୁନିକ ମଣିଷ ସହ ସମନ୍ୱିତ କରି କର୍ଣ୍ଣ' ନାଟକର ପରିକଳ୍ପନା କରିଛନ୍ତି। 'କର୍ଣ୍ଣ' ପ୍ରଥମେ ଯାଜପୁରର ଜାରକା ଠାରେ ଗୋକର୍ଣ୍ଣିକା' ପତ୍ରିକାର ଶତତମ ପ୍ରକାଶନ ଉପଲକ୍ଷେ ଆୟୋଜିତ ଉତ୍ସବରେ ରୂପକାର' ନାଟ୍ୟସଂସ୍ଥା ତରଫରୁ ୨୯/୦୪/୧୯୯୨ ରିଖ ସଂନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା। ଏହି ନାଟକର ନିର୍ଦ୍ଦେଶକ ଥିଲେ କିଶୋର ମହାନ୍ତି। ୧୯୯୫ ମସିହାରେ କର୍ଣ୍ଣ' ପୁସ୍ତକାକାରରେ ପ୍ରକାଶ ପାଇଥିଲା। 'କର୍ଣ୍ଣ' ନାଟକର ମଞ୍ଚ ସଫଳତା ସମ୍ପର୍କରେ ନାଟ୍ୟକାର କହନ୍ତି-" ଆମ ଦୁଇଜଣଙ୍କର ଉଦ୍ୟମରେ କଟକରେ ଗଢ଼ିଉଠିଥିବା ରୂପକାର' ନାଟ୍ୟସଂସ୍ଥା ଯେତେବଳେ ଯାଜପୁର ଜିଲ୍ଲାର ଜାରକା ଠାରେ ମୋର 'କର୍ଣ୍ଣ' ନାଟକଟିକୁ ମଞ୍ଚସ୍ଥ କରିଥିଲା, ତାହା ତାଙ୍କର ଶକ୍ତିଶାଳୀ ନିର୍ଦ୍ଦେଶନା ରୀତି ଯୋଗୁଁ ଦର୍ଶକ ମାନଙ୍କର ପ୍ରଶଂସା ଭାଜନ ହୋଇପାରିଥିଲା"। (୧)(କର୍ଣ୍ଣ, ପୃଷ୍ଠା-୮)

ଆଲୋଚ୍ୟ 'କର୍ଣ୍ଣ' ନାଟକରେ କର୍ଣ୍ଣ ଏକ ଚରିତ୍ର ନୁହେଁ, ବରଂ କର୍ଣ୍ଣ ଏକ ଉପେକ୍ଷିତ, ନିର୍ଯ୍ୟାତିତ ମାନସିକତା। ସମାଜରେ ବଞ୍ଚିଥିବା ଶତ ଉପେକ୍ଷିତ, ଲାଞ୍ଛିତ ମଣିଷଙ୍କ ମଧ୍ୟରେ ଏହି କର୍ଣ୍ଣର ମାନସିକତା ରହିଛି। ନାଟକର କଥାବସ୍ତୁକୁ ଲକ୍ଷ୍ୟ କଲେ ଦେଖାଯାଏ ଯେ, କଥାବସ୍ତୁ ଅଙ୍କରେ ବିଭାଜନ ନ ହୋଇ କେବଳ ଦୃଶ୍ୟରେ ବିଭାଜିତ ହୋଇଛି। ନାଟକରେ ପ୍ରସ୍ତାବନା ଓ ଉପସଂହାର ସହିତ ମୋଟ ଏଗାରଟି ଦୃଶ୍ୟ ରହିଛି। ନାଟକରେ ମୁଖ୍ୟତଃ ପୁଞ୍ଜିପତି- ଶ୍ରମିକ ସଂଘର୍ଷ, ଉଚ୍ଚଶିକ୍ଷିତ ବେକାରୀ ଯୁବ ସମସ୍ୟା, ରାଜନେତାଙ୍କ ଚକ୍ରାନ୍ତ, ଚରିତ୍ର ମାନଙ୍କର ଅନ୍ତର୍ଦ୍ୱନ୍ଦ୍ୱ, ସାମାଜିକ ଅଙ୍ଗୀକାର ସ୍ୱର, ସର୍ବୋପରି ସାମ୍ପ୍ରତିକ ସମୟରେ ପୁରାଣ ଚରିତ୍ର କର୍ଣ୍ଣ ଭଳି ବଞ୍ଚିଥିବା ଉପେକ୍ଷିତ ଯୁବକ ମାନଙ୍କର କାଳକାଳ ଧରି ଆତ୍ମପ୍ରତିଷ୍ଠା ପାଇଁ ଲଢ଼େଇ, ସେମାନଙ୍କର ଅସହାୟତା, ପ୍ରେମ ବିଫଳତାର ଚିତ୍ର ଦେଖିବାକୁ ମିଳେ।

ନାଟକର କଥାବସ୍ତୁ ପ୍ରସ୍ତାବନା ଓ ଉପସଂହାର ସହ ଏଗାରଟି ଦୃଶ୍ୟକୁ ନେଇ ଗତିଶୀଳ। ନାଟକର ପ୍ରଥମରେ କର୍ଣ୍ଣ ନିଜ ସମ୍ପର୍କରେ ବକ୍ତବ୍ୟ ସହିତ କୁନ୍ତୀଙ୍କର ଅସହାୟତା ଓ ପରିଶେଷରେ ସୂତ୍ରଧାରର ପ୍ରଶାନ୍ତ ସ୍ୱର ଦର୍ଶକଙ୍କୁ କର୍ଣ୍ଣର ଭାଗ୍ୟ ପ୍ରତି ସହାନୁଭୂତିଶୀଳ କରାଏ। ଦ୍ୱିତୀୟ ଦୃଶ୍ୟରେ ପୁରାଣର କର୍ଣ୍ଣ ପାଲଟେ ଆଧୁନିକ କାଳର ସୂର୍ଯ୍ୟପ୍ରକାଶ ରୂପରେ। ଶିଳ୍ପପତି ପାର୍ଥର ଫ୍ୟାକ୍ଟ୍ରିରେ କିରାଣୀ ଚାକିରୀ ଲାଗି ସେଠାକୁ ସୂର୍ଯ୍ୟପ୍ରକାଶ ଯାଇଛି। ସେଠାରେ କେଶବ ଦାସ ଓ ପାର୍ଥର ଅର୍ଥହୀନ ପ୍ରଶ୍ନର ସାମ୍ନା କରି ସୂର୍ଯ୍ୟ ସେଠାରେ ଅଗଣିତ ଉଚ୍ଚଶିକ୍ଷିତ ବେକାର ଯୁବକଙ୍କ ପ୍ରତିନିଧି ସାଜେ। ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ମଧ୍ୟହୁଏ। ପିତା ଅଧୀରର କଥାରୁ ଜଣାପଡେ ଯେ, ସୂର୍ଯ୍ୟ ହେଉଛି ତାଙ୍କର ପାଳିତ ସନ୍ତାନ। ନାଟକରେ କୁନ୍ତୀଙ୍କ ମାତୃତ୍ୱ ବିଳାପ କରିଉଠିଛି। ସୂର୍ଯ୍ୟ ନିଜର ବେକାରୀ ସମସ୍ୟା ଦେଖାଇ ପ୍ରେମିକା କୃଷ୍ଣାର ପ୍ରେମକୁ ପ୍ରତ୍ୟାଖ୍ୟାନ କରିଛି। କୃଷ୍ଣା ଶିଳ୍ପପତି ପାର୍ଥକୁ ବିବାହ କଲେ ମଧ୍ୟ ସୂର୍ଯ୍ୟପ୍ରକାଶ ପ୍ରତି କୃଷ୍ଣା ମନରେ ପ୍ରେମ ଟିକକ ଲୁଚି ରହିଛି। ସୂର୍ଯ୍ୟପ୍ରକାଶ ଅନ୍ୟାୟ, ଶୋଷଣର ପ୍ରତିବାଦ କରିବା ପାଇଁ ଅଣ୍ଟା ଭିଡ଼ିଛି। ଶ୍ରମିକ ଆନ୍ଦୋଳନକୁ ତେଜାଇଛି। ସଂଗ୍ରାମ କରି ଶେଷରେ ପାର୍ଥର ପିସ୍ତଲରେ ସୂର୍ଯ୍ୟର ମୃତ୍ୟୁ ଘଟିଛି। ଉପସଂହାରରେ ସୂତ୍ରଧାର ଦର୍ଶକଙ୍କୁ ଜଣାଏ କର୍ଣ୍ଣର ମୃତ୍ୟୁ ଘଟିଲେ ମଧ୍ୟ କର୍ଣ୍ଣର ମାନସିକତା ଚୀର ଅମର। ତାହା ସମାଜରେ ବଞ୍ଚିଥିବା ଉପେକ୍ଷିତ ଓ ନିର୍ଯ୍ୟାତିତଙ୍କ ମଧ୍ୟରେ ସର୍ବଦା ଆସନପାତି ନେବ।

ସାଧାରଣତଃ ନାଟ୍ୟକାର ଯାହା କହିବାକୁ ଚାହେଁ, ତାହା ନାଟକର ଚରିତ୍ର ମାନଙ୍କ ମାଧ୍ୟମରେ ହିଁ ଦର୍ଶକଙ୍କୁ କହିଥାଏ। ଆଲୋଚ୍ୟ 'କର୍ଣ୍ଣ' ନାଟକରେ ଥିବା ଚରିତ୍ର ଗୁଡ଼ିକ ବାସ୍ତବଧର୍ମୀ। ଏହି ଚରିତ୍ରମାନେ ମିଥିକ୍ ଚରିତ୍ର ଅଟନ୍ତି। ନାଟକର ମୁଖ୍ୟ ଚରିତ୍ର ବା ନାୟକ ସୂର୍ଯ୍ୟପ୍ରକାଶ, ଯେକି ପୁରାଣ କର୍ଣ୍ଣର ପ୍ରତିନିଧିତ୍ୱ କରେ। ନାୟିକା କୃଷ୍ଣା ଏବଂ ଗୌଣ ଚରିତ୍ର ଭାବରେ ଶିଳ୍ପପତି ପାର୍ଥ, ଏମ୍ ଏଲ୍ ଏ କେଶବ ଦାସ ରହିଛନ୍ତି। ନାଟ୍ୟକାର ନାଟକରେ ମିଥିକ୍ ଚରିତ୍ରର ରୂପାୟନ ଘଟାଇ ମହାଭାରତର ଚରିତ୍ର ଶ୍ରୀକୃଷ୍ଣଙ୍କୁ କେଶବ ଦାସ ଭାବେ, ଅର୍ଜୁନଙ୍କୁ ପାର୍ଥ ଭାବରେ, ଦ୍ରୌପଦୀଙ୍କୁ କୃଷ୍ଣା ଭାବରେ, ଅଧୀରଥଙ୍କୁ ଅଧୀର ଭାବରେ ଚରିତ୍ର ମାନଙ୍କର ଗୁଣାବଳୀକୁ ଚିତ୍ରିତ କରିଛନ୍ତି। ଏହାଛଡ଼ା ନାଟକରେ କୁନ୍ତୀ, ଦୁର୍ଯ୍ୟୋଧନ, ରାଧା ଚରିତ୍ର ଥିଲେ ମଧ୍ୟ ତାଙ୍କର ଆଧୁନିକ ନାମକରଣରେ ପରିବର୍ତ୍ତନ ଘଟିନାହିଁ। ବିକର୍ତ୍ତନ ରାୟ ନାମକ ଚରିତ୍ର ସମ୍ପର୍କରେ ନାଟକରେ ଆଭାସ ଦିଆଯାଇଥିଲେ ମଧ୍ୟ ମଞ୍ଚ ଉପରେ ତାହାର ଆବିର୍ଭାବ ଘଟିନି। ନାଟକରେ ସୂତ୍ରଧାର ପୁରାଣ ସହ ଆଧୁନିକ ଜୀବନକୁ ସଂଯୋଗ କରିବାର ଦାୟିତ୍ୱ ନିର୍ବାହ କରୁଛି। ଦେଖିବାକୁ ଗଲେ ନାଟକରେ

ସୂତ୍ରଧାର, ସାତ ଜଣ ପୁରୁଷ ଚରିତ୍ର ଓ ତିନୋଟି ନାରୀ ଚରିତ୍ର ରହିଛନ୍ତି। ନାଟକରେ ରସ ସୃଷ୍ଟି ପାଇଁ ସଂଳାପ ହିଁ ମୁଖ୍ୟ ଉପାଦାନ। କର୍ଣ୍ଣ' ନାଟକର ସଂଳାପ ଗୁଡ଼ିକ ଅତି ସଂକ୍ଷିପ୍ତ, ପ୍ରତୀକାତ୍ମକ ଯାହାକି ଟେଲିଗ୍ରାଫିକ୍ ସଂଳାପ ଅଟେ। ଏହି ସଂଳାପର ଭାଷା ତୀକ୍ଷ୍ଣ ଓ ହୃଦୟସ୍ପର୍ଶୀ। ନାଟକ ପ୍ରସ୍ତାବନା ଓ ଅନ୍ତିମ ଉପସଂହାରରେ ଅମିତ୍ରାକ୍ଷର ଛନ୍ଦର ଯେଉଁ ଭାବପ୍ରବଣ ସଂଳାପ ରହିଛି, ତାହା ଦର୍ଶକଙ୍କୁ ଚକିତ କରେ। ନାଟକର କେତେକ ସ୍ଥାନରେ ଇଂରାଜୀ ଭାଷାର ସଂଳାପ ରହିଛି। ଯେପରି ପାର୍ଥ ମୁଖରେ କହିଛି- "ଆଚ୍ଛା I will see... I also known how to tackle things". ନାଟକରେ ସୂର୍ଯ୍ୟ ପ୍ରକାଶ ଜଣେ ଶିକ୍ଷିତ ଯୁବକ, ଚରିତ୍ର ପାର୍ଥ ଓ କେଶବ ଦାସ ମଧ୍ୟ ଅଳ୍ପ ବହୁତେ ଶିକ୍ଷିତ ଅଟନ୍ତି। ତେଣୁ ଏହି ଇଂରାଜୀ ଭାଷାର ସଂଳାପ ସେମାନଙ୍କ ମୁଖରେ ଶୋଭା ପାଉଛି। ସେହିପରି ଏକାଧିକ ସଂଳାପରେ କୁନ୍ତୀଙ୍କ ଅସହାୟତା, କର୍ଣ୍ଣର ଆତ୍ମହୀନମନ୍ୟତା, ପାର୍ଥର ବଡ଼ିମା, କେଶବ ଦାସର କୂଟ ଚକ୍ରାନ୍ତ, କୃଷ୍ଣାର ସୂର୍ଯ୍ୟ ପ୍ରତି ପ୍ରେମଭାବ ଦର୍ଶକ ପାଖରେ ପହଞ୍ଚିବାରେ ସଫଳ ହୋଇଛି। ଏହି ନାଟକର ସଂଳାପକୁ ଅନୁଧ୍ୟାନ କଲେ ଏଥିରେ ଥିବା ଭାଷା ସରଳ, ସାବଲୀଳ ଓ ଶବ୍ଦ ପ୍ରୟୋଗ ଉନ୍ନତମାନର ଅଟେ।

ଦୁଇଟି ପରସ୍ପର ବିରୋଧୀ ଶକ୍ତି ମଧ୍ୟରେ ସଂଘାତକୁ ଦ୍ୱନ୍ଦ୍ୱ ଓ ନାଟକ ଦେଖିବା ପ୍ରତି ଦର୍ଶକର ମନକୁ ଯିଏ ବାନ୍ଧି ରଖେ ତାହା ହେଉଛି ଉତ୍କଣ୍ଠା। ଦ୍ୱନ୍ଦ୍ୱ ସମ୍ପର୍କରେ ପ୍ରସିଦ୍ଧ ନାଟ୍ୟକାର ବର୍ଣ୍ଣାଡଶ କହିଛନ୍ତି-" No Conflict no drama". ଅର୍ଥାତ୍ ଦ୍ୱନ୍ଦ୍ୱ ନ ଥାଇ ନାଟକ ନାହିଁ। ଏହି ଦ୍ୱନ୍ଦ୍ୱ ମଣିଷର ବାହ୍ୟ ପରିସରରେ ଏବଂ ନିଜ ଅନ୍ତରରେ ଦେଖାଯାଏ। ଆଲୋଚ୍ୟ ନାଟକରେ ଉଭୟ ବାହ୍ୟ ଓ ଅନ୍ତର୍ଦ୍ୱନ୍ଦ୍ୱ ଭରି ରହିଛି। ଯେପରି ନିଜର ମାତୃତ୍ୱକୁ ସାବ୍ୟସ୍ତ କରିବାକୁ ଯାଇ ବ୍ୟାକୁଳ ହୋଇ ପଡୁଥିବା ମାଆ କୁନ୍ତୀଙ୍କ ମାନସିକତା, ପାର୍ଥ ଓ କେଶବ ସହ ଦୁର୍ଯ୍ୟୋଧନ ଏବଂ ସୂର୍ଯ୍ୟର ମୁହାଁମୁହିଁ ଘଟଣା, ସେମାନଙ୍କ ଛଦ୍ମତାକୁ ଉନ୍ମୋଚନ କରିବାର ମାନସିକତା, ସୂର୍ଯ୍ୟ ଓ କୃଷ୍ଣାର ବିଫଳ ପ୍ରେମ, କୃଷ୍ଣା- ପାର୍ଥର କଳହ, ସର୍ବୋପରି ସୂର୍ଯ୍ୟ ଦ୍ୱାରା ସୃଷ୍ଟି ହୋଇଥିବା ଶ୍ରମିକ ଆନ୍ଦୋଳନର ସଂଘର୍ଷ ନାଟକର ଶେଷ ଦୃଶ୍ୟ ପର୍ଯ୍ୟନ୍ତ ଦେଖାଯାଇଛି। ଯାହା ଫଳରେ 'କର୍ଣ୍ଣ' ନାଟକୀୟ ଦ୍ୱନ୍ଦ୍ୱ ଓ ଉତ୍କଣ୍ଠା ଦୃଷ୍ଟିରୁ ଏକ ସଫଳ ନାଟକ ହୋଇପାରିଛି।

ପୁରାଣରୁ ଉପାଦାନ ନେଇ ସିଧାସଳଖ ଲେଖିଲେ ତାହା କେବେବି ମିଥ୍ ହୁଏ ନାହିଁ। ମିଥ୍ ହେଉଛି ପୁରାଣର ଘଟଣା ଚରିତ୍ର ସହ ଆଧୁନିକ ଜୀବନବୋଧକୁ ମିଶାଇ ଉପସ୍ଥାପନା କରିବା। ଯାହାକି ଘଟିଛି 'କର୍ଣ୍ଣ' ନାଟକରେ। ନାଟ୍ୟକାର ଶତପଥୀ ବିଶ୍ୱାସ କରନ୍ତି ଯେ, ମିଥ୍ ର ସତ୍ୟ ହେଉଛି ଚିରନ୍ତନ କାଳଜୟୀ ସତ୍ୟ। ତେଣୁ ସେ ପୁରାଣର ଖଣ୍ଡିତ କାହାଣୀ ଏବଂ କେତେକ ଚରିତ୍ର ଯଥା- କର୍ଣ୍ଣ, ଦ୍ରୌପଦୀ, କୁନ୍ତୀ, ଅର୍ଜୁନ, ଶ୍ରୀକୃଷ୍ଣ, ଦୁର୍ଯ୍ୟୋଧନ, ଅଧୀରଥ, ରାଧା ଭଳି ପୌରାଣିକ ଚରିତ୍ର ମାନଙ୍କୁ ଆଣି ଆଧୁନିକ କାଳଖଣ୍ଡର ଅନୁରୂପ ଚରିତ୍ର ସୂର୍ଯ୍ୟ, କୃଷ୍ଣା, କୁନ୍ତୀ, ପାର୍ଥ, କେଶବ, ଦୁର୍ଯ୍ୟୋଧନ, ଅଧୀର, ରାଧା ଚରିତ୍ରମାନଙ୍କ ସହିତ ମିଶାଇ ସତ୍ୟର ଅନୁସନ୍ଧାନ କରିଛନ୍ତି। ସାମ୍ପ୍ରତିକ ଆଧୁନିକ ମଣିଷମାନଙ୍କ ମଧ୍ୟରେ ଚାଲୁଥିବା ଭାଗ୍ୟ ଓ ପୁରୁଷାକାରର ସଂଘର୍ଷକୁ ନାଟ୍ୟକାର ମିଥ୍ ପ୍ରୟୋଗ ମାଧ୍ୟମରେ ଲୋକଲୋଚନକୁ ଆଣିଛନ୍ତି।

ନାଟକ ସହିତ ମଞ୍ଚର ସମ୍ପର୍କ ବହୁ ପ୍ରାଚୀନ କାଳରୁ ନିବିଡ଼। ନାଟ୍ୟକାରଙ୍କ ଅଦୃଶ୍ୟ କଳ୍ପନା ରୂପପାଏ ରଙ୍ଗମଞ୍ଚରେ। ପୁଣି ନାଟ୍ୟକାର ଏହି ମଞ୍ଚ ମାଧ୍ୟମରେ ଦର୍ଶକ ପାଖରେ ପହଞ୍ଚିଥାଏ। ତେଣୁ ନାଟକ ପାଇଁ ମଞ୍ଚ ଏକ ପ୍ରଧାନ ଅବଲମ୍ବନ। 'କର୍ଣ୍ଣ' ନାଟକର ମଞ୍ଚକୌଶଳକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଏହି ନାଟକକୁ ମଞ୍ଚସ୍ଥ କରିବା ପାଇଁ ମଞ୍ଚକୁ ଦୁଇଟି ଜୋନ୍ ରେ ବିଭକ୍ତ କରାଯାଇଛି। ପର୍ଯ୍ୟାୟ କ୍ରମେ ଦୁଇଟି ଜୋନ୍ ରେ ଆଲୁଅ ଜଳିବା ମାତ୍ରେ ଅଭିନୟ ଆରମ୍ଭ ହୋଇଛି। ପ୍ରାୟତଃ ଅଧିକ ଦୃଶ୍ୟ ଦ୍ୱିତୀୟ ଜୋନ୍ ରେ ଅଭିନୀତ ହୋଇଛି। ପ୍ରଥମ ଜୋନ୍ ରେ ସୂତ୍ରଧାର ଉପସ୍ଥିତି ନାଟକର ଗତି ସମ୍ପର୍କରେ ଦର୍ଶକଙ୍କୁ ଧାରଣା ଦେଇଛି। ପ୍ରଥମ ଜୋନ୍ ଟିର ପଛପାଖ କଳା ପରଦା ଠାରୁ ମଂଚର ପ୍ରାୟ ଏକ-ଚତୁର୍ଥାଂଶ ଯାଏଁ ଲମ୍ବିଆସିଛି। ଏହା ସାମାନ୍ୟ ଉଚ୍ଚ ପିଣ୍ଡି କରି ପଛକୁ ରହିଛି। ଦ୍ୱିତୀୟ ଜୋନ୍ ଟି ସ୍ୱାଭାବିକ। ମଂଚର ପ୍ରଥମ ଜୋନ୍ ରେ ଆଲୁଅ ଜଳି ଅଭିନୟ ହେବା ବେଳେ ଦ୍ୱିତୀୟ ଜୋନ୍ ଟି ଅନ୍ଧାରରେ ରହିବ। ସେହିପରି ଦ୍ୱିତୀୟ ଜୋନ୍ ରେ ଆଲୁଅ ଜଳି ଅଭିନୟ ବେଳେ ପ୍ରଥମ ଜୋନ୍ ଟି ଅନ୍ଧାରରେ ବୁଡ଼ିବ। ମଞ୍ଚରେ ଆଲୋକ ସଂପାତ ଉପରେ ଗୁରୁତ୍ୱ ଦିଆଯାଇଛି। ନାଟ୍ୟମଞ୍ଚକୁ ଅତ୍ୟଧିକ ସାଜସଜ୍ଜାରୁ ଦୂରରେ ରଖାଯାଇଛି। ଏହି ନାଟକରେ କୌଣସି ଗୀତର ପ୍ରୟୋଗ ନାହିଁ। ନାଟକରେ Stage Freeze ଶୈଳୀର ପ୍ରୟୋଗ ରହିଛି। ନାଟକରେ ବ୍ୟବହୃତ ଯୁଦ୍ଧବାଦ୍ୟର ଶବ୍ଦ, ବୀରମାନଙ୍କର ଚିତ୍କାର, ଗୀତିନାଟ୍ୟର କନସର୍ଟ ଶବ୍ଦ,

ପାର୍ଥର ଅଫିସ୍ ରେ ଟାଇପ୍ ମେସିନ୍ ର ଖଟ୍ ଖାଟ୍ ଶବ୍ଦ, ଇଣ୍ଟରଭ୍ୟୁୟ ପାଇଁ ପାର୍ଥୀ ମାନଙ୍କର କୋଳାହଳ ପ୍ରଭୃତିର ସାଉଣ୍ଡ ଇଫେକ୍ଟ ନାଟକକୁ ସଫଳ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି।

ନାଟ୍ୟକାର ଶତପଥୀଙ୍କ ନାଟ୍ୟଶୈଳୀରେ ରହିଛି ସ୍ୱତନ୍ତ୍ର ନୂତନତ୍ୱ। ନାଟ୍ୟକାର ତାଙ୍କ ପ୍ରାୟ ନାଟକରେ ମିଥ୍ ପ୍ରୟୋଗ କରିଛନ୍ତି। ଏହି ମିଥ୍ ପ୍ରୟୋଗ କରିବାର ବିଶେଷତ୍ୱ ହେଉଛି ନାଟ୍ୟକାର ବିଶ୍ୱାସ କରନ୍ତି ଯେ, ମିଥ୍ କାଳଜୟୀ ସତ୍ୟର ଅନୁସନ୍ଧାନ କରେ। ମିଥ୍ ଭିତରେ ରୂପ ପାଏ କାଳକାଳ ଧରି ବିରାଜିତ ସତ୍ୟ। ଯେଉଁ ସତ୍ୟର ମୃତ୍ୟୁ ନାହିଁ। ନାଟକରେ କର୍ଣ୍ଣ ହେଉଛି ପୁରୁଷାକାରର ପ୍ରତୀକ। କର୍ଣ୍ଣର ଭାଗ୍ୟ ବିପର୍ଯ୍ୟୟ ହୋଇପାରେ କିନ୍ତୁ ପୁରୁଷାକାର ତାର ଅଧୀନ। ପ୍ରତ୍ୟେକ ମଣିଷ ଭିତରେ ଏହି ଭାଗ୍ୟ ଓ ପୁରୁଷାକାରର ସଂଘର୍ଷ ଲାଗି ରହିଛି। କେତେବେଳେ ଭାଗ୍ୟର ବିଜୟ ତ କେତେବେଳେ ପୁରୁଷାକାରର ବିଜୟ। ପୁରାଣର କର୍ଣ୍ଣ ମାରିପାରେ, କିନ୍ତୁ କର୍ଣ୍ଣର ମିଥ୍ ଯେଉଁ କାଳଜୟୀ ସତ୍ୟର ଉଚ୍ଚାରଣ କରୁଛି ତାହାର ମୃତ୍ୟୁ ନାହିଁ। କର୍ଣ୍ଣ ବଞ୍ଚି ରହିଛି ଉପେକ୍ଷିତ ମଣିଷ ମାନଙ୍କ ସଂଘର୍ଷ ମଧ୍ୟରେ।


ସହାୟକ ଗ୍ରନ୍ଥସୂଚୀ:

୧- ଦାସ, ହେମନ୍ତ କୁମାର; ଓଡ଼ିଆ ନାଟକର ଉତ୍ତର ଆଧୁନିକ ପର୍ବ, କଟକ, ବିଦ୍ୟାପୁରୀ, ୧ମ ସଂ, ୨୦୦୮

୨- ଶତପଥୀ, ବିଜୟ କୁମାର; କର୍ଣ୍ଣ, କଟକ, ଫ୍ରେଣ୍ଡସ୍ ପବ୍ଲିସର୍ସ, ୨ୟ ସଂସ୍କରଣ, ୨୦୧୩


●

ନୂ ଆ ବ ହି




## ଅନେକ ନୀରବତା

(କବିତା ସଂକଳନ )

କବି : ସ୍ମୃତିରଞ୍ଜନ ସେଠୀ
ପ୍ରକାଶକ : ବର୍ଷା ପବ୍ଲିକେଶନ
ପ୍ରଥମ ପ୍ରକାଶ : ୨୦୨୨
ପୃଷ୍ଠା - ୯୪, ମୂଲ୍ୟ - ୧୨୦ ଟଙ୍କା

ALOCHANA
ଆଲୋଚନା
ପ୍ରଥମ ବର୍ଷ, ସଂଖ୍ୟା - ୦୩ । ମଇ - ଜୁନ୍ ୨୦୨୩
Volume No. 01 I Issue No. 03 I May - June 2023

# ନାରାୟଣ ସାହୁଙ୍କ ନାଟକରେ ସମାଜପ୍ରତିବଦ୍ଧତାର ସ୍ୱର

■ ମିନି ଗଡ଼ତିଆ



ଗବେଷିକା, ସ୍ନାତକୋତ୍ତର ଓଡ଼ିଆ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା

ଜୀବନକୁ ଚିହ୍ନିବାର ଭଲ ମାଧ୍ୟମ ହେଉଛି ନାଟକ। ନାଟକ ଭିତରେ ହିଁ ଆମେ ସମାଜକୁ ଦେଖୁଁ। ଅଶୀ ପରବର୍ତ୍ତୀ ନାଟ୍ୟକାର ନାରାୟଣ ସାହୁଙ୍କ ପ୍ରତେକ ନାଟକ ସମାଜକୁ ଭିତ୍ତି କରି ଗଢିଉଠିଛି । ସମାଜ ସଚେତନତା ସୃଷ୍ଟି କରିବା ହେଉଛି ତାଙ୍କ ଧର୍ମ। ସମାଜକୁ ଭଲ ଭାବେ ବୁଝିଛନ୍ତି । ତେଣୁ ତାଙ୍କ ନାଟକରେ କେତେବେଳେ ବିପ୍ଳବର ସ୍ୱର ତ ପୁଣି କେତେବେଳେ ପ୍ରତିବାଦର ସ୍ୱର । ସମାଜକୁ ଛାଡ଼ି ନାଟକର ପରିକଳ୍ପନା ଅସମ୍ଭବ। ସେହି ଦୃଷ୍ଟିରୁ ନାଟ୍ୟକାର ନାରାୟଣ ସାହୁ ବାଦ୍ ଯାନ୍ତେ କିପରି । ସମାଜ ସହ ସେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ସମାଜରୁ ଚରିତ୍ର ସାଉଁଟି ଖଞ୍ଜି ଦେଇଛନ୍ତି । ତାଙ୍କ ନାଟକ ଯେତିକି ସୁନ୍ଦର ସେତିକି ବୈଚିତ୍ର୍ୟ ମଧ୍ୟ। ସମାଜ ପ୍ରତି ଅଂଗିକାର ବଦ୍ଧତା ଓ ଶୋଷକ ମାନଂକ ପ୍ରତି ସମବେଦନ ଶୀଳ ତାଙ୍କ ନାଟକ ଜୀବନ ମାଧ୍ୟମରେ ଜାଣିହୁଏ। ସମାଜ ପରିବର୍ତ୍ତନର ସ୍ୱର ତୀବ୍ର ତାଙ୍କ ନାଟକରେ ରହିଛି।ଲେଖକ ଟିଏ ସମାଜ ରେ ଜନ୍ମ ନିଏ । ସମାଜରେ ବଢ଼େ ଏବଂ ସମାଜ ସହ ତାର ଜୀବନ ଅତିବାହିତ କରେ । ସମାଜରେ ହେଉଥିବା ନା ନା ପ୍ରକାର ଦୁଷ୍କର୍ମକୁ ସେ ଦେଖେ । ପ୍ରତିବାଦ କରିବାକୁ ଚେଷ୍ଟା କରେ । ତେଣୁ ଲେଖନୀ ମାଧ୍ୟମରେ ସମାଜ ସଚେତନତା କରିବା ହେଉଛି ଲେଖକର ମୁଖ୍ୟ ଲକ୍ଷ୍ୟ । ନାରାୟଣ ସାହୁଙ୍କ ନାଟକରେ ଯନ୍ତ୍ରଣା, ଦରଦ ଲୁଚି ରହିଛି ପ୍ରତେକ ପୃଷ୍ଠାରେ । ଦଳିତ ଅବହେଳିତ ନିଷ୍ପେସିତ ମଣିଷର ଅକୁହା କଥାକୁ ଲିପିବଦ୍ଧ କରିଛନ୍ତି ପ୍ରାୟ ତାଙ୍କ ସମସ୍ତ ନାଟକରେ । ପ୍ରତିବାଦର ପ୍ରତିବାଦ ହେଉଛି ତାଙ୍କ ନାଟକଗୁଡିକ । ନାଟ୍ୟକାର ନାରାୟଣ ସାହୁ ଜଣେ ବୈପ୍ଳବିକ ମଣିଷ ଥିଲେ । ତେଣୁ ତାଙ୍କ ନାଟକରେ କେତେବେଳେ ବିପ୍ଳବର

ଝଙ୍କାର ତ କେତେବେଳେ ହାସ୍ୟ ବ୍ୟଙ୍ଗ ବିଦ୍ରୁପର ଛଟାକୁ ଅବଲୋକନ କରୁ ।

ସାମାଜିକ ସମସ୍ୟାର ବିଶ୍ଳେଷଣ ହେଉଛି ତାଙ୍କ ନାଟ୍ୟଦର୍ଶନର ମୁଖ୍ୟ ଆଭିମୁଖ୍ୟ । ସମାଜର ବିଭିନ୍ନ ଘଟଣାକୁ ନାଟକ ମାଧ୍ୟମରେ ଦେଖେଇବାର ପ୍ରୟାସ କରିଛନ୍ତି ନାଟ୍ୟକାର । ତେଣୁ ନାଟକକୁ ସମାଜ ସଚେତନ କଳା ବୋଲି କୁହାଯାଏ । ଜଣେ ସମାଜ ସଚେତନ ଶିଳ୍ପୀ ସମାଜକୁ କଦାପି ଅଣଦେଖା କରିପାରେ ନାହିଁ 'ଆଶ୍ରାଖୋଜି ବୁଲୁଥିବା ଈଶ୍ୱରର' ନାଟକ ସମାଜ ପ୍ରତିବଦ୍ଧତାର ଏକ ସଫଳ ନାଟକ । ନାରାୟଣ ସାହୁ ନାଟକ ମାଧ୍ୟମରେ ସମାଜରେ ହେଉଥିବା ଅନ୍ୟାୟ, ଅତ୍ୟାଚାରକୁ ରୋକିବାର ପ୍ରୟାସ କରିଛନ୍ତି । ଏହି ନାଟକରେ ସଂପ୍ରଦାୟିକତା ସହ ଧାର୍ମିକ ବଡ଼ପଣ୍ଡା ମାନଂକର ନୀତି ହୀନ କାର୍ଯ୍ୟକଳାପକୁ ଦେଖେଇ ଦିଆଯାଇଛି । ଧର୍ମ ନାମରେ ଆମ ସମାଜରେ ପ୍ରତିଦିନ ଗଣ୍ଡଗୋଳ ସୃଷ୍ଟି ହେଉଛି । ଈଶ୍ୱରର ସବୁ ଧର୍ମର ଏକା କେବଳ କାଗଜ କଲମରେ ସୀମିତ ରହୁଛି । ପ୍ରତିବଦର ସ୍ୱର ପ୍ରତେକ ପୃଷ୍ଠାରେ ଛପି ରହିଛି । କେଉଁଠି ସମୟ ପ୍ରତିବାଦ କରୁଛି ତ କେଉଁଠି ନାଟକର ଚରିତ୍ରମାନେ (ମହାସେବକ, ଜୋସେଫ, ସୁଲେମାନ) ପ୍ରତିବାଦ କରି ଉଠୁଛନ୍ତି ନିଜ ସୃଷ୍ଟିରେ ଶ୍ରଷ୍ଟା କିପରି ଅଲୋଡ଼ା, ମୂଲ୍ୟହୀନ, ଦୟନୀୟ, କ୍ରୀତଦାସ ହୋଇପଡନ୍ତି ତାହା ଦେଖୁ ନାଟକରେ । ଧର୍ମୀୟ ରାଜନୀତି ଓ ବଡ଼ପଣ୍ଡା ମାନଙ୍କ ବିରୁଦ୍ଧରେ ପ୍ରତିବାଦର ସ୍ୱର ଉତ୍ତୋଳନ ଦେଖିବାକୁ ପାଉ ଧର୍ମ ନାମରେ ଅରାଜକତା ସୃଷ୍ଟି ହେଉଛି। ଈଶ୍ୱର ଅସହାୟ ଚରିତ୍ର ଭାବରେ ନାଟକରେ ଚିତ୍ରିତ । ୧୯୮୪ ମସିହାରେ ଘଟିଥିବା ଭୋପାଳ ଗ୍ୟାସ ଦୁର୍ଘଟଣା, ମନ୍ଦିର ଭିତରେ ପୂଜକଙ୍କ ଦ୍ୱାରା ନାରୀ ଧର୍ଷଣ ଓ ବାବ୍ରି ମସଜିଦ୍ ଭାଙ୍ଗିବା ଆଦି ଘଟଣାକୁ କେନ୍ଦ୍ରକରି ନାଟକଟି ଗଢିଉଠିଛି। ୟୁନିଅନ୍ କାରବାଇଡ ଗ୍ୟାସ୍ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଖ୍ରୀଷ୍ଟିଆନ ଦମ୍ପତି ଯୋଶେପ ମେରୀଙ୍କ କରୁଣ କାହାଣୀ ନାଟକରେ ପ୍ରଦର୍ଶିତ । ସବୁକିଛି ହରାଇ ଉପାୟ ଶୂନ୍ୟ ଭାବେ ଦୌଡି ଯାଇଛନ୍ତି ପ୍ରଭୁ ଜଗନ୍ନାଥ ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ଧାମକୁ , ଦୁଇଜଣ ଦମ୍ପତି ଖ୍ରୀଷ୍ଟିଆନ ଥିବାରୁ ମନ୍ଦିର ପ୍ରବେଶ ମନା ବୋଲି କହିଛି ମହାସେବକ । ମନ୍ଦିର ଭିତରକୁ ହିନ୍ଦୁ ମାନଙ୍କର ପ୍ରବେଶକୁ ନେଇ ଯୁକ୍ତି କରେ ଯୋଶେପ । ଯୋଶେପର ସଂଳାପରେ ପ୍ରତିବାଦର ସ୍ୱର ତୀବ୍ର ହୋଇଉଠିଛି । ମହାସେବକକୁ କହିଛି "କାହିଁକି ପ୍ରଚାର କରୁଛ, ଈଶ୍ୱର ସର୍ବ ଧର୍ମର ସମନ୍ୱୟ ଦେବତା? ଧର୍ମ ନାମରେ କାହିଁକି ତାହେଲେ ଏ ପ୍ରହେଳିକା? କାହିଁକି ପ୍ରଚାର କରୁଛ ଈଶ୍ୱର ଜଗତର ଠାକୁର? Lord of The Universe ମେରୀ ମୁଁ ମନାକରୁଥିଲି ନା...। ଈଶ୍ୱର ହିନ୍ଦୁର ଦେବତା ତାପାଖକୁ ଯାଇ କହି କିଛି ଲାଭ ନାହିଁ । ନା ସବୁଗୁଡ଼ାକ ଛଳନା ଏଇଟା ମନ୍ଦିର ନୁହେଁ ହିନ୍ଦୁମାନଂକର ଖଟି ଶୁଣିଥିଲି ଈଶ୍ୱର ସବୁ ଆମର ସମନ୍ବୟ ଦେବତା । ଆଜି ଦେଖୁଛି ଈଶ୍ୱର ହେଉଛନ୍ତି ଏ ମହାସେବକମାନଂକର ଦେବତା । ଯୋଶେପ ପ୍ରତିବାଦ କରିଛି ମହାସେବକ ମୁସ୍ତ ହୋଇ ଅପମାନିତ କରିଛି ଯୋଶେପକୁ । ଶେଷରେ ମେରିକୁ ମନ୍ଦିର ଭିତରକୁ ପଛପଟ ଦେଇଯିବାକୁ କହିଛି ମହାସେବକ । ଏହା ମଧ ଥିଲା ଏକା ପ୍ରକାର ଷଡଯନ୍ତ୍ର । ଯାହା ସରଳ ନିରୀହ ମଣିଷ ବୁଝିପାରିନଥିଲା । ଶେଷରେ ମେରିକୁ ଧର୍ଷଣ କରି ମେରୀର ପ୍ରତିବାଦର ସ୍ୱରକୁ ଦବେଇଦେବାକୁ ଯାଇ ଗଳା ଚିପି ହତ୍ୟା କରିଛି ।

ବର୍ତ୍ତମାନ ସମୟରେ ଶାସନ ବ୍ୟବସ୍ଥାରେ ରାଜନୀତିକ ସ୍ୱାର୍ଥସାଧନ ମଧ୍ୟରେ ସାଧାରଣ ମଣିଷର ସ୍ୱର ଓ ପ୍ରତିବାଦ କେତେ ମୂଲ୍ୟ ହୀନ ତାହା ମୂକ ନାଟକରୁ ଜଣାଯାଏ । ମୂକ ଏକ ଭିନ୍ନ ଧରଣର ନାଟକ ରାଜନୀତିକୁ ଆଶ୍ରୟ କରି ଗଢିଉଠିଥିଲେ ମଧ୍ୟ କାହାଣୀ ଧର୍ମୀ ଏହାର କଥାବସ୍ତୁ ସାମୁହିକ ପରିବାରର ସଂଘର୍ଷମୟର ଚିତ୍ର ଏଥିରେ ସ୍ପଷ୍ଟ । ଯେଉଁଠାରେ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ପ୍ରତିବାଦର ସ୍ୱର ଲୋପ ପାଏ ସେଠାରେ ମୂକମାନେହିଁ ଜନ୍ମ ନିଅନ୍ତି । ଆଜିର ସମାଜରେ ସରଳ ନିରୀହ ମଣିଷମାନଙ୍କୁ ଦୁର୍ନୀତିଗ୍ରସ୍ତ ଶାସକ ଗୋଷ୍ଟି କିପରି ନିଜର ମନ ମୁତାବକ ସେମାନଙ୍କୁ ଅତ୍ୟାଚାର କରୁଛନ୍ତି ତାର ବାସ୍ତବ ରୂପ 'ମୂକ' ନାଟକ । ଆଜି ମଣିଷ ମୂକ ଓ ଅଥର୍ବା ଯୁଗେ ଯୁଗେ ସତ୍ୟକୁ ଚାପି ଦିଆଯାଉଛି ରାଜତନ୍ତ୍ର ଠାରୁ ଗଣତନ୍ତ୍ର ପର୍ଯ୍ୟନ୍ତ ପ୍ରତେକଟି ସମୟର ସତ୍ୟ ଉପରେ ଅସତ୍ୟର ରାଜ ଚାଲିଛି ସମାଜ ସଚେତନତା ସୃଷ୍ଟି କରିବା ଲେଖକର ଧର୍ମ । ମୂକ ନାଟକରେ ମୂଲ୍ୟବୋଧର ମାତ୍ରା କମିଯାଉଛି । ଦୁର୍ନୀତି, ଅଧର୍ମ, ଅନ୍ୟାୟ ମୁଣ୍ଡ ଟେକି ଉଠୁଛି । ଏସବୁକୁ ଧୂଳିସାତ କରି ଦେଖାଇଦେବ ହେଉଛି ମୂକ ନାଟକର ଭିତ୍ତିଭୂମି । ମୂକ ବର୍ତ୍ତମାନ ସମାଜ ପାଇଁ ଜ୍ୱଳନ୍ତ ଚେତାବନୀ । ପୁନଶ୍ଚ ସଂଗ୍ରାମ ନାଟକଟି ଗାନ୍ଧିବାଦୀ ଦର୍ଶନକୁ ଆଧାର କରି ରଚିତ । ରାଜନେତାମାନଙ୍କର ଭ୍ରଷ୍ଟ ରାଜନୀତିକୁ ଦେଖୁ ସମଗ୍ର

ନାଟକରେ । ନିରୀହ ମଣିଷ ଆଜି ନୁହେଁ ଯୁଗେ ଯୁଗେ ତାକୁ ଶୋଷିତ, ଲାଞ୍ଛିତ ତିରସ୍କୃତ ହେବାକୁ ପଡୁଛି ତାର ପ୍ରତିବାଦର ସ୍ୱର କାହାରିକୁ ଶୁଣାଯାଉନି ସମସ୍ତେ ଏଠି ସ୍ୱାର୍ଥ ସର୍ବସ୍ୱ । ପରସ୍ୱ ହରଣରେ ମାତାଲ । ଏହି ଭଳି ଏକ ପୃଷ୍ଠଭୂମିକୁ କେନ୍ଦ୍ରକରି ନାଟ୍ୟକାର ଏଭଳି ଏକ ନାଟକର ପରିକଳ୍ପନା କରିଛନ୍ତି । ପୁଣି ସଂଗ୍ରାମ ହେବ ନୂତନ ସୂର୍ଯ୍ୟ ଦେଖିବ ଏ ଆଶା ସମସ୍ତଙ୍କ ମନରେ । ମଞ୍ଚରେ ଆମେ ମଣିଷର ଜୀବନ୍ତ ସତ୍ତା କୁ ଦେଖୁ । ତାକୁ ଦେଖି ଜାଣିହୁଏ ସେ କାନ୍ଦୁଚି ନା ହସୁଛି ଶୋଷିତ ନା ଶାସକ । ଭାରତ ସ୍ୱାଧୀନତା ହାସଲ କଲାପରେ ଗାନ୍ଧୀ ଦର୍ଶନ କିପରି ପରାଜୟ ବରଣ କରୁଛି ତାହା ଏ ନାଟକର ମୂଳ ସ୍ୱର। ଭ୍ରଷ୍ଟ ରାଜନୀତିଜ୍ଞ ଦ୍ୱାରା ଶିକାର ହୁଅନ୍ତି ସରଳ ନିରୀହ ସାଧାରଣ ଜନତା । ପ୍ରତିବାଦର ସ୍ୱର ବୃଦ୍ଧ ନିତାଇରମ ଚରିତ୍ର ମାଧ୍ୟମରେ ଫୁଟିଉଠିଛି । ଭାରତର ଅଧୋଗତିର ଚିତ୍ର ତାଙ୍କୁ ମର୍ମାହତ କରିଛି । ଆଜିର ମଣିଷ ପାଲଟିଛି ସୈତାନ । ଗଳମାଧବ, ବାଗୁଳିଦାସ, ଚରଣ ଦାସ ଓ ସଲିମ ଗୋଟିଏ ଗୋଟିଏ ଦୁର୍ନୀତିର ମୂର୍ତ୍ତିମନ୍ତ । ସ୍ୱାର୍ଥ ସାଧନ ନିମନ୍ତେ ସୁନାର ଭାରତକୁ ବିକ୍ରି କରିବାକୁ ପଛଘୁଞ୍ଚା ଦେଉନାହାନ୍ତି । ନାଟ୍ୟକାର ନାରାୟଣ ସାହୁ ସମୟ ଚରିତ୍ର ମାଧ୍ୟମରେ ସମାଜକୁ ଚେତାବନୀ ଦେଇ କୁହନ୍ତି - "ମୁଁ ସେଦିନ ଥିଲି , ଆଜିବି ଅଛି ଏବଂ ଭବିଷ୍ୟତରେ ମଧ୍ୟ ରହିଛି ଏବେ ବି ସମୟ ଅଛି ନିଜକୁ ସଜାଡି ନିଅ ଆନ୍ତତଃ ଗୋଟିଏ ନିଶ୍ଚିତ ଧ୍ୱଂସ ମୁଖରୁ ରକ୍ଷା ପାଇଯିବ ଲନୂତନ ସୂର୍ଯ୍ୟର ବିଭୋର ହେବ ଆଗରୁ ନିଜର ମାକୁ ମାତୃଭାଷା ଏବଂ ମାଟିକୁ ଭୁଲି ଯାଆନ୍ତି । ସଂମ୍ମାନ ଦେଇ ଶିଖ ଆଉ ଏକ ବାପୁର ନବୀନ ସଂସ୍କରଣ ପାଇଁ ପଥ ମୁକ୍ତକର... ପରିଷ୍କାର କର ।" ନାଟକର ସାମାଜିକ ସ୍ୱର ହେଉଛି ସମାଜର ପ୍ରତିଟି ସ୍ତରର ଦୁର୍ନୀତିକୁ ମୂଳୋତ୍ପାଟନ ପାଇଁ ଏକ ଆହ୍ୱାନ ।

'ଓ ସବା ଶେଷ ଲୋକ' ନାଟକଟି ସମାଜ ପ୍ରତିବଦ୍ଧତାର ଅନ୍ୟ ଏକ ସ୍ୱର । ନାଟ୍ୟକାର ଯୁଗ ଯୁଗ ଧରି ଚାଲିଆସିଥିବା ଅନ୍ୟାୟ, ଅତ୍ୟାଚାରକୁ ଦୁରେଇ ଏକ ସୁନ୍ଦର ସମାଜ ଗଠନ କାରିବାର ଆଶା ନେଇ ଏଭଳି ଏକ ନାଟକର ପରିକଳ୍ପନା କରିଛନ୍ତି । ଶୋଷିତ ସମାଜକୁ ଜାଗ୍ରତ କରି ତା ମନରେ ନୂତନ ଶକ୍ତି ଓ ସାହାସ ଭରି ଦେବାକୁ ଚେଷ୍ଟା କରି ଛନ୍ତି । ନାଟକର ଶେଷ ଅଂଶରେ ପ୍ରତି ଧ୍ୱନିତ ହୋଇ ଉଠୁଛି - "ତୋ ଦୁର୍ବଳତାର ସୁଯୋଗ ନେଇ ସେମାନେ ତୋ କାନ୍ଧ ଉପରେପାଦ ଦେଇ ଉଠିଲେ କେବେବି ତୁ ପ୍ରତିବାଦ କଲୁନି, କେତେଦିନ ଏମିତି ପଡି ରହିଥିବୁ । ନିଜ ଭିତରର ଶକ୍ତିକୁ ଜାଗ୍ରତ କର? (ପୃଷ୍ଠା -୩୪) ନାଟକଟି ତିନୋଟି ପର୍ବ (ପୁରାଣ, ଇତିହାସ, ରାଜନୀତି )କୁ ସାଉଟି ଗଢି ଉଠିଛି । ପୁରାଣ ଯୁଗଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଚିରଦିନ ଅନାର୍ଯ୍ୟ ଗୋଷ୍ଠୀ ଉପରେ ଅତ୍ୟାଚାର ଲାଗି ରହିଛି । ସବା ଶେଷ ଲୋକ ସବୁବେଳେ ସବା ଶେଷ ଲୋକ ଭାବେ ରହିଯାଉଛି ।ସମାଜରେ ରହୁଥିବା ମଣିଷ ସମାଜ କଥା ହିଁ କହିଥାଏ । ସମାଜ ବ୍ୟତୀତ ଆଉ କ'ଣ ବା କହିପାରିବ? ସେହିପରି ଏକ ସମାଜ ସଚେତନ ଧର୍ମୀ ନାଟକ ହେଉଛି କ୍ରାନ୍ତି । କ୍ରାନ୍ତି ଏକ ବିପ୍ଳବର ସ୍ୱର । ନକ୍ସଲ ଆନ୍ଦୋଳନକୁ ଭିତ୍ତି କରି ଗଢି ଉଠିଛି । ନାଟ୍ୟକାର ଜଗତ ପ୍ରକାଶ (ଜେପି ) ଚରିତ୍ର ମାଧ୍ୟମରେ ବିପ୍ଳବର ବାର୍ତ୍ତା ପ୍ରକାଶ କରିଛନ୍ତି । ଜଗତ ପ୍ରକାଶ ଚାକିରିକୁ ଛାଡି ନକ୍ସଲ ହୁଏ । ସମାଜରେ ହେଉଥିବା ଅନ୍ୟାୟ ଅତ୍ୟାଚାରର ପ୍ରତିବାଦ କରିଛି । ଜଙ୍ଗଲରେ ବସବାସ କରୁଥିବା ସରଳ ନୀରିହ ଆଦିବାସୀ ମାନଙ୍କ ପ୍ରତି ସରକାରଙ୍କ ବିମୁଖ ମନୋଭାବ ଏବଂ ସେମାନଙ୍କ ପ୍ରତି ଅନ୍ୟାୟ ଅତ୍ୟାଚାର ଶୋଷଣ କରୁଥିବା ସମାଜର ବଡ଼ପଣ୍ଡା ରାଜନୈତିକ ଠାରୁ ଆରମ୍ଭ କରି ପୋଲିସ ଅଫିସର ସରକାରୀ କର୍ମଚାରୀ ସାଧାରଣ ନେତା ଓ ସାହୁକାର ବିରୁଦ୍ଧରେ ପ୍ରତିବାଦ ସ୍ୱର ଉତ୍ତୋଳନ କରିଛି । ସମସ୍ତ ଆଦିବାସୀକୁ ଏକତ୍ରିତ କରି ପି ଡ଼ିଏଫ ସଂସ୍ଥା ଗଠନ କରିଛି । ଶୋଷକମାନଙ୍କୁ ହତ୍ୟା କରିଛି ଲୋକଙ୍କୁ ପ୍ରେରଣା ଦେଇଛି । ଆଇନକୁ ହାତକୁ ନେଇ ବହୁ ପୋଲିସ ଥାନାକୁ ପୋଡିବା ସହ ପାଞ୍ଚ ଜଣ ଶୋଷକ ସୈତାନକୁ ହତ୍ୟା କରିଛି । ଶେଷକୁ ଜେଲ ବରଣ କରିଛି ସେଇଠି ମଧ୍ୟ ଦେଖିଛି ଅମାନବିକ ଆଚରଣ। ବିଦ୍ରୋହ କରିଛି ଶେଷରେ ହସି ହସି ଫାଶୀ ଦଣ୍ଡରୁ ଗ୍ରହଣ କରିନେଇ କହିଛି - "ପଶୁମାନଙ୍କ ମଧ୍ୟରେ ବାଘ ହେଉଛି ଭୟଙ୍କର । ବାଘକୁ ଖାଇବା ପାଇଁ ଜଙ୍ଗଲରେ କିଛି କାନୁନ ରହିଛି । ଏହି ସମାଜରେ ରେ ଏମିତି କିଛି ଅଛନ୍ତି ଯେନେ ବାଘଠାରୁ ବି ଭୟଙ୍କର । ସେମାନଙ୍କ ବିନାଶ ନ ହେଲା ପର୍ଯ୍ୟନ୍ତ ଏ ସମାଜର ଶାନ୍ତି ପ୍ରତିଷ୍ଠା ଅସମ୍ଭବା ମାନବ ଜାତିର ମଙ୍ଗଳ ପାଇଁ ଯଦି ଜାନୁଆର ଗୁଡିକୁ ଶିକାର ତେବେ କ୍ଷତି କଣ? " ଜେପିର ବିଶ୍ୱାସ ତାର ମୃତ୍ୟୁ ପରେ ଆହୁରି ଜେପି ଜନ୍ମ ନେବେ ସମାଜରେ ହେଉଥିବା ଅନ୍ୟାୟ, ଅତ୍ୟାଚାର, ଶୋଷଣ ପିଡ଼ନକୁ ଜାଳି ପୋଛି ଛାରଖାର କରିଦେବେ । ତେଣୁ ସେ ଜୋର ଦେଇକି କହେ - "ଗୋଟିଏ ବିପ୍ଳବର ମୃତ୍ୟୁରେ ବିପ୍ଳବ କେବେ ଦବିଯାଏ ନାହିଁ । ବିପ୍ଳବ ଏମିତି ଏକ ଅନିର୍ବାଣ, ଅଗ୍ନିଶିଖା

ଯାହା ମୌସୁମୀର ଅପେକ୍ଷା ରଖେ, ହେଲେ ମଣିଷର ନୁହେଁ ।"(ପୃଷ୍ଠା - ୬୭)ଏହିପରି ଭାବେ ନାଟ୍ୟକାର ନାରାୟଣ ସାହୁଙ୍କ ନାଟକ ଗୁଡିକ ସମାଜ ପ୍ରତିବଦ୍ଧତାକୁ ଭିତ୍ତିକରି ରଚିତ ହୋଇଛି । ସମାଜକୁ ଛାଡି ତାଙ୍କ ନାଟକ ଆକଳ୍ପନୀୟ । ସମାଜରୁ ଚରିତ୍ର, କଥାବସ୍ତୁକୁ ସଂଗ୍ରହ କରି ନାଟକର ବଳୟ ତିଆରି କରିଛନ୍ତି । ନିଜେ ସମାଜକୁ ଦେଖି, ସମାଜ ସହ ନିଜକୁ ଏକାତ୍ମ କରି ଦେଇଛନ୍ତି ପ୍ରତିବାଦ ଦେଉଛି ତାଙ୍କ ନାଟକର ମୂଳ ସ୍ୱର । ଏହି ପ୍ରତିବାଦ ମାଧ୍ୟମରେ ସମାଜ ରେ ହେଉଥିବା ଅନ୍ୟାୟ ଅତ୍ୟାଚାରକୁ ରୋକିପାରିବେ ଏହାହିଁ ତାଙ୍କ ଆଶା । ତେଣୁ ତାଙ୍କର ପ୍ରତିଟି ନାଟକ ଏହି ସ୍ୱରକୁ ଭିତ୍ତିକରି ଗଢିଉଠିଛି ।

**ସହାୟକ ଗ୍ରନ୍ଥସୂଚୀ :**


୧) ଦାସ, ହେମନ୍ତ କୁମାର । ଓଡ଼ିଆ ନାଟକର ଉତ୍ତର ଆଧୁନିକ ପର୍ବ । ବିଦ୍ୟାପୁରୀ, ବାଲୁବଜାର, କଟକ, ୭୫୩୦୦୨୭

୨) ମିଶ୍ର, ଡକ୍ଟର ଜ୍ଞାନୀ ଦେବାଶିଷ । ନଟ ନାଟ୍ୟ ନାଟ୍ୟାୟନ । ସତ୍ୟନାରାୟଣ ବୁକଷ୍ଟୋର, ବିନୋଦ ବିହାରୀ, କଟକ

୩) ସାହୁ, ନାରାୟଣ । ଆଶ୍ରାଖୋଜିବୁଲୁଥିବା ଈଶ୍ୱର । ସତ୍ୟନାରାୟଣ ବୁକଷ୍ଟୋର, ବିନୋଦ ବିହାରୀ, କଟକ ,ଚତୁର୍ଥ ସଂସ୍କରଣ, ୨୦୧୬

୪) ସାହୁ, ନାରାୟଣ । କ୍ରାନ୍ତି । ଜ୍ଞାନଯୁଗ ପବ୍ଲିକେଶନ,ନୂଆପଲ୍ଲୀ, ଭୁବନେଶ୍ୱର -୧୫

୫) ସାହୁ, ନାରାୟଣ । ପୁନଶ୍ଚ ସଂଗ୍ରାମ । ସାହିତ୍ୟ ସଂଗ୍ରହ ପ୍ରକାଶନ, ବିନୋଦ ବିହାରୀ, କଟକ, ପ୍ରଥମ ସଂସ୍କରଣ, ୨୦୦୦

୬) ସାହୁ, ନାରାୟଣ । ମୂକ । କୁନମା ପବ୍ଲିକେଶନ, ବାଦାମବାଡ଼ି, କଟକ, ପ୍ରଥମ ପ୍ରକାଶନ, ୨୦୦୦

୭) ସାହୁ ନାରାୟଣ । ଓ ସବାଶେଷ ଲୋକ । ସତ୍ୟନାରାୟଣ ବୁକଷ୍ଟୋର, ବିନୋଦ ବିହାରୀ, କଟକ, ସଂଶୋଧିତ ସଂସ୍କରଣ ।


●


ନୂ ଆ କ ଥା

N I N A D A

ନି ନା ଦ

ବନ୍ଧୁଗଣ ! ଆପଣ କବିତା ଲେଖନ୍ତି କି ? ଆପଣଙ୍କ ବୟସ ୨୫ ବର୍ଷରୁ କମ୍ କି ? ତେବେ ଆଉ ଡେରି କାହିଁକି ! ଆପଣ ବି ପଠେଇ ପାରିବେ ନିଜ କବିତା ଆଗାମୀ ସଂଖ୍ୟା 'ନିନାଦ' ପାଇଁ । ଆମେ ସବୁବେଳେ ନୂଆପଣର ସାନ୍ଧନରେ, ନୂଆ ପ୍ରତିଭାର ସନ୍ଧାନରେ ।

ଆଜି ହିଁ ଆପଣଙ୍କ ଦୁଇଟି ସୁନିର୍ବାଚିତ କବିତା ଆମକୁ ପଠାନ୍ତୁ । ଏବଂ, ଏହା ସହ ନିଜ ଠିକଣା ଓ ଏକ ସୁନ୍ଦର ଫଟୋ । ଆମେ ଅପେକ୍ଷାରେ ।

ଇ-ମେଲ : bageesha.magazine@gmail.com

# 'ଅମର ସିଂଙ୍କ ଉଦ୍‌ବୋଧନ' : ରାଧାନାଥୀୟ ଜାତୀୟତାବୋଧ ଓ ସ୍ୱଦେଶପ୍ରୀତିର ଅନନ୍ୟ ଭାସ୍ୱର

## ଉପସ୍ଥାପନା : ବିକେଶ ସାହୁ

ଆଧୁନିକ ଓଡ଼ିଆ ସାହିତ୍ୟର ଅଦ୍ୟ ସ୍ମରଣୀୟ ପ୍ରତିଭାବାନ ଶବ୍ଦଶିଳ୍ପୀମାନଙ୍କ ମଧ୍ୟରେ କବିବର ରାଧାନାଥ ରାୟ ଚିର ବନ୍ଦନୀୟ। ତାଙ୍କ ସାରସ୍ୱତ ସୌରଭର ସ୍ୱତନ୍ତ୍ର ସ୍ୱର - ପୁରାତନରେ ନୂତନତା ଓ ଆହରଣରେ ମୌଳିକତା ପ୍ରଦର୍ଶନ । ପ୍ରକୃତିର ଅପରୂପ ଅସ୍ତିତ୍ୱ ସନ୍ଧାନରେ, ଜାତୀୟତାର ପରିଭାଷା ନିର୍ଣ୍ଣୟରେ, ସୌନ୍ଦର୍ଯ୍ୟବୋଧର ସ୍ୱରୂପ ବିଶ୍ଳେଷଣରେ କବିବରଙ୍କ କାବ୍ୟ ବ୍ୟକ୍ତିତ୍ୱ ଓ ପ୍ରଜ୍ଞା ଓଡ଼ିଆ ସାହିତ୍ୟରେ ଆଧୁନିକ ଚିନ୍ତାଚେତନା ପ୍ରୟୋଗର ମଙ୍ଗଧରିଥିଲା। ତାଙ୍କ ସୃଷ୍ଟିସଂପଦରେ ନିନାଦିତ ହେଉଥିଲା ପ୍ରକୃତି, ସୌନ୍ଦର୍ଯ୍ୟ–ବୋଧ ଓ ଜାତୀୟତାର ଏକ ସୁମଧୁର ପ୍ରତିଧ୍ୱନି। ତତ୍‌କାଳୀନ ଓଡ଼ିଶାର ସାମାଜିକ, ଧାର୍ମିକ, ରାଜନୈତିକ ଓ ସାଂସ୍କୃତିକ ପରିବେଶରେ କ୍ରମଶଃ ସ୍ଥାଣୁତା ସଂଦର୍ଶନରେ କବିଙ୍କ କ୍ରାନ୍ତିକାରୀ ଦୃଷ୍ଟି ଇତିହାସ, ପୁରାଣ, କିମ୍ବଦନ୍ତୀ ଆଡ଼କୁ ପ୍ରଲମ୍ବିତ ହୋଇଛି। ୧୮୮୫ ମସିହାରୁ ଆରମ୍ଭ ହୋଇ ତାଙ୍କ ସାରସ୍ୱତ ପ୍ରତିଭାର ଜୟଯାତ୍ରା ୧୯୦୬ ମସିହା ପର୍ଯ୍ୟନ୍ତ ଓଡ଼ିଆ ବାଣୀ ଭଣ୍ଡାରକୁ କରିଛି ସମୃଦ୍ଧ । 'କେଦାର ଗୌରୀ' (୧୮୮୫), 'ଚନ୍ଦ୍ର ଭାଗା' (୧୮୮୬), 'ନନ୍ଦୀକେଶ୍ୱରୀ' (୧୮୮୭), ' ଉଷା' (୧୮୮୮), 'ପାର୍ବତୀ' (୧୮୯୦), 'ଚିଲିକା' (୧୮୯୨), ' ମହାଯାତ୍ରା' (୧୮୯୨), ' ତୁଳସୀ ସବକ' (୧୮୯୪), 'ଯଯାତିକେଶରୀ' (୧୮୯୪), 'ଉର୍ବଶୀ' (୧୮୯୫), 'ଦରବାର (୧୮୯୬) ଇତ୍ୟାଦି କବିଙ୍କର ଏକ ଏକ ଅନନ୍ୟ ସୃଷ୍ଟି ଭାବେ କବିଙ୍କୁ ଦେଇଛି ପ୍ରସିଦ୍ଧି।

୧୮୯୨ ମସିହାରେ 'ମହାଯାତ୍ରା' ପଞ୍ଚମ ସର୍ଗର ପ୍ରଥମାଂଶ ପ୍ରଥମେ 'ଓଡ଼ିଆ ଓ ନବସମ୍ବାଦ' ସାପ୍ତାହିକ ପତ୍ର (୬/୧୬,୧୭।୨।୧୮୯୨)ରେ ପ୍ରକାଶିତ ହୋଇଥିଲା । ପରେ ପ୍ରଥମ ସର୍ଗଠାରୁ ସପ୍ତମ ସର୍ଗ ପର୍ଯ୍ୟନ୍ତ 'ଉତ୍କଳପ୍ରଭା'ର ଦ୍ୱିତୀୟ ବର୍ଷ ତୃତୀୟ ସଂଖ୍ୟା ( ଜୁନ୍ ୧୮୯୨)ଠାରୁ କ୍ରମାନ୍ୱୟରେ ପ୍ରକାଶିତ । ସମକାଳରେ ଏହା ସମ୍ବଲପୁର ହିତୈଷିଣୀ(୪/୩); ୧୮୮୯୩ ଠାରୁ)ରେ ପୁନଃମୁଦ୍ରିତ । ୧୮୯୬ ମସିହାରେ ଏହା ପୁସ୍ତକାକାରରେ କଟକର 'ରାୟ ପ୍ରେସ୍'ରୁ ମୁଦ୍ରିତ ହୋଇ କନିକାର ରାଣୀ କୃଷ୍ଣପ୍ରିୟା ପାଟମହାଦେଈଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା। ମହାଯାତ୍ରାର ପ୍ରଥମ ପାଞ୍ଚସର୍ଗ ନଗେନ୍ଦ୍ରବାଳା ସରସ୍ୱତୀଙ୍କ ଦ୍ୱାରା ବଙ୍ଗଳାରେ ଅନୂଦିତ ହୋଇ 'ପୂର୍ଣ୍ଣିମା' ପତ୍ରିକାର ବିବିଧ ସଂଖ୍ୟାରେ ପ୍ରକାଶିତ ହୋଇଥିଲା ।

'ମହାଯାତ୍ରା' ଅସଂପୂର୍ଣ୍ଣ ହେଲେହେଁ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥମ ମହାକାବ୍ୟ ରୂପରେ ଅନେକ ଆଲୋଚକଙ୍କ ଦ୍ୱାରା ଗୃହୀତ । ଏହି ମତାମତ କିନ୍ତୁ ସମସ୍ତ ଆଲୋଚକଙ୍କ ଦ୍ୱାରା ଗ୍ରହଣୀୟ ହୋଇନାହିଁ । ଅନେକ ଆଲୋଚକ 'ମହାଯାତ୍ରା'ର ବିଷୟ ନିର୍ବାଚନ, ଉପସ୍ଥାପନ, ପରିବେଷଣ ତଥା ପରିସମାପ୍ତି ଦୃଷ୍ଟିରୁ ବିଚାର କରି ଏହାକୁ ମହାକାବ୍ୟ ଭାବରେ ସ୍ୱୀକାର କରିବାପାଇଁ ଇଚ୍ଛୁକ ନୁହନ୍ତି । ଉତ୍କଳବି ମଧୁସୂଦନ ରାଓ, ଭୋଳାନାଥ ସାମନ୍ତରାୟ, ଜଗଦାନନ୍ଦ ମହାନ୍ତି, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ଡଃ ନଟବର ସାମନ୍ତରାୟ, ଡଃ ନରେନ୍ଦ୍ରନାଥ ମିଶ୍ର, ଡଃ ଦେବେନ୍ଦ୍ର ମହାନ୍ତି ତଥା ଡକ୍ଟର କ୍ଷେତ୍ରବାସୀ ନାୟକ ପ୍ରମୁଖ ଏହାକୁ ମହାକାବ୍ୟ ଭାବରେ ଗ୍ରହଣ କରି ନେଇଛନ୍ତି । ରାଧାନାଥ 'ମହାଯାତ୍ର'କୁ ୩୦ ସର୍ଗରେ ସମାପ୍ତ ହେବାର ପରିକଳ୍ପନା କରିଥିଲେ ଓ କେତେକ ଅଂଶକୁ ନଷ୍ଟ କରିଦିଆଯାଇଛି ବୋଲି ତାଙ୍କର ଜୀବନୀକାରମାନେ କହିଥାନ୍ତି । ଏହା ପୁସ୍ତକ ଆକାରରେ ମୁଦ୍ରିତ ହେବାବେଳେ ମାତ୍ର ସାତଟି ସର୍ଗ ଉପଲବ୍ଧ ଥିଲା

ଯାହାହିଁ ବର୍ତ୍ତମାନ ପର୍ଯନ୍ତ ରହି ଆସିଛି ।

ପାଣ୍ଡବ ଓ ଦ୍ରୌପଦୀଙ୍କର ମହାଯାତ୍ରା ପୂର୍ବରୁ ଭାରତ ପରିକ୍ରମାହିଁ ମହାଯାତ୍ରାର କଥାବସ୍ତୁ । ପ୍ରଥମ ସର୍ଗରେ ପଙ୍କଜବାସିନ, ଉତ୍କଳଭାରତୀ ଦେବୀ ସାରଳାଙ୍କୁ ବନ୍ଦନା କରି କାବ୍ୟ ଆରମ୍ଭ କରାଯାଇଛି । ଯଦୁବଂଶ ଧ୍ୱଂସ ଓ ଲୀଳାମୟ ଶ୍ରୀକୃଷ୍ଣଙ୍କର ଲୀଳାବସାନ ପରେ ପରୀକ୍ଷିତଙ୍କୁ ସିଂହାସନାରୂଢ଼ କରାଇ ବାହାରିପଡ଼ିଛନ୍ତି ଦ୍ରୌପଦୀ ସମେତ ପାଣ୍ଡବ ପଞ୍ଚଭ୍ରାତା । ସେମିତି ଏହାର ଶେଷ ସର୍ଗ ଅର୍ଥାତ୍ ସପ୍ତମ ସର୍ଗରେ ରାଧାନାଥ ନିଜର ବକ୍ତବ୍ୟକୁ ପ୍ରାୟତଃ ଶେଷ କରିଛନ୍ତି । କାରଣ ଅମର୍ଷୀଙ୍କ ଉଦାର ଉଦ୍‌ବୋଧନ ହିଁ ରାଧାନାଥଙ୍କର ମହାନ ଦେଶପ୍ରେମର ବାଣୀ । ଏହି ବାଣୀ ପରେ ଯୁଦ୍ଧ ଦେଖୁ ଦେଖୁ ଯୁଧିଷ୍ଠିରଙ୍କ ଚକ୍ଷୁ ସମ୍ମୁଖରୁ ସମସ୍ତ ଦିବ୍ୟ ଦୃଷ୍ଟି ଅନ୍ତର୍ହିତ ହୋଇଯାଇଛି। ଏହାପର ଐତିହାସିକ ଘଟଣାବଳୀକୁ ଜଣେ ପୌରାଣିକ ମହାନାୟକଙ୍କ ମାଧ୍ୟମରେ ଦେଖାଇବା ଯେପରି ଅସଂଗତ ସେହିପରି ଅଶୋଭନୀୟ ହୋଇଥାନ୍ତା ।

॥ ୨ ॥

ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଓଡ଼ିଶା ଅତୀତ ଗୌରବ ବହନ କରିଥିଲେ ହେଁ ତାର ଚତୁଃପାର୍ଶ୍ୱରେ ଅନ୍ୟାୟ, ଅନୀତିର ଅରାଜକତା, ଅଧର୍ମର ବିଭୀଷିକା, ଭାଷା ବିଲୋପ ପାଇଁ ହୀନ ଚକ୍ରାନ୍ତର ସଙ୍କଟ, ନ'ଅଙ୍କ ଦୁର୍ଭିକ୍ଷର କରାଳ ତାଣ୍ଡବର ପରିଣତି, ଯବନମାନଙ୍କ ଦରବାରୀ ଅତ୍ୟାଚାରପୂର୍ଣ୍ଣ ଶାସନ, ଶୋଷଣ ଘେରି ରହିଛି। ଏସବୁ ପ୍ରତିରୋଧ ପାଇଁ ବୀର ଓଡ଼ିଆଙ୍କ ମନରେ ପୂର୍ବ ସାହସ ଏବଂ ଉତ୍ସାହ ସତେ ଅବା କେଉଁଠି ହଜିଯାଇଛି । ସଦା ଦୁଃଖ ପ୍ରହାରରେ ଜର୍ଜରିତ କବି ରାଧାନାଥ ଦେଶ ଓ ଜାତିର ଦୁଃଖରେ ମ୍ରିୟମାଣ ହୋଇ ହୀନବୀର୍ଯ୍ୟ, ଅର୍ଥବ ହୋଇପଡ଼ୁଥିବା ଦେଶବାସୀଙ୍କ ହୃଦୟରେ ବୀରତ୍ୱର ଭାବସୃଷ୍ଟି କରିବା ନିମିତ୍ତ ତାଙ୍କର ଶ୍ରେଷ୍ଠ କୃତି 'ମହାଯାତ୍ରା' ସପ୍ତମ ସର୍ଗ ଅନ୍ତର୍ଗତ 'ଅମର୍ଷୀଙ୍କ ଉଦ୍‌ବୋଧନ' କାବ୍ୟାଶରେ ଅଗ୍ନିବର୍ଷୀ ପ୍ରେରଣା ସୃଷ୍ଟି କରିଛନ୍ତି ।

ଭାରତର ଇତିହାସ ପୃଷ୍ଠାରୁ ଜଣାଯାଏ ବିଦେଶୀ ଯବନମାନେ ଭାରତରେ ଶାସନ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟ ନେଇ ବିଭିନ୍ନ ସମୟରେ ପ୍ରୟାସ ଜାରିରଖିଥିଲେ। ଦ୍ୱାଦଶ ଶତାବ୍ଦୀବେଳକୁ ଚୌହାନ ବଂଶୀୟ ରାଜା ପୃଥ୍ୱୀରାଜ ଦିଲ୍ଲୀରେ ରାଜତ୍ୱ କରୁଥିଲେ। ଦିଲ୍ଲୀ ସିଂହାସନ ପ୍ରତି କନୌଜର ରାଜା ଜୟଚନ୍ଦ୍ର ଆଶାୟୀ ଥିବାରୁ ପୃଥ୍ୱୀରାଜଙ୍କର ଶତ୍ରୁଥିଲେ ସେ। ମାତ୍ର ଜୟଚନ୍ଦ୍ରଙ୍କ କନ୍ୟା ସଂଯୁକ୍ତା ରାଜା ପୃଥୁଙ୍କର ରୂପ ଗୁଣରେ ମୁଗ୍ଧ ହୋଇ ତାଙ୍କ ପ୍ରତିମୂର୍ତ୍ତିରେ ବରଣମାଳା ଅର୍ପଣ କରିବା ସଂଗେ ସଂଗେ ପୃଥୁ ସଂଯୁକ୍ତାଙ୍କୁ ନିଜ ରାଜ୍ୟକୁ ଘେନି ଯାଇଥିଲେ। ଏହି କାରଣରୁ ଜୟଚନ୍ଦ୍ର ଘୋର ରାଜ୍ୟର ରାଜା ମହମ୍ମଦ ଘୋରୀଙ୍କୁ ପୃଥ୍ୱୀରାଜଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ପ୍ରବର୍ତ୍ତାଇଥିଲେ। ତିରାୟଣ ନାମକ ସ୍ଥାନରେ ଅନୁଷ୍ଠିତ ପ୍ରଥମ ତିରୋରୀ ଯୁଦ୍ଧରେ ଯବନରାଜା ମହମ୍ମଦ ଘୋରୀକୁ ପରାସ୍ତ କରି ପୃଥ୍ୱୀ ରାଜ ଜୟଯୁକ୍ତ ହୋଇଥିଲେ। ଇତିହାସର ଏହି ଗୌରବମୟ ଅଧ୍ୟାୟକୁ ସ୍ମରଣ ପୂର୍ବକ କବିବର ରାଧାନାଥ ଭାରତ ତଥା ଓଡ଼ିଶାର ପରାଧୀନ ଜନସାଧାରଣଙ୍କ ପ୍ରାଣରେ ମାଟିମାଆ ଓ ମାତୃଭାଷାର ସୁରକ୍ଷା ପାଇଁ ନବଚେତନା ଭରିଦେବାର ଅଭିଳାଷ ପୋଷଣ କରିଛନ୍ତି 'ଅମର୍ଷୀଙ୍କ ଉଦ୍‌ବୋଧନ' କାବ୍ୟାଶରେ। ଅମର୍ଷୀ ଦିଲ୍ଲୀ ରାଜେଶ୍ୱର ପୃଥୁଙ୍କର ସେନାପତି, ସେ ଦେଶପ୍ରେମୀ, ଅମିତ ପରାକ୍ରମୀ ଅରିବିଜୟୀ ବୀର। କବି ମାଟି ମାଆର ଅପହୃତ ପୂର୍ବଗୌରବ, ସ୍ୱାଭିମାନ, ଐତିହ୍ୟକୁ ଫେରାଇ ଆଣିବା ପାଇଁ ଦିଲ୍ଲୀ ଦରବାରର ଇତିହାସ, ପୃଥୁ ପ୍ରେୟସୀ ଅଶ୍ୱାରୋହୀ ବୀରା ସଂଯୁକ୍ତାଙ୍କ ଯୋଦ୍ଧାପଣ, ବୀର ପୃଥ୍ୱୀରାଜଙ୍କ ଅପୂର୍ବ ରଣକୌଶଳ ତଥା ଯବନମାନଙ୍କ ଦୁରାଚାରୀ ହୀନ ଶାସନ ଇତ୍ୟାଦି ଉଲ୍ଲେଖ କରି ଜନସାଧାରଣଙ୍କୁ ଉଦ୍‌ବୋଧିତ କରିଛନ୍ତି। ଜନ୍ମମାଟିର ବୀରତ୍ୱ ବ୍ୟଞ୍ଜକ ଐତିହ୍ୟ ସ୍ମରଣ ପୂର୍ବକ ଅମର୍ଷୀଙ୍କ ମୁଖରେ କବିବର ସ୍ୱୟଂ ଉଦ୍‌ବୋଧନର ସ୍ୱର ତୋଳି କହିଛନ୍ତି : "ଏହି କି ସେ ଆର୍ଯ୍ୟଭୂମି? ଏ ଭୂମିର ସୁତ /ତୁମ୍ଭେତିକି ଆର୍ଯ୍ୟନାମ ଦାୟାଦ ଜଗତେ ? /ବିନାଯୁଦ୍ଧେ ନ ଦେବାର ସୂଚ୍ୟଗ୍ର ମେଦିନୀ /ପଣ ଯେଉଁ ଆର୍ଯ୍ୟଙ୍କର, ତାଙ୍କରି ଶୋଣିତ /ବହୁଛି କି, ଆହେ ଯୋଧେ, ତୁମ୍ଭେ ଧମନୀରେ ? /ଧିକ ! ଧିକ ! ଶତ ଧିକ ! ଧିକ ଏ ମନ୍ତ୍ରଣା ! /ଏହୀନ ମନ୍ତ୍ରଣା, ଭୀରୁ-ପାମର-ଉଚିତ, /ଉଚ୍ଚାରି ଯା କଲ ଶୁରେ ଅପବିତ୍ର ଆଜ /ନିଜ ମୁଖ, ଶ୍ରୋତାକଣ୍ଠ, ଆର୍ଯ୍ୟବଂଶଧରେ !"

ଅମର୍ଷୀ ଯୁଦ୍ଧ କ୍ଷେତ୍ରରୁ ପ୍ରାଣରଙ୍କ ହୋଇ ପଳାୟନ କରିବାକୁ ଇଚ୍ଛା କରୁଥିବା ସୈନ୍ୟମାନଙ୍କୁ ଧିକ୍‌କାର କରି ଓଜସ୍ୱିନୀ ଭାଷାରେ କହିଛନ୍ତି, ଯେଉଁ ଆର୍ଯ୍ୟମାଟିରେ ମହାଭାରତର ସ୍ୱାଭିମାନୀ ବୀର ଦୁର୍ଯ୍ୟୋଧନ ବିନାଯୁଦ୍ଧରେ ଛୁଞ୍ଚିମୁନ ଆକାରରେ ସୁଦ୍ଧା ମାଟି ପ୍ରଦାନ

କରିବେ ନାହିଁ ବୋଲି ପଣ କରିଥିଲେ; ସେହି ବୀରର ଶୋଣିତ ଏବେ ଆର୍ଯ୍ୟମାନଙ୍କ ଧମନୀରେ ପ୍ରବାହିତ ହେଉ ନାହିଁ କି ? ଅମର୍ଷୀଙ୍କ କଣ୍ଠରେ ଧିକ୍କାର ଭାବ ତୋଳି କବିବର ଚେତାଇ ଦେଇଛନ୍ତି ଯେ ଭୀରୁତା ପ୍ରଦର୍ଶନ କରି ଆର୍ଯ୍ୟବୀରଗଣ ନିଜମୁଖ, ଦେଶବାସୀଙ୍କ କର୍ଣ୍ଣ ଓ ଆର୍ଯ୍ୟବଂଶଧରଙ୍କ ବୀରତ୍ୱକୁ ଅପବିତ୍ର ଓ କଳଙ୍କିତ କରିଛନ୍ତି। ଆର୍ଯ୍ୟନାମ ଧାରଣ ପାଇଁ ଯୋଦ୍ଧାଗଣ ଏବେ ଅଭାଜନ ହୋଇପଡ଼ିଛନ୍ତି। ଯୁଦ୍ଧ କ୍ଷେତ୍ରରେ ଭୀରୁ ଭଳି ପଛଘୁଞ୍ଚା ଦେଇ ପଳାୟନ ଅପେକ୍ଷା ବୀରତ୍ୱ ପ୍ରଦର୍ଶନ କରି ମୃତ୍ୟୁବରଣ କରିବା ବରଂ ଶ୍ରେୟ। ଯୁଦ୍ଧସ୍ଥଳରୁ ପଳାୟନ କଲେ ମଧ୍ୟ ଏ ଭବରଙ୍ଗଭୂମିରେ କେହି ଚିରଦିନ ଜୀବିତ ରହେ ନାହିଁ । ଦିନେ ନାଁ ଦିନେ ମୃତ୍ୟୁକୁ ଆଲିଙ୍ଗନ କରିବାକୁ ହେବ । ତେଣୁ ପ୍ରାଣରଂକ ହୋଇ ଯୁଦ୍ଧଭୂମିରେ ଆଶୁ ମୃତ୍ୟୁର ସମ୍ମୁଖୀନ ନ ହୋଇ ଚିରକାଳର ସ୍ୱର୍ଣ୍ଣପ୍ରସୂ ନିଜ ମାଟିମାଆକୁ ଯବନ ହସ୍ତରେ ଅର୍ପଣ କରି ପଳାୟନପନ୍ଥୀ ହୋଇ କଳ୍ପଲତା ମୂଳରେ କ୍ଷୁଧାତୃଷାରେ ଜୀବନ ଯାପନ କରିବା ବୀରର କର୍ତ୍ତବ୍ୟ ନୁହେଁ । ଦିଗ୍‌ବିଜୟ ଆର୍ଯ୍ୟ-ସିଂହ ଔରସରେ ଜନ୍ମଲାଭ କରି ନିଜ ରକ୍ଷଣାବେକ୍ଷଣରେ ଅକ୍ଷମ ହେବା କେଡ଼େ ଅପମାନ ସୂଚକ ସତେ! ହିମଉର୍ଜସ୍ୱଳ–ଭୀମ-ହିମାଦ୍ରୀ ପ୍ରାଚୀରେ ଥିବା ଭାରତବର୍ଷକୁ କାପୁରୁଷଙ୍କ ହସ୍ତରେ ଟେକିଦେବା କେଡ଼େ ଲଜ୍ୟାଜନକ ! ସିଂହ ଗୁହାରେ ଶୃଗାଳ ପ୍ରବେଶ କରି ତାକୁ ଗୋଇଠା ମାରି ତା' ମୁହଁରୁ ଖାଦ୍ୟ ଛଡାଇନେବା ଘଟଣାକୁ ସିଂହ ମୌନହୋଇ ସହ୍ୟ କରିପାରେ କି କେବେ ? ଆର୍ଯ୍ୟବୀରଙ୍କ ଲଲାଟ ପଟଳରେ ଏହା ଲିଂଛନାର ଦାଗ ଆଙ୍କିଦେବ ସିନା। ପ୍ରଥମ ତିରୋରୀ ଯୁଦ୍ଧରେ ସିଂହ ସମ ବିକ୍ରମୀରାଜା ପୃଥୁଙ୍କ ଭୈରବ ଗର୍ଜନରେ ଭୟଭୀତ ହୋଇ ଶୃଗାଳ ତୁଲ୍ୟ ଯବନରାଜା ନିଜ ବିଳ ବା ଗାତରେ ଲୁଚି ରହିଥିଲା। ଦିଲ୍ଲୀପତି ପୃଥ୍ୱୀରାଜ ଏବେ ମଧ୍ୟ ଆର୍ଯ୍ୟବୀରମାନଙ୍କ ଅଗ୍ରଭାଗରେ ଢାଲ ସାଜି ଯୁଦ୍ଧକ୍ଷେତ୍ରରେ ଅବତୀର୍ଥ। ହସ୍ତରେ ତାଙ୍କର ଦୃଢରହିଛି ଶତ୍ରୁରକ୍ତ ପିପାସୁ ଖଡ଼ଗ। ପବନରେ ଉଡୁଚି ତାଙ୍କର ଧ୍ୱଜପଟ ବା ବୀର ପତାକା। ଯବନ କାନନ ପାଇଁ ମହାଦାବାନଳ ସ୍ୱରୂପ ଶତ୍ରୁ ଦମନକାରୀ ବୀର ରାଜା ପୃଥୁଙ୍କ ବାହୁଛାୟାତଳେ ରହି ସୁଦ୍ଧା ଯବନ ସଂଗେ ଯୁଝିବାକୁ ଡର କାହିଁକି ? ହେ ଆର୍ଯ୍ୟବୀର ! ପ୍ରାଣପତି ଏଡ଼େ ମାୟା ଯଦି, ତାହେଲେ ଯୁଦ୍ଧଭୂମି ତ୍ୟାଗ କରି କଳଙ୍କିତ ମୁଖରେ ତୁମ ରଙ୍କ ପ୍ରାଣକୁନେଇ ନାରୀ ବସ୍ତ୍ରାଞ୍ଚଳରେ ବାନ୍ଧିରଖ। ଆର୍ଯ୍ୟାବର୍ତ୍ତର ନରଦେହ ମାତ୍ର ନାରୀଗୁଣଧାରୀ ପ୍ରାଣରଙ୍କ ସେନାନୀକୁ ଅମର୍ଷୀ ତାଙ୍କ ଉଦ୍‌ବୋଧନରେ ଶେଷ ଅସ୍ତ୍ର ' ନାରୀ ଏ' ବୋଲି ଅବଜ୍ଞାସୂଚକ ସମ୍ବୋଧନ କରିଛନ୍ତି । ପୁନଶ୍ଚ ସେ କହିଛନ୍ତି ଅଇଁଠା ଗୋଇଠାଭୋଗୀ ଶ୍ୱାନ ଲାଙ୍ଗୁଡ଼ ଯାକି ପଳାୟନ କଲାପରି ଭୀରୁ ଆର୍ଯ୍ୟଯୋଦ୍ଧାଗଣ, ଯେଉଁମାନଙ୍କ ହାତରେ ଖଡ୍‌ଗ, ଶୂଳ ଇତ୍ୟାଦି ଅସ୍ତ୍ର ଭୂଷଣ ନ ହୋଇ ଭାର ବା ବୋଝ ପାଲଟିଛି, ସେମାନେ ନିଜର ପୈତୃକ ଅବନୀ ସଂପଦକୁ ଯବନର ଶୁତ୍ର ତଳେ ରଖି ଅବିଳମ୍ବେ ସ୍ୱଗୃହକୁ ବାହୁଡ଼ି ଯାନ୍ତୁ। କାରଣ – "ବିଳାସର କ୍ଷେତ୍ର ନୁହେଁ ସଂଗ୍ରାମ ଅଗଣା,/ ତପସ୍ୟାର କ୍ଷେତ୍ର ଏହୁ, ତପସ୍ୱିକାଂକ୍ଷିତ,/ ବିପଦର ଯଜ୍ଞ ବେଦୀ, ଜୀବନ ଆହୁତି / ଦିଅନ୍ତି ଆହ୍ଲାଦେ ଯହିଁ ଯଶୋଲିପସୁ ବୀରେ।"

ଯୁଦ୍ଧାଙ୍ଗନ କେବେ ହେଁ ବିଳାସର କ୍ଷେତ୍ର ନୁହେଁ, ଏହା ତପସାଧନାର କ୍ଷେତ୍ର । ବିପଦର ଯଜ୍ଞବେଦୀ। ଏହି ଯଜ୍ଞ ବେଦୀରେ ଯଶଲିପ୍‌ସୁ ବୀରମାନେ ଆନନ୍ଦରେ ଦେଶସୁରକ୍ଷା ପାଇଁ ଜୀବନକୁ ଆହୁତି ଦେଇଥାନ୍ତି। ଏହି ଯଜ୍ଞବେଦୀରେ କଷଟି ପଥରରେ କୃତ୍ରିମ ସୁବର୍ଣ୍ଣ ତୁଲ୍ୟ ହୀନବୀର୍ଯ୍ୟ, ଭୀରୁ ଯୋଦ୍ଧାଙ୍କର ପଦଚିହ୍ନ ପଡିବାର ବିଷୟ ବିଧି ବା ବିଧାତା କେବେ ହେଁ ଲେଖିନାହିଁ। ତେଣୁ ତେଣୁ ଆର୍ଯ୍ୟାବର୍ଷର ପୂଣ୍ୟ ତୀର୍ଥ ତଥା ଧର୍ମଯୁଦ୍ଧସ୍ଥଳୀକୁ ପ୍ରାଣରଙ୍କ ଯୋଦ୍ଧାଗଣ ନିଜ କାପୁରୁଷପଣରେ ଅପବିତ୍ର କରିଥାନ୍ତି କେବଳ। ଯୋଦ୍ଧାଙ୍କ ଏପରି ଆଚରଣ ବୀର ଆର୍ଯ୍ୟ ନାମରେ କଳଙ୍କ । କବିକଣ୍ଠରେ ତଥାପି ଦେଶ ଓ ଜାତିର ଉନ୍ନତିକଳ୍ପେ ଚେନାଏ ଆଶା ବସାବାନ୍ଧି ରହିଛି। ଅମର୍ଷୀଙ୍କ କଣ୍ଠରେ ଜ୍ୱାଳାମୟ ଉଦ୍‌ବୋଧନୀରେ ତାହା ସ୍ପନ୍ଦିତ।("ଆସ ହେ ସଂଗ୍ରାମ ସିଂହ ଅଜାମିଳ ବୀରେ !/ ଏ ମହାକଳଙ୍କ ଯାଇ ପ୍ରକ୍ଷାଳିବା ଖରେ/ ରଣକ୍ଷେତ୍ରେ, ରିପୁଲୋହେ ଅବା ନିଜଲୋହେ,/ ଆଣିବା ବିଜୟଲକ୍ଷ୍ମୀ, ନ ପାରିଲେ ତାହା,/ ବୀର ଶେଯେ ଆଶ୍ରିବା ତ ନିଜ ହାତ କଥା।")

ପବିତ୍ର ଜନ୍ମଭୂମିର ଯେତେଯାହା ହୀନତାର କଳଙ୍କ କାଳିମାକୁ ସଂଗ୍ରାମ କ୍ଷେତ୍ରରେ ଶତ୍ରୁ ଉପରେ ବିଜୟ ଲାଭକରି ତା'ରକ୍ତରେ ଅବା ବୀରତ୍ୱ ସହକାରେ ଲଢି ନିଜ ରକ୍ତରେ ତୁରନ୍ତ ଧୋଇଦେବା ଲାଗି ଅମର୍ଷୀ ବୀର ମାନଙ୍କୁ ଆହ୍ୱାନ କରିଛନ୍ତି। ବୀରର ଭୂଷଣ ଅସ୍ତ୍ରମାନ ବହୁଦିନରୁ ଶତ୍ରୁ ରକ୍ତର ସ୍ୱାଦଲାଭରୁ ବଞ୍ଚିତ ଅଛି । ତେଣୁ ଅମିତଶକ୍ତି ସହ ଏବେ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ଆର୍ଯ୍ୟବୀରମାନେ ଯବନ ଶତ୍ରୁ ଦେହର ରକ୍ତରେ ନିଜ ନିଜ ଖଡ଼ଗ, ଶୂଳ ଆଦି ଅସ୍ତ୍ରକୁ ଶାଣ କରି ରଣସ୍ଥଳରୁ

ବିଜୟଲକ୍ଷ୍ମୀଙ୍କୁ ବନ୍ଦନାପୂର୍ବକ ମହାଉଲ୍ଲାସରେ ଘେନି ଆସିବାର ସମୟ ଉପସ୍ଥିତ। ସର୍ବୋପରି ବୀରତ୍ୱ ସହକାରେ ଲଢି ମୃତ୍ୟୁ ବିଜୟୀ ହେବାର ପ୍ରତିବଦ୍ଧତା ନିଜଠାରେ ପୋଷଣ କରିବା ବୀରର ଆଦର୍ଶ ଓ କର୍ତ୍ତବ୍ୟ। ନଚେତ୍ ଆର୍ଯ୍ୟଯୋଦ୍ଧାଙ୍କ ଦୁର୍ଭାଗ୍ୟ ଯୋଗୁ ଯବନର ଜୟ ସମ୍ଭାବନା ରହିଛି। ପୃଥ୍ୱୀରାଜଙ୍କ ସେନାପତି ବୀର ଅମର୍ଷୀ ତାଙ୍କ ଉଦ୍‌ବୋଧନର ଶେଷ ପର୍ଯ୍ୟାୟରେ ବୀର-ଧର୍ମ ଆଚରି ରହିବାପାଇଁ ଆର୍ଯ୍ୟଯୋଦ୍ଧାଙ୍କ କଣ୍ଠ ଗହ୍ୱରରେ କର୍ତ୍ତବ୍ୟର ମନ୍ତ୍ର ଫୁଙ୍କିଛନ୍ତି । ("ଫଳୁ ଯା ଫଳିବ କର୍ମେ, ରହ ଧର୍ମଧରି,/ମନ୍ତ୍ରର ସାଧନ ଅବା ଶରୀରପାତନ' / ଆର୍ଯ୍ୟର ଯା ସାର ଧର୍ମ, ପାଳ ଆର୍ଯ୍ୟବୀରେ /ଆର୍ଯ୍ୟ କୁଳ ଧ୍ୱଜ ପୃଥୁରାଜଙ୍କ ଗହଣେ।")

କର୍ମରେ ଯାହା ଫଳ ଥାଉ ନାଁ କାହିଁକି ଧର୍ମ ଆଚରି ସ୍ୱଧର୍ମ ପାଳନ ପୂର୍ବକ ଆର୍ଯ୍ୟବୀରଗଣ ରାଜା ପୃଥୁଙ୍କ ସହିତ ରଣଭୂମିରେ ନିଜ ନିଜର କର୍ତ୍ତବ୍ୟ ସଂପାଦନ କରିବା ପାଇଁ ଅମର୍ଷୀଙ୍କ ମୁଖରେ କବିବର ରାଧାନାଥ ସ୍ୱଂୟ ପରାଧୀନତାରେ ପ୍ରପୀଡିତ ଦେଶବାସୀଙ୍କୁ କର୍ମପ୍ରେରଣା ପ୍ରଦାନ କରିଛନ୍ତି । ସମାଲୋଚକ ଦାଶରଥି ଦାସ ତାଙ୍କ ରଚିତ 'କାବ୍ୟସଂବାଦ' ଗ୍ରନ୍ଥରେ ଯଥାର୍ଥରେ ମତଦିଅନ୍ତି – "ଜାତୀୟ ମୁକ୍ତି ସଂଗ୍ରାମରେ ଭାରତୀୟମାନଙ୍କ ମୁଖ ଓ ଆଖିରେ ଉତ୍ସାହର ବିଭା ନଦେଖି ସେ ବିସ୍ମୟ ଓ ବିଷାଦରେ ଯଥେଷ୍ଟ କ୍ଷୁର୍ଣ୍ଣ ହୋଇଛନ୍ତି, ତେଣୁ ତାଙ୍କ ପ୍ରାଣର ସବୁ ଉଚ୍ଛାସ, ଆବେଗ ଉନ୍ମାଦନା ଅମର୍ଷୀବାଣୀରେ ଉଦ୍‌ବେଳ ହୋଇ ଉଠିଛି। ଅତୀତ ମୁକ୍ତି ସଂଗ୍ରମାର ଚିତ୍ର ମଧ୍ୟରେ ସେ ଶୂନ୍ୟଆସ୍‌ରେ ଭବିଷ୍ୟତ ମୁକ୍ତି ଯୁଦ୍ଧକୁ ଖୋଜିଛନ୍ତି।"କବି ରାଧାନାଥଙ୍କ କବିମନନ ଅଧୋଗତିରୁ ମୁଖ ଫେରାଇ ଦେଶ ଓ ଜାତିର ଉର୍ଦ୍ଧ୍ୱଗତି ଆଡ଼କୁ ଏକ ନୂତନ ସରଣୀ ପ୍ରସ୍ତୁତିର ପ୍ରୟାସ କରିଛନ୍ତି ।

ଏହି 'ଅମର୍ଷୀଙ୍କ ଉଦ୍‌ବୋଧନ' କାବ୍ୟାଂଶଟିରେ ଜାତୀୟଭାବାପନ୍ନ ଭାବଗମ୍ଭୀର ଧ୍ୱନି ସହ କବି ରାଧାନାଥ ଅମିତ୍ରାକ୍ଷର ଛନ୍ଦରୀତିର ସଫଳ ପ୍ରୟୋଗ କରିଛନ୍ତି। ବଙ୍ଗୀୟ କବି ମାଇକେଲ ମଧୁସୂଦନ ଦତ୍ତଙ୍କ ଅନୁସରଣରେ କବିବର ଆଧୁନିକ ଓଡିଆ କାବ୍ୟଧାରାକୁ ନୂତନ ରୂପେ ଅମିତ୍ରାକ୍ଷର ଛନ୍ଦରୀତି ପ୍ରଦାନ କରିଛନ୍ତି। ସମଗ୍ର 'ମହାଯାତ୍ରା' ଏହି ଛନ୍ଦରେ ରଚିତ। ଏଥିରେ କବିଙ୍କର ସ୍ୱକୀୟ ପ୍ରତିଭାର ମୌଳିକତା ପରିଦୃଷ୍ଟ।

ବାସ୍ତବରେ ' ମାହାଯାତ୍ରା' ଅସଂପୂର୍ଣ୍ଣ ହେଲେ ହେଁ ଏହାର ଆତ୍ମିକ ଓ ଆଙ୍ଗିକ ବିଭବରେ ପ୍ରତିଭାତ ନୂତନତ୍ୱ ଓ ମହତ୍ତ୍ୱ ଅନନ୍ୟ। ଏହାହିଁ ସପ୍ତମ ସର୍ଗ ଅନ୍ତର୍ଗତ ' ଅମର୍ଷୀଙ୍କ ଉଦ୍‌ବୋଧନ'ର ଉତ୍କର୍ଷ। ଜାତୀୟ ପ୍ରୀତିର ପବିତ୍ର ଧାରା ଯହିଁରେ ଚିରସ୍ରୋତା ନଈ ପରି ପ୍ରବାହିତ ହୋଇ ଦେଶ ଓ ଜାତିପ୍ରୀତିର ସୁଶୀତଳ ବବ୍ୟିକ ପ୍ରଣୋଚ୍ଛ୍ୱାସ ସଂଚାର କରିପାରିଛି । ଯଥାର୍ଥରେ କବିବରଙ୍କର ଏହା ଏକ କାଳଜୟୀ ସୃଷ୍ଟି । ଯହିଁରେ ଏ ଜାତି ସର୍ବଦା ନିଜ ଅତୀତ ଗୌରବାକୁ ହୃଦୟଙ୍ଗମ କରିବା ସହ ସର୍ବଦା ନିଜକୁ ସଚେତନ କରୁଥିବ । ଦେଶ ଓ ଜାତି ପ୍ରୀତିର ଦୀକ୍ଷା ନେଉଥିବ ।

ତଥ୍ୟଗତ ନିର୍ଭରଶୀଳତା : OSOU


ନୂ ଆ କ ଥା

ବନ୍ଧୁଗଣ ! ଆପଣ କବିତା ଶୁଣିବାକୁ ପସନ୍ଦ କରନ୍ତି କି ? ଯଦି ହଁ ତେବେ ଆଉ ବିଳମ୍ବ କାହିଁକି ଏବେ ହିଁ ପରିଦର୍ଶନ କରନ୍ତୁ 'ସୃଜନ ପାଗ' ୟୁଟ୍ୟୁବ ଚ୍ଚାନେଲ୍ ଏବଂ ମନ ଭରି ଶୁଣନ୍ତୁ ଓଡ଼ିଆ ସାହିତ୍ୟର ପ୍ରସିଦ୍ଧ କବିତା ମୋ କଣ୍ଠରେ ।

YouTube @srujanapaga

N I N A D A

# ନି ନା ଦ


ବାଗୀଶ

# କବିତାରେ ନୂଆକଥା କହୁଥିବା ଉଦୟମାନ କବି : ଧର୍ମରାଜ ମହାମଲ୍ଲିକ

ଆମ ସମୟର ଜଣେ ପ୍ରତିଭାବାନ ଯୁବ କବି ଭାବେ ସେ ମୋର ଶ୍ରଦ୍ଧେୟ । ଯେତେଥର ବି ମୁଁ ତାଙ୍କ କବିତା ପଢ଼ିଛି - ସବୁଥର ଭେଟିଛି ତାଙ୍କ କବିତାରେ କିଛି ନୂଆପଣ । ପ୍ରଚଳିତ ଧାରାଠୁ କିଛି ଅଲଗା କରି ଦେଖେଇଦେବାର ପ୍ରୟାସ । ଏ ଅନ୍ୱେଷା ହିଁ ତାଙ୍କୁ ଦେଇଛି ନୂଆ ପରିଚୟ । ଯଦିଓ ତାଙ୍କ ବୟସ କମ୍, କିନ୍ତୁ କାବ୍ୟ ପ୍ରକାଶ ଭଙ୍ଗୀରେ ସେ ଯଥେଷ୍ଟ ପରିପକ୍ୱ । ତାଙ୍କ କବିତା ଗାଢ଼ଣର ଶୈଳୀ, ଭାଷା ପ୍ରୟୋଗ ଆଉ କାବ୍ୟିକ ଆବେଦନ ପ୍ରତିଟି ସୂକ୍ଷ୍ମ ଦିଗ ପ୍ରତି ତାଙ୍କ ଯତ୍ନଶୀଳତା ତାଙ୍କ କବିତ୍ୱକୁ କରେ ମୃଣ୍ମୟ ।

ତେବେ ବନ୍ଧୁଗଣ 'ନିନାଦ' ଶୃଙ୍ଖଳାରେ ଆମେ ଆପଣମାନଙ୍କୁ ଭେଟି ଦେଉଛି ସେହି ଉଦୟମାନ୍ କବି ଧର୍ମରାଜ ମହାମଲ୍ଲିକଙ୍କ ଏକ ଚମତ୍କାର କବିତା । ଆଶା ଏ କବିତା ଆପଣ ସମସ୍ତଙ୍କୁ କାବ୍ୟିକ ପରିତୃପ୍ତି ପ୍ରଦାନ କରିବାରେ ସମର୍ଥ ହେବ ।

- ସଂପାଦକ



କ ବି ତା

# ଆସନ୍ନ ଅଜ୍ଞାତବାସ

● ଧର୍ମରାଜ ମହାମଲ୍ଲିକ



ହଜିଯିବ ମଦମତ୍ତ କୋଇଲିର କୁହୁତାନ
ଯେତେବେଳେ ପ୍ରଜାପତି ଗୁଡ଼ା କହିବେ -
ବସନ୍ତ ସବୁ ମିଥ୍ୟା !
ଅକାରଣେ ମଉଳିଯିବେ ବଉଳ ଫୁଲସବୁ
ଯେବେ ସ୍ୱପ୍ନ ଭଳି ଲାଗିବ ବସନ୍ତର ଚୁମା ।

ଚୈତ୍ରରେ ସୁରଭିଲେ ମୃଗୟାର କସ୍ତୁରୀ
ତମକୁ ଲାଗିବ ଅତୀନ୍ଦ୍ରୟମାନଙ୍କ ପ୍ରରୋଚନା
ଅଥବା,
ମରୀଚିକା ଓ ଆସକ୍ତିର ସନ୍ଧି !

ଗଣତନ୍ତ୍ରରେ ଭୋଗିଲେ ରାଜଦ୍ରୋହ
ତମକୁ କୁହାଯିବ,
କ୍ଷମାପ୍ରାର୍ଥନା ହିଁ ଶେଷତମ ଉପାୟ ପୃଥିବୀରେ
ହେ ରାଜନ !
ତମ ପାଇଁ ଇ ଏଇ ଚକ୍ରବ୍ୟୂହ !

ଡରିଗଲେ ପକ୍ଷୀମାନେ
ତାଙ୍କୁ ଆଶ୍ୱସ୍ତି ଦେବ,
ନୀଳ ନିଳାଦ୍ରୀରୁ ଶୁଭୁଥିବା ଯୋଗୀର କେନ୍ଦେରା ଗୀତ

ଯୋଗୀମାନେ ବଦଲାଇଲେ ବେଶ
ପ୍ରକଟ ହେବ ଆତ୍ମବିମୁଗ୍ଧତା !
ଇଡିଯିବ ବିବଶତାର ପଶାପାଳି
ଆଉ ଗୋଟେ ଅଜ୍ଞାତବାସର ଅପେକ୍ଷାରେ ।

କିଛି ସମୟ ପାଇଁ ଲାଗିବ
ତମର ପାଦ ତଳେ ଜାହାନମ୍
ଓ ଛାତିରେ ସ୍ୱର୍ଗ !

କହି ପାରିବ !
ଉଡାଣଖୋର ପକ୍ଷୀର କଟିଗଲେ ଡେଣା
ତା ପାଇଁ,
କ୍ଷତ ଭଲ ନା ମୃତ୍ୟୁ ?

ହେ ରାଜନ !
ତମକୁ ଫେରିଆସିବାକୁ ହେବ
ଆସନ୍ନ ଅଜ୍ଞାତବାସର ତାରକସିରୁ
ପୃଥିବୀର ଅନନ୍ତିମ ସତ୍ୟ ପାଇଁ !

...

ଇନ୍ଦିରା ଗାନ୍ଧୀ ଜାତୀୟ ଜନଜାତୀୟ ବିଶ୍ୱବିଦ୍ୟାଳୟ
ମଧ୍ୟ ପ୍ରଦେଶ
ମୋ - ୮୮୪୭୮୪୯୬୨୪

ସା । କ୍ଷା । ତ କା । ର

# ବାଗୀଶ ବରେଣ୍ୟ

ପ୍ରତିଶ୍ରୁତି ସ୍ୱରୂପ ବାଗୀଶର ଚଳିତ ସଂଖ୍ୟାର '**ବାଗୀଶ ବରେଣ୍ୟ**'ରେ ଆମେ ଆପଣମାନଙ୍କୁ ଭେଟି ଦେଉଛୁ ବିଶିଷ୍ଟ ସମାଲୋଚକ ଓ ସଂପାଦକ **ଡ. ଗୌରାଙ୍ଗ ଚରଣ ଦାଶ**ଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର।

ଗୌରାଙ୍ଗ ଚରଣ ଦାଶ (୧୯୫୬) : ଜନ୍ମ: କେନ୍ଦ୍ରାପଡ଼ା ଜିଲ୍ଲାର ଚାନ୍ଦପଲା । ବାପା: ସଦାନନ୍ଦ, ବୋଉ: ନିଶା । ବୃତ୍ତି : ଶିକ୍ଷକତା। କଳାର ବିଭିନ୍ନ କ୍ଷେତ୍ରରେ ତାଙ୍କ ଅନ୍ତରଂଗ ପ୍ରବେଶ ରହିଛି। ସାହିତ୍ୟର ନାନା ପ୍ରରୂପ କଥା, କବିତା, ସମାଲୋଚନା, ପ୍ରବନ୍ଧ, ଅନୁବାଦ ଓ ସଂପାଦନା ଏବଂ ପ୍ରଦର୍ଶନଧର୍ମୀ କଳା, ବିଶେଷତଃ ଛାୟା କଣ୍ଢେଇ ନାଟ ପରିବେଷଣ କ୍ଷେତ୍ରରେ ତାଙ୍କ ସାଧନା ସ୍ୱୀକୃତ । ତାଙ୍କ କୃତିଗୁଡ଼ିକର ରୂପ: 'ମୁଁ ଜମା ମରିବିନି', 'ନିର୍ମୋକ', 'ଷଷ୍ଠ ସତୀ ଓ ଅନ୍ୟମାନେ', 'ଘର' ଗପ; 'ଗୌତମର ଡାଇରି', 'କିଶୋପନିଷଦ', 'ଭବିଷ୍ୟ ଭାରତ' ଉପନ୍ୟାସ; ଧନୁଯାତ୍ରା ଓ ଅନ୍ୟାନ୍ୟ ପ୍ରବନ୍ଧ (ସାବିତ୍ରୀ ଦାଶଙ୍କ ସହ), 'ଚରିତ ଓ ଚରିତ୍ର', 'ଲୋକନାଟ୍ୟ ପରଂପରା ଓ କଣ୍ଢେଇ ନାଟ', 'ସଂସ୍କୃତି, ଜଗତୀକରଣ ଓ ମଞ୍ଚ ରାଜନୀତି' (ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ), 'ବିତର୍କ ଓ ବ୍ୟାଖ୍ୟାନ' (ଶିବରାମ ସ୍ମୃତି ପୁରସ୍କାର) ଗବେଷଣାତ୍ମକ ଆଲୋଚନା; 'ସାହିତ୍ୟ ଭୂମି', 'ଆତ୍ମ କଥନିକା', 'ଓଡ଼ିଶାର ଥିଏଟର', 'ପୂର୍ବଭାରତୀୟ ରୀତି ସାହିତ୍ୟ: ଏକ ତୁଳନାତ୍ମକ ଅଧ୍ୟୟନ, 'ଚିତ୍ତାୟନ', 'ଆର୍ତ୍ତବଲ୍ଲଭ ରଚନା ସମଗ୍ର', 'ସହୃଦୟ ସଂହିତା'; 'ଉଷା ଅଭିଳାଷ' ଓ 'ଚିତ୍ର ଚଉତିଶା' (ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ଓ ଡକ୍ଟର ଭାଗ୍ୟଲିପି ମଲ୍ଲଙ୍କ ସହ), 'ପ୍ରହରାଜ ଗ୍ରନ୍ଥାବଳୀ' (ଚାରିଭାଗରେ ସଂଯୋଜିତ), କୁନ୍ତଳାକୁମାରୀ ଗ୍ରନ୍ଥାବଳୀ (ଗଦ୍ୟ ରଚନା), ଲକ୍ଷ୍ମୀପୂରଣ( ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ଓ ଡକ୍ଟର ଭାଗ୍ୟଲିପି ମଲ୍ଲଙ୍କ ସହ), ଗଡ଼ନାୟକ ଗ୍ରନ୍ଥାବଳୀ (କବିତା ଓ ଗଦ୍ୟ ଖଣ୍ଡ), ସଂପାଦନା ଏବଂ ପୁରୁଣା ଚଟିଘର (ଡିକେନ୍ସନ୍ଙ୍କ ଦି ଓଲଡ୍ କିଉରିଓସିଟି ସପ) ଅନୁବାଦ । କବିତା ଓ ପ୍ରବନ୍ଧଗୁଡ଼ିକ ଅସଂକଳିତ ।



ସୌଜନ୍ୟ : ସମ୍ବାଦ ସାହିତ୍ୟକୋଷ

**୧) ବିଭିନ୍ନ ଆଲୋଚକ ନିଜ ନିଜ ଦୃଷ୍ଟିକୋଣରୁ ସମାଲୋଚନା ବା ଆଲୋଚନାର ସଜ୍ଞା ନିରୂପଣ କରିଯାଇଛନ୍ତି । ଆଲୋଚନା ବା ସମାଲୋଚନା କହିଲେ ଆପଣ କ'ଣ ବୁଝନ୍ତି ?**

ଉତ୍ତର : ସମାଲୋଚନାରେ - ସମ ଉପସର୍ଗ - ଲୁକ୍ (ଧାତୁ) ଦେଖିବା । ଯହିଁରେ ସମ୍ୟକ କହିଲେ ବିଶଦ ଭାବରେ ଦେଖିବା । ବିଷଦ ଅର୍ଥ ନିର୍ମଳ, ପରିଚ୍ଛନ୍ନ । ତେଣୁ ଆମର ଦୃଷ୍ଟିକୋଣଟି ଯଥା ସମ୍ଭବ ଯାହାକୁ ଆମେ ଦେଖୁଛୁ ଅବଲୋକନ କରୁଛୁ ସେଇଟା ସ୍ୱଷ୍ଟ, ତଥ୍ୟପୁଷ୍ଟ, ତଥ୍ୟନିଷ୍ଠ ଓ ମୋହମୁକ୍ତ ହୋଇଥିବ । ଏହାର କାରଣ ହେଉଛି ଯାହା ଆମେ ଦେଖୁ, ପ୍ରକୃତରେ ଆମେ କିଛି ଦେଖିପାରୁନା । ଯେମିତି ତମେ ମୋତେ ଏବେ ଦେଖିପାରୁନ, ଏୟା ହୋଇଥିବ ବୋଲି ଅନୁମାନ କରୁଛ । ସେମିତି ଆମେ ଯାହା ଦେଖୁ ତାକୁ ସତ୍ୟ ବୋଲି ମାନିନେଉ । ସେଇଟା ସମାଲୋଚନାର ସମ୍ୟକ ଦୃଷ୍ଟି ନୁହଁ । ମୁଁ ଯାହା ଦେଖିଲି ତାହା ସତ ନୁହେଁ କିମ୍ବା ମୁଁ ଯାହା ଶୁଣିଲି ତାହା ମଧ ସତ ନୁହେଁ । ତେଣୁ ଏଇ ଦେଖିବା, ଶୁଣିବା, କହିବା ଆଦିରୁ ସତ୍ୟର ଆବିଷ୍କାର ହେଉଛି ସମାଲୋଚନା । ତେଣୁ ବିଷଦ କହିଲେ ମନର ପରିଚ୍ଛନ୍ନତା, ସ୍ପଷ୍ଟତା ଏବଂ ଅନ୍ୟ ପାଖରେ ସହୃଦୟତାବୋଧ । ଯେତେବେଳେ ମୁଁ କିଛି କହୁଛି ବା ଅନ୍ୟଜଣକ କଥା ଶୁଣୁଛି ତାହା ସଂପୂର୍ଣ୍ଣ ସତ ନୁହେଁ । ଏବଂ ସବୁବେଳେ ସତ କହିବା ବି ସମ୍ଭବ ନୁହେଁ। ସେମିତି ଯାହାକୁ ମୁଁ ଭୁଲ ବୋଲି କହୁଛି ତାହା ଭୁଲ ବି ନୁହେଁ । ଯଦି ଜଣେ ଲୋକ ଆଉ ଜଣକୁ ବାଡେଇଲା । ମୁଁ ଦେଖିଲି ତାକୁ ସେ ବାଡେଇଲା । ଠିକ୍ ଅଛି ବାଡେଇଲା। ବାଡେଇଲାର କାରଣ କହିଲେ, ମୁଁ ଏଇଥି ପାଇଁ ବାଡେଇଲି । କାରଣ ବି କହିଲା । କିନ୍ତୁ ସେଇଟା ତାର ପ୍ରକୃତ କାରଣ ନୁହେଁ । ତାର ବହୁ କାରଣ ରହିଛି । ତେଣୁ ବହୁ ଭିତରୁ କେଉଁଟାକୁ ମୁଁ ସତ୍ୟ ବୋଲି କହିବି । ସେମିତି ଆମେ ସମାଲୋଚନା ବିଷୟରେ ଯାହା ଦେଖୁ ବା ଯେଉଁ ସମ୍ୟକ ଦୃଷ୍ଟି ବୋଲି କହୁ ତାହା ଯଥାସମ୍ଭବ ସତ୍ୟର ନିକଟବର୍ତ୍ତୀ ହୋଇଥିବା ଦରକାର । ତେଣୁ ସମାଲୋଚନା ହେଉଛି ଯାହା ଆମେ ଦେଖୁଛୁ ସେଇ ଦୃଷ୍ଟିଭଙ୍ଗୀଟିକୁ ସ୍ୱଷ୍ଟ ଓ ପରିଚ୍ଛନ୍ନ ଭାବରେ କହିବା । ଟିକେ ସହଜ ଭାଷାରେ କହିଲେ, ଜଣେ ବ୍ୟକ୍ତି ଗୋଟିଏ ବିଷୟକୁ ଯେମିତି ଦେଖିଲା ସେମିତି କହିଲା। ତାହା ହେଉଛି ସମାଲୋଚନା। ଯାହା ସେ ବୁଝିଲା ନିଜ ଭାଷାରେ କହିଲା । ଯାହା ହୁଏତ ତା ପାଇଁ ଅନ୍ତିମ ହୋଇପାରେ । କିନ୍ତୁ ତାହା ସତ୍ୟ ନୁହେଁ। ଅତଏବ ସମାଲୋଚନା କହିଲେ, ଯାହା କୁହାଯାଉଛି ତାହା ତଥ୍ୟନିଷ୍ଠ ହୋଇଥିବା ଦରକାର, ତଥ୍ୟର ବିଶ୍ଳେଷଣ ହୋଇଥିବା ଦରକାର ଏବଂ ଯଥାସମ୍ଭବ ପରିଚ୍ଛନ୍ନ ମଧ ହୋଇଥିବା ଦରକାର ।

**୨) ଆପଣଙ୍କ ଜୀବନ ବିବିଧବର୍ଣ୍ଣା । ଜଣେ ଅଧ୍ୟାପକ, ଗାଳ୍ପିକ, ସମାଲୋଚକ, ଲୋକ ସାହିତ୍ୟ ଚର୍ଚ୍ଚାକାର ପୁଣି ଅନେକ ପ୍ରାଚୀନ ପୋଥିର ସଂପାଦକ । ଏହି ସବୁ ଭିତରୁ ଆପଣ କେଉଁଟିକୁ ବେଶୀ ପସନ୍ଦ କରନ୍ତି ବା କରିଛନ୍ତି ଜୀବନରେ ? ଯଦିଓ, ଆପଣ ପ୍ରତିଟି କ୍ଷେତ୍ରରେ ଧୂରିଣ !**

ଉତ୍ତର : ମୋ ଜୀବନରେ ଭଲ ଖରାପ ବୋଲି କିଛି ନାହିଁ। ଯାହା ମୋତେ ଭଲ ଲାଗେ ମୁଁ ତାହା କରେ । ଗପ ଲେଖିଲି ଗପ ଲେଖିବାକୁ ଭଲଲାଗେ, ଗୀତ ଲେଖିଲି ଗୀତ ସଂଯୋଜନା କରିବାକୁ ଭଲଲାଗେ । ସମ୍ପାଦନା କରିବାକୁ ଭଲ ଲାଗେ ସଂପାଦନା କରୁଛି । ଗ୍ରନ୍ଥାଗାରରେ ବସି ପଢିବାକୁ ଭଲ ଲାଗେ, ପଢୁଛି । ତେଣୁ ଗୋଟିଏ ସହିତ ଅନ୍ୟଟିର ସମ୍ପର୍କ ଅଛି । ଯିଏ ସଂପାଦନା କରିପାରୁଛି ସିଏ ଭଲ ପ୍ରାବନ୍ଧିକ, ଭଲ କଥାକାର ହୋଇପାରିବ, ଭଲ କବି ହୋଇପାରିବ, ଭଲ ଜୀବନୀକାର ବି ହୋଇପାରିବ। ତେଣୁ କୌଣସି ନିର୍ଦ୍ଦିଷ୍ଟ ଖୋପ ଭିତରେ ବଞ୍ଚିବା ମୋର ଆଉ ହେଲାନି । ମୋତେ ଯାହା ଭଲ ଲାଗେ ମୁଁ କରେ। ଯାହା ଭଲ ନ ଲାଗିବ ମୁଁ କରିବିନି । ଆଉ ବହୁତ କିଛି କରିବାକୁ ଚାହୁଁଛି କରିପାରୁନି । ତେଣୁ ମୋର କଥା ହେଉଛି ମୁଁ ଗୋଟେ ଗପ ଲେଖିବାରେ ହେଉ; ଯେମିତି ମୋ ଜୀବନ କାଳରେ ମୁଁ ବିଶେଷ କରି ଗପ ଲେଖିଛି। ଯେଉଁଥିରୁ ମୁଁ ପ୍ରଥମେ ଆରମ୍ଭ କରିଥିଲି । ତେଣୁ ଏଇ ଯେଉଁ ସର୍ଜନଶୀଳ-ସୃଷ୍ଟିକାରି ପ୍ରବଣତାଗୁଡାକ ରହିଛି ସେଇଟା ଅଦ୍ୟପି ମୋତେ ସାହାଯ୍ୟ କରେ । ତେଣୁ ଗୋଟେ ମୁକ୍ତ ହୃଦୟ ନ ରହିଲେ ତମେ କିଛି କରିପାରିବନି। ତେଣୁ ଯେକୌଣସି କାମ ଯାହା ମୋତେ ଭଲ ଲାଗେ ମୁଁ କରେ।

**୩) ଆପଣ ନିଜ ଜୀବନର ଦୀର୍ଘ ସମୟ ସମାଲୋଚନା ଓ ସଂପାଦନାରେ ବ୍ୟତୀତ କରିଛନ୍ତି । ଏ ଦୀର୍ଘ ଯାତ୍ରାପଥର ଅଭିଜ୍ଞତା ଭିତରେ ସମାଲୋଚନା ଓ ସଂପାଦନା**

**ମଧ୍ୟରେ ଆପଣ କ'ଣ ପାର୍ଥକ୍ୟ ଅନୁଭବ କରନ୍ତି ?**

ଉତ୍ତର : ଉଭୟ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ସଂପାଦନା ହେଉଛି ଟେକ୍ସଟଚୁଆଲ କ୍ରିଟିସିଜିମ୍ । ଉଭୟର ମୂଳ ବିଷୟ ହେଉଛି ଗ୍ରନ୍ଥପାଠ । ଆମର ଅସୁବିଧା ହେଉଛି ଆମେ ବହି ପଢୁନା । ମୂଳ ଗ୍ରନ୍ଥକୁ ପଢୁନା । ଯିଏ ସମାଲୋଚନା କରୁଛି ଯଦି ଗ୍ରନ୍ଥକୁ ଭଲ ଭାବରେ ନ ପଢିବ ସେ କେବେବି ଜଣେ ଭଲ ଆଲୋଚକ ହୋଇପାରିବନି। ତେଣୁ ମୂଳ ବିଷୟ ହେଉଛି ଗୋଟେ ବିଷୟକୁ ବା ଗ୍ରନ୍ଥକୁ କେତେ ମାତ୍ରାରେ ପଢୁଛ, କେତେ ମାତ୍ରାରେ ବୁଝିପାରୁଛ। ସେଇଥିରୁ ତୁମର ଦୃଷ୍ଟିଭଙ୍ଗୀର ପରିପ୍ରକାଶ। ଆମକୁ ମନେ ରଖିବାକୁ ହେବ ଯେ, ଗୋଟିଏ ବିଷୟ ବା ଗ୍ରନ୍ଥ କେବଳ ଗୋଟିଏ ବିଦ୍ୟା ନୁହଁ, ଅନେକର ସମାହାର ।

**୪) ବର୍ତ୍ତମାନ ସମୟରେ ସମାଲୋଚନା ସାହିତ୍ୟର ସ୍ଥିତି ଯାହା ଆପଣ ମର୍ମେମର୍ମେ ଅନୁଭବ କରୁଥିବେ । ଦୀର୍ଘ ବର୍ଷର ଅଧ୍ୟାପନା, ସଂପାଦନା ସହ ଅନେକ ଛାତ୍ରଛାତ୍ରୀଙ୍କ ଗବେଷଣା କର୍ମରେ ଆପଣ ମାର୍ଗଦର୍ଶକର ଭୂମିକା ମଧ୍ୟ ନିର୍ବାହ କରିଛନ୍ତି । ତେବେ ଏ ଦୀର୍ଘ ଅଭିଜ୍ଞତା ଭିତରେ ବିଗତ ଦଶବର୍ଷର ସମାଲୋଚନା ସାହିତ୍ୟର ସ୍ଥିତି ଆଉ ବର୍ତ୍ତମାନର ସ୍ଥିତିରେ ଆପଣ କ'ଣ ପାର୍ଥକ୍ୟ ଦେଖୁଛନ୍ତି ?**


ଉତ୍ତର : ବର୍ତ୍ତମାନ ସମୟରେ କାହିଁ ସମାଲୋଚନା ! କିଏ କୋଉଠି ଲେଖୁଛନ୍ତି ! ବର୍ତ୍ତମାନ ସମାଲୋଚନା ଲେଖା ହେଉନି କହିଲେ ଭୁଲ ହେବ ନାହିଁ ! ନା ଗପ ଲେଖା ହେଉଛି, ନା କବିତା ଲେଖା ହେଉଛି, ନା ଉପନ୍ୟାସ ଲେଖା ହେଉଛି । ଆମେ ସମସ୍ତେ କେବଳ ବୃଥାରେ ଦୌଡ଼ି ଚାଲିଛେ । ଅବଶ୍ୟ ଏହା ନିର୍ଭର କରେ ବ୍ୟକ୍ତି ଉପରେ। ଯେମିତି ମୋତେ ଭୀମ ଭୋଇଙ୍କ ଉପରେ ଲେଖିବାକୁ ଲାଗିଗଲା ଚାଳିଶ ବର୍ଷ । କିନ୍ତୁ ଏହା ପରେ ବି ଲାଗୁଛି ନା ଅନେକ କିଛି ବାକି ରହିଯାଇଛି । ଆହୁରି ଅନେକ କିଛି ଲେଖିବାର ଅଛି। ଚାଳିଶ ବର୍ଷ ପଢି ସାରିବା ପରେ ତାଙ୍କୁ ଜାଣିସାରିବା ପରେ ଏବେ ବି ମୋତେ ଲାଗୁଛି ଯେ ମୁଁ ତାଙ୍କୁ ବୁଝି ପରିନି କି ଲେଖିପାରିବିନି । ତେଣୁ ଏଇଥିରୁ ଅନୁମାନ କରିନେବା ଉଚିତ ଯେ ଆମେ କେଉଁ ସ୍ତରରେ ଅଛୁ । ଅତୀତରେ ଯାହା ଥିଲା ବର୍ତ୍ତମାନ ସେୟା ଚାଲିଛି। କିଛି ବଦଳିନି । ସେତେବେଳେ କିଛି ଲୋକ ନିଷ୍ଠାର ସହ କାମ କରୁଥିଲେ । ଆଜି ବି କିଛି ଲୋକ ନିଷ୍ଠାର ସହ କାମ କରୁଛନ୍ତି । ତେଣୁ ୟା ଭିତରେ କିଛି ଭିନ୍ନତା ପ୍ରାୟ ନାହିଁ । ସବୁ ସମୟରେ କିଛି ଲୋକ ସତ୍ୟନିଷ୍ଠ ଭାବେ କାମ କରନ୍ତି । ଆଉ କିଛି ଲୋକ ପଲ୍ଲବଗ୍ରାହୀ । ଯାହା ଦେଖିଲେ ସଙ୍ଗେ ସଙ୍ଗେ ଲେଖି ଦିଅନ୍ତି । ତେଣୁ ଭିତରକୁ ଯିବାକୁ ହେଲେ ବହୁ ଶ୍ରମ ସ୍ୱୀକାର କରିବାକୁ ହେବ ।

**୫) ଆଗାମୀ ପିଢ଼ିଙ୍କୁ ଆପଣ କ'ଣ କହିବେ ?**

ଉତ୍ତର : ମୁଁ ପ୍ରଥମରୁ କହିଛି, ଯେକୌଣସି ବିଷୟ ଉପରେ କାମ କର ନା କାହିଁକି ପ୍ରଥମେ କାମ ପ୍ରତି ଶ୍ରଦ୍ଧା ରହିବା ଆବଶ୍ୟକ । ଏହା ସହ ଗଭୀର ଅଧ୍ୟୟନ ଅବଶ୍ୟକ । ବିଷୟର ଗଭୀରତା ନିକଟରେ ପହଞ୍ଚିବାକୁ ହେବ । ଏବଂ, ଭିତରକୁ ଯିବାକୁ ହେଲେ ବହୁ ଶ୍ରମ ସ୍ୱୀକାର କରିବାକୁ ହେବ । ଯେମିତି ଜଣେ ଭଲ କଳାକାର ହେବାପାଇଁ ସବୁଦିନ ସାଧନାର ଆବଶ୍ୟକତା ରହିଛି, ସେମିତି ଜଣେ ଭଲ କବି, ଗାଳ୍ପିକ, ଔପନ୍ୟାସିକ ବା ଆଲୋଚକ ହେବା ପାଇଁ ମଧ୍ୟ ଅନୁରୂପ ସାଧନା ଅବଶ୍ୟକ । ମୋର ମନେପଡୁଛି, ଦାଶରଥି ସାର୍ ଙ୍କର ଉଦ୍ଦେଶ୍ୟ ଥିଲା ସେ ଭାଗବତ ଉପରେ କାମ କରିବେ । ସେ ଯେତେବେଳେ ପ୍ରଥମେ ଅଧ୍ୟାପନା ଜୀବନ ଆରମ୍ଭ କଲେ ସେବେଠୁ ଭାଗବତ ଉପରେ କାମ ଆରମ୍ଭ କରିଥିଲେ । କିନ୍ତୁ ବର୍ତ୍ତମାନ ତାଙ୍କ ବୟସ ହେଲା ୮୮ ବର୍ଷ । ତଥାପି ଏବେ ସୁଦ୍ଧା ସେ ଯେତେବେଳେ ମୋ ସହ ତାଙ୍କର ଦେଖା ହୁଏ, ସେ କୁହନ୍ତି- ମୁଁ ଆଉ ପାରୁନି । ତେଣୁ ୨୩ ବର୍ଷରେ କାମ ଆରମ୍ଭ କରିଥିବା ଜଣେ ବ୍ୟକ୍ତି ଆଜି ୮୮ ବର୍ଷରେ ପହଞ୍ଚିଲେ ତଥାପି ସେ କହୁଛନ୍ତି ଯେ ମୁଁ ଭାଗବତ ବୁଝି ପାରୁନି କିମ୍ବା ଏହା ଉପରେ କାମ କରିପାରୁନି । ତେବେ ଏଇଠୁ ଅନୁମାନ କରାଯାଇପାରେ ଯେ ଜଣେ ଗବେଷକର ନିଷ୍ଠା ଓ ତାର ଯାତ୍ରାର ବ୍ୟପ୍ତି କେତେ ! ତେଣୁ ଆମେ ସମସ୍ତେ ଯଦି ଗୋଟେ ବିଷୟ ବା ଟେକ୍ସଟ୍ ର ଗଭୀରତାକୁ ଅନୁଭବ ନ କରିବା ଆମ ଆଲୋଚନା ସଫଳ ହୋଇନପାରେ । ଯେତେବେଳେ ଆମେ କୌଣସି ବିଷୟରେ ଲେଖୁଛେ, ସେହି ବିଷୟର ଗଭୀରତା, ପରିବେଶ, ପରିସ୍ଥିତି ସହ ଲେଖୁଥିବା ବ୍ୟକ୍ତିର ମାନସିକ ଚିନ୍ତା ଓ ଚେତନାକୁ ଯଦି ଆମେ ନ ବୁଝିବା ତାହା କେବେ ମଧ୍ୟ ଯୁକ୍ତିଶୀଳ ହେବ ନାହିଁ । ତେଣୁ ପ୍ରଥମେ ଆମକୁ ଜଣେ ଭଲ ଗବେଷକ ହେବାକୁ ପଡ଼ିବ। କାହିଁକି ନା କେବଳ ଜଣେ ଭଲ ଗବେଷକ ହେଲେ ହେଁ ଜଣେ ଭଲ କବି ବା ଗାଳ୍ପିକ କିମ୍ବା ଭଲ ଲେଖକ ହୋଇପାରିବ ।

ମୁଁ ଏକଥା କହିବାର ଉଦ୍ଦେଶ୍ୟ ଏୟା ନୁହେଁ ଯେ, ମୁଁ ସ୍ୱୟଂସମ୍ପୂର୍ଣ୍ଣ। ମୁଁ ଚାହୁଁଛି, ମୋର ଏଇ ବୟସରେ ମଧ୍ୟ ମୁଁ କିଛି ବୁଝିନି ମୋତେ ଆହୁରି ଆଗକୁ ଯିବାକୁ ହେବ । ତେଣୁ ମୁଁ ଚାଲିବି। ମରିବା ପର୍ଯ୍ୟନ୍ତ ଚାଲୁଥିବି । କାହିଁକି ନା ଜଣେ ଗବେଷକ ବା ଆଲୋଚକର ଧର୍ମ ହେଉଛି ଗତିଶୀଳତା । ଯେତିକି ଜ୍ଞାନ ଆହରଣ କରିବ ତୁମ ଅବବୋଧର ଦିଗବଳୟଟି ସେତିକି ସ୍ପଷ୍ଟ ହୋଇଯିବ । କିନ୍ତୁ ଆମ ଦୁର୍ଭାଗ୍ୟ ଆମେ ଏହା କରୁନାହୁଁ ।

.ଉପସ୍ଥାପକ : ବିକେଶ ସାହୁ, ସଂପାଦକ, ବାଗୀଶ




# ପାହୁନଥିବା ରାତି

(କବିତା ସଂକଳନ )

କବି : ସନ୍ତୋଷ ଭୋଇ

ପ୍ରକାଶକ : ନିଭା ପ୍ରକାଶନ

ପ୍ରଥମ ପ୍ରକାଶ : ୨୦୨୨

ପୃଷ୍ଠା - ୯୬, ମୂଲ୍ୟ - ୧୩୦ ଟଙ୍କା

ଏକବିଂଶ ଶତାବ୍ଦୀର ଜଣେ ଅନୁଭବୀ କବି ହେଉଛନ୍ତି ସନ୍ତୋଷ ଭୋଇ। ଅନୁଭୂତିକୁ ସାଉଁଟି କବିତାର ରୂପ ଦେବାରେ କବିଙ୍କ ଲେଖନୀ ତତ୍ପର। ଜୀବନ ଯନ୍ତ୍ରଣାର ବାସ୍ତବତାରୁ ଆରମ୍ଭ କରି କଳ୍ପନାର ସୁରମ୍ୟ ମହଲ ପର୍ଯ୍ୟନ୍ତ ତାଙ୍କର ଗତି। ବିଭିନ୍ନ ସାମାଜିକ ସମସ୍ୟାକୁ ସରଳ ଭାବରେ ଉପସ୍ଥାପନା କରନ୍ତି ତାଙ୍କ କବିତାରେ। ଏ ଅବଶରରେ କବିଙ୍କ ପ୍ରଥମ କବିତା ପୁସ୍ତକ 'ପାହୁନଥିବା ରାତି' ବିଷୟରେ କିଛି କହିବା ପୂର୍ବରୁ କବିଙ୍କ ବିଷୟରେ ପଦେ ଭାରି ଆବଶ୍ୟକ ମନେ ହୁଏ।

କବିଙ୍କ ଜନ୍ମ ହୁଏ ଐତିହାସିକ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଅନ୍ତର୍ଗତ ନଣ୍ଡେଇଲୋ ଗ୍ରାମରେ ୨୦.୦୪.୧୯୯୬ ମସିହାର। ଗାଁରୁ ପ୍ରାଥମିକ ଶିକ୍ଷା ସମାପନ ପରେ ଅନୁଗୁଳର ପ୍ରତିଷ୍ଠିତ ଅନୁଷ୍ଠାନ ବାଜିରାଉତ ଛାତ୍ରାବାସରେ ରହି ଖଲାରୀ ଉଚ୍ଚ ବିଦ୍ୟାଳୟରୁ ମ୍ୟାଟ୍ରିକ ପାସ୍ ପରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୁଳରୁ ଯୁକ୍ତଦୁଇ ଏବଂ ଓଡ଼ିଆ ସମ୍ମାନରେ ସ୍ନାତକ। ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର, କଳାଭୂଷଣ ଶିକ୍ଷା ସମାପନ ପରେ ସମ୍ପ୍ରତି ସେଠାରେ କଳା ବିଭୂଷଣ ଭାବେ ଗବେଷଣା ରତ। ବାଜିରାଉତ ଛାତ୍ରାବାସରେ ରହିବା ସମୟରେ ଅଷ୍ଟମ ଶ୍ରେଣୀରୁ ବାଜି ରାଉତ ଛାତ୍ରାବାସର ମୁଖପତ୍ର 'ବାଜି' (ହାତଲେଖା ପତ୍ରିକା)ର ସମ୍ପାଦକ।

ଅନେକ ଲେଖକ ଏହା ସ୍ୱୀକାର କରିଛନ୍ତି ଯେ ସେମାନଙ୍କ ଲେଖକ ଜୀବନର ଏନ୍ତୁଡ଼ିଶାଳ ହେଉଛି କବିତା। ସାହିତ୍ୟ ଭିତରକୁ ପ୍ରବେଶ କରିବାର ବାଟ ହେଉଛି କବିତା। କବି ସନ୍ତୋଷ ଭୋଇ ସେଥିରୁ ବାଦ୍ ପଡ଼ି ନାହାନ୍ତି। ଏହି ନୀତିରେ ସେ ସାହିତ୍ୟ ଭିତରକୁ ପଶନ୍ତି। ତାଙ୍କର ପ୍ରଥମ କବିତା ସଙ୍କଳନ 'ପାହୁନଥିବା ରାତି' ପ୍ରକାଶର ଦିବାଲୋକ ଦେଖେ ୧୫ ମାର୍ଚ୍ଚ ୨୦୨୨ରେ। ବହିଟି ପ୍ରକାଶ ପାଏ ମହାନଦୀ ବିହାର,କଟକର ନିଭା ପ୍ରକାଶନ ତରଫରୁ। ୪୧ଗୋଟି ବିଭିନ୍ନ ସ୍ୱାଦର କବିତାକୁ ନେଇ ଏ ସଂକଳନର କଳେବର । ସେଗୁଡ଼ିକର ନାମ କ୍ରମାନ୍ୱୟରେ ଦେହୀ, କର୍ଣ୍ଣ, ହାର ଓ ଆହାର, ଅନାମିକାରେ, ବନବାସ, କ୍ଷତ, ପାହୁନଥିବା ରାତି, ଫେରିଚାହାଁ ଦୟା, ତୁମ ଭାବନାରେ, ଦାଗ, ଶୋଷ, କୁହୁଡ଼ି ସକାଳେ, ବର୍ଷା, ଶେଷଇଚ୍ଛା, ନଳକୂଅ, ଶୋଷ-୨, ଚପଲ, ସ୍କାଏଲାଇଟର ସୂର୍ଯ୍ୟ, ଘାସ, ମେଲାଣି, ଦାଗ-୨, ଉଡ଼ାଜାହାଜ, ଜୀବନଯାକ, ମାଟି, ପାହାଚ, ପୁଷ୍ପିକା, ପଲକ, ହିସାବ, ଗାଈଆଳ ପିଲା, ଧଳାଶାଢ଼ି, ଭାଲେଣ୍ଟାଇନ, କିଛି ଉପାୟ ନାହିଁ, ନିରୁଦ୍ଦିଷ୍ଟ, ପ୍ରେମ, ଅନ୍ଧାର ଯେତିକି ଆଲୁଅ ସେତିକି, ପଙ୍କିଳ,

ଜମିଭାଗ୍ୟ, ଛେଳି, ଚୌକି ଏବଂ ଆବାହନୀ।

ମହାଭାରତୀୟ ଏକ ଚରିତ୍ର ହେଉଛି କର୍ଣ୍ଣ। ସେଦିନର କର୍ଣ୍ଣ ଯେଉଁଭଳି ଉଦାତ କଣ୍ଠରେ ଉଦ୍ଘୋଷଣା କରିଥିଲା ଯେ 'ଦୈବାୟତ୍ତ କୁଳେ ଜନ୍ମ ମଦାୟତ୍ତ ଚ ପୌରୁଷମ' ତାହା କବିଙ୍କ କର୍ଣ୍ଣ କବିତାରେ ପ୍ରତିଫଳିତ। ଦ୍ରୋଣ ଅନେକ ଚେଷ୍ଟା କରିଥିଲେ ଦ୍ୱିତୀୟ ପାଣ୍ଡବକୁ ଶ୍ରେଷ୍ଠ ବୀର କରିବା ପାଇଁ। କର୍ଣ୍ଣ ଦ୍ରୋଣଙ୍କୁ ପଚାରୁଛି ଯେ ଏ ଚେଷ୍ଟା ସଫଳ ହେବନାହିଁ। ଯେତେ ମିଥ୍ୟା ପ୍ରଚାର କଲେ, ଅସଂଖ୍ୟ କାଳିମା ବୋଳିଲେ ମଧ୍ୟ ପୁରୁଷାର୍ଥ ଯେ ନିଜ ଅଧୀନରେ ଥାଏ ଏହା କାର୍ଣ୍ଣଙ୍କ ଉକ୍ତି। ଏଥିରେ ଦେବତାଙ୍କ ମଧ୍ୟ ଅକାମୀ ହୋଇଯାଏ। ଅନ୍ୟ ଏକ କବିତା ହେଉଛି 'ହାର ଓ ଆହାର'। ଏ କବିତାରେ ସମସାମୟିକ ଭୋଟ ପ୍ରଚାର ଓ ସାଧାରଣ ଜନତାଙ୍କୁ ଦେଖାଉଥିବା ସ୍ୱପ୍ନର ଅଫଳବତୀ ପ୍ରସଙ୍ଗକୁ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି। ଭୋଟ ପ୍ରଚାର ବେଳର ବାସ୍ତବଚିତ୍ର ପ୍ରଦାନ କରିଛନ୍ତି। ନେତାଟିଏ ଦଳୀୟ ସମର୍ଥନରେ ଗାଁ ଗାଁ ବୁଲି ଭୋଟ ମାଗିବା ଏକ ନିୟମ। ମାତ୍ର ସେ ସମୟରେ ଅଳ୍ପଶିକ୍ଷିତ ତଥା ଅଶିକ୍ଷିତ ଖଟିଖିଆ ଦିନ ମଜୁରିଆଙ୍କୁ ସୁରା ସାଗରରେ ପହଁରେଇ, ଦନେ ଦୁଇଦନା ମାଂସ ଦେଇ ମୁଣ୍ଡ କିଣିବା ଆମ ଦେଶରେ ଏକ ସାଧାରଣ କଥା। ଏବିଷୟ ବଡ଼ବାବୁଠାରୁ ଆରମ୍ଭ କରି ସାନ ବାବୁ ଯାଏଁ ସମସ୍ତେ ଜାଣନ୍ତି। ମାତ୍ର କେହି କିଛି କହନ୍ତି ନାହିଁ। ନେତାଙ୍କ ଗଳାରେ ହାର ଦେଲେ ଆହାର ମିଳେ। ମାଳ ମାଳ ପ୍ରତିଶ୍ରୁତି ପାଣିରେ ମିଳେଇ ଯାଏ। ନଗଡ଼ାରୁ ମୁକ୍ତି, ମାଟିରୁ ପକ୍କାଘର, ପାଇଖାନା, ନୂଆ ଚାଉଳ କାର୍ଡ଼ ଏସବୁ କେବଳ ଶୁଣିବାକୁ ଭଲ ଲାଗେ। କବି ଏସବୁକୁ ନିଜ କବିତାରେ ସ୍ଥାନ ଦେଇଛନ୍ତି।

ଏ କବିତା ସଂକଳନରେ ଆଉ ଏକ କବିତା ସ୍ଥାନ ମଣ୍ଡନ କରିଛି ତାହା ହେଉଛି 'ଫେରିଚାହାଁ ଦୟା'। ଦୟାନଦୀକୁ ଦେଖିଲେ ଅତୀତର ଭୟାବହ କଳିଙ୍ଗ ଯୁଦ୍ଧ ମନକୁ ଆସେ। ଅଗଣିତ ସୈନିକଙ୍କ କ୍ଷତଜରେ ରକ୍ତିମା ହେଇଥିବା ନଦୀଜଳ ଓ ତା' ଭିତରେ ବନ୍ୟା ଜଳରେ ନଡ଼ିଆ ଭାସିଲା ପରି ଭାସୁଥିବା ନରମୁଣ୍ଡ, ଦୟାର କୂଳରେ ପାଣି ପାଇଁ ଚିତ୍କାର କରୁଥିବା ଆର୍ତ୍ତନାଦ, ରକ୍ତ ଆଉ କୁଢ଼ କୁଢ଼ ଶବର ପଚା ଗନ୍ଧ ଏସବୁ ସତେ ଯେମିତି ଆମ ଆଖିଆଗରେ ଭାସି ଉଠେ। ଏଣୁ କବି ଦୟାକୁ କହୁଛନ୍ତି ଯେ ତୁ ସେଇ ପଛକୁ ଚାହାଁ, ଯେଉଁଠି ଆମର ଏକ ଦୁଃଖମୟ ଇତିହାସ ଲୁଚି ରହିଛି। ଏ କବିତା ଇତିହାସକୁ ମନେପକାଇବା ପାଇଁ ସାହାଯ୍ୟ କରିବ। କାରଣ କବି କହନ୍ତି- "ଦୟା! ତୁ କଥା କହ/ମୂକ ସାକ୍ଷୀରୁ ବିରତି ନେଇ/ସ୍ମରଣ କରଉଥା ସେ ରକ୍ତିମ ଅଧ୍ୟାୟକୁ/ପୃଷ୍ଠା ବିହୀନ ଏକ ପୋଥି ହୋଇ ।"(ଫେରିଚାହାଁ ଦୟା)

'ଦାଗ' କବିତାରେ କବି ଦାଗକୁ ଏକ ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି। କବିତାକୁ ପଢ଼ିଲେ ଏହା ଅନେକ ପ୍ରକାର ଭାବନାକୁ ଜାଗ୍ରତ କରିବ। ଏ ଦାଗ ଏମିତି ରୂପେ ପ୍ରୟୋଗ ହେଇଛି ଯେ ଯିଏ ଯେଉଁ ଭାବନା ନେଇ କବିତାକୁ ପଢ଼ିବ ଏ ଦାଗଟି ସେଇଠି ଠିକ ସେମିତି ହିଁ ଲାଗିବ। ଅବଶ୍ୟ କବିଙ୍କ "ଛିଃ ଛିଃ ଦାଗ ଲଗେଇ କୁଳ ବୁଡ଼େଇଛି" ପଦକୁ ଦେଖିଲେ ମନରେ ସମାଜରେ ହେଉଥିବା ସମାଜ ନୀତି ବହିର୍ଭୂତ ବିବାହ ବା ପ୍ରେମ ସମ୍ପର୍କରେ ଏ ଦାଗଟି ସୂଚିତ ବୋଲି ଧାରଣା ଆସେ। କବି ସନ୍ତୋଷ ଭୋଇ ସୌଭାଗ୍ୟ କୁମାର ମିଶ୍ରଙ୍କ ଭଳି ସବୁଠି ଶୋଷ ଦେଖିବାକୁ ପାଇଛନ୍ତି ତାଙ୍କ 'ଶୋଷ' କବିତାରେ। ଭାରି ଦୁର୍ଦ୍ଦାନ୍ତ ଶୋଷ ସବୁ କବି ଦେଖିଛନ୍ତି। ଏପରିକି ଜନ୍ମିତ କଳାକୁ ନେଇ ଶୋଷଠାରୁ ମୃତ୍ୟୁ ଶଯ୍ୟା ଯାଏଁ ଏ ଶୋଷ ପରିବ୍ୟାପ୍ତ।

ସାମ୍ପ୍ରତିକକାଳରେ ପ୍ରେମକୁ ନେଇ କବି 'ଭାଲେଣ୍ଟାଇନ' କବିତା ଲେଖନ୍ତି। ପ୍ରେମିକାର ପ୍ରତ୍ୟେକ ପ୍ରଣୟୀ ବାକ୍ୟରେ କବି ବାସ୍ତବତାକୁ ଫେରିଛନ୍ତି। କବି କହନ୍ତି- "ତୁମେ ଦେଖାଇଲ ଆକାଶେ ସ୍ୱପ୍ନ/ମୁଁ ମାଟିରେ ଶୋଇଲି/ତୁମେ ଶିଖାଇଲ ପ୍ରେମର ଛବିବହି/ମୁଁ ଆପଣେଇଲି ସିଲଟ ।"

'ଗାଈଆଳ ପିଲା' ଏ କବିତାର ଭାବ ଅସ୍ପଷ୍ଟ। ଗାଈଆଳ ପିଲା ଆଉ ଗାଈ ଚରେଇବାକୁ ଯିବ ନାହିଁ କାରଣ ସେ କେରଳ ଆଉ ସୁରଟରେ ବନ୍ଦୀ। ସେ ସେଠାରେ କୋଇଲିର ରୋମାଣ୍ଟିକ ଭାବଧାରାରେ ଝୁମି ଯାଉଛି, ଗଜଲ ଆଉ ଖୋକା ଭାଇଙ୍କ ଗୀତରେ ସ୍ୱର ମିଳାଉଛି। ଏପଟେ ସେଇ ଗାଈଆଳ ଜୀବନକୁ ଝୁରି ହେଉଛି। ଏପରି ଅନେକ ଭାବର କବିତା ଏ ସଂକଳନରେ ସ୍ଥାନିତ। ପୃଥିବୀର କୌଣସି କବି ବା ଲେଖକ ଦୋଷମୁକ୍ତ ନୁହଁନ୍ତି। ଅତଏବ ଆମ ସାଧାରଣ ଜୀବନର ଅନୁଭୂତି, ସାଧାରଣ କଥା, ଜୀବନ ଯନ୍ତ୍ରଣା, ହସକାନ୍ଦ, ଲୁହ ଲହୁ, ବାସ୍ତବ ଆଉ କଳ୍ପନା ଏସବୁକୁ ରୋଚକ ଭାବରେ ନିଜ ଦୃଷ୍ଟିରେ ଦେଖି କବିତାର ରୂପକାର ହୋଇଛନ୍ତି କବି ସନ୍ତୋଷ ଭୋଇ। ସମସ୍ତ କବିତାକୁ ଆଲୋଚନା କରିବାର ଅବକାଶ ନଥିବା ହେତୁ ସେଥିରୁ ବିରତ ରହିଲୁ।

----------------- ଉପସ୍ଥାପକ : କନକ ବର୍ଦ୍ଧନ ସାହୁ
ଅଧ୍ୟାପକ, ଓଡ଼ିଆ ବିଭାଗ
ସିନାପାଲି ମହାବିଦ୍ୟାଳୟ, ସିନାପାଲି,
ନୂଆପଡ଼ା

BAGEESHA | VOLUME N0. 01 | ISSUE N0. 03 | MAY - JUNE 2023




ବାଗୀଶ

B.K House, Ground Floor Women's College Lane
Nayagarh- 752069
E-mail : bageesha.magazine@gmail.com
Phone No. 9337166172

EDITOR : BIKESH SAHU | PRICE : 30/-